# ସଉରା ଲୋକଗୀତ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

# ସଉରା ଲୋକଗୀତ

ସଂକଳକ
ଶ୍ରୀ ମୁକୁନ୍ଦ ଚନ୍ଦ୍ର ଶବର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ସଉରା ଲୋକଗୀତ

*ସଂକଳକ* : ଶ୍ରୀ ମୁକୁନ୍ଦ ଚନ୍ଦ୍ର ଶବର
*ସଂପାଦକ* : ପ୍ରଫେସର ଡଃ ଅଖିଳ ବିହାରୀ ଓତା, ଆଇ.ଏ.ଏସ୍.
©*ପ୍ରକାଶକ* : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯
*ପ୍ରଥମ ପ୍ରକାଶ* : ସାଧାରଣତନ୍ତ୍ର ଦିବସ, ୨୦୧୦
*ମୁଦ୍ରଣ* : 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ', ଶ୍ରୀକଣ୍ଠପୁର, ବାଲେଶ୍ୱର
ଫୋନ୍ : ୯୪୩୭୦୮୯୨୪୧

*ମୂଲ୍ୟ* : ଟଙ୍କା ମାତ୍ର

---

# SAORA FOLKSONGS

*Compilor* : **Shri Mukunda Chandra Sabar**
*Editor* : **Prof.Dr. A. B. Ota, IAS**
©*Publisher* : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009
*First Edition* : **Republic Day, 2010**
*Printed at* : 'SUBRNASHREE PRAKASHINI',
Srikanthapur, Balasore
Ph. : 9437089241
*Price* : Rs. Only

# ସଉରା ଲୋକଗୀତ


ସଂକଳକ : ଶ୍ରୀ ମୁକୁନ୍ଦ ଚନ୍ଦ୍ର ଶବର

ସଂପାଦକ : ପ୍ରଫେସର ଡଃ ଅଖିଳ ବିହାରୀ ଓତା, ଆଇ.ଏ.ଏସ୍.

©ପ୍ରକାଶକ : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ସାଧାରଣତନ୍ତ୍ର ଦିବସ, ୨୦୧୦

ମୁଦ୍ରଣ : 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ', ଶ୍ରୀକଣ୍ଠପୁର, ବାଲେଶ୍ୱର
ଫୋନ୍ : ୯୪୩୭୦୮୯୨୪୧

ମୂଲ୍ୟ : ଟଙ୍କା ମାତ୍ର


---

# SAORA FOLKSONGS


*Compilor* : **Shri Mukunda Chandra Sabar**

*Editor* : **Prof.Dr. A. B. Ota, IAS**

©*Publisher* : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

*First Edition* : **Republic Day, 2010**

*Printed at* : 'SUBRNASHREE PRAKASHINI',
Srikanthapur, Balasore
Ph. : 9437089241

*Price* : Rs. Only

# ସଂପାଦକୀୟ.....

*ଏବେବି ସଂଜ ନଇଁଲେ*
*ଘର ଲେଉଟାଣି ବେଳେ*
*ନିଥର ବଣଭୂଇଁ ଜୀବନ୍ତ ହୋଇଉଠେ,*
*ଖିଲି ଖିଲି ହସରେ ଦିନକର ତୃପ୍ତିର ଉପଘରରେ*
*ଭରିଯାଏ ପାହାଡ କନ୍ଦର ।*
*ଶୁଖିଲା ପତ୍ରର ମର୍ମରରେ ଜୀବନ ସଂଗୀତର*
*ମଧୁର ମୂର୍ଚ୍ଛନା ମିଶି ସଉରାବସ୍ତିକୁ ସନ୍ଦେଶ ଦିଏ*
*ଆମେ ଆସୁଛୁ,*
*ଗୋଷ୍ଠୀ ଜୀବନର ଅମୃତସ୍ରାବୀ କଳରବରେ*
*ପୁଣି ଥରେ ପୁଲକିତ କରିବାକୁ ତୋ'ର ବକ୍ଷ*
*ଆମେ ଆସୁଛୁ –*
*ଦିନଚର୍ଯ୍ୟାରେ କ୍ଳାନ୍ତି ଭୁଲି*
*ଆମେ ଆସୁଛୁ ।*

ଏଇ ସନ୍ଦେଶ ଦେଇ ପାଣି, ପବନ, ପାହାଡ଼, ଡ଼ଙ୍ଗରକୁ ଉଲ୍ଲସିତ କରି ରଖିଥିବା ସଉରାଙ୍କର ଜୀବନ, ଜୀବିକା ଓ ସ୍ୱପ୍ନର ଭାବମୁଗ୍ଧ ପ୍ରକାଶ – ଏଇ "ସଉରା ଲୋକଗୀତ" ସଂକଳନ । ରସିକ ଓ ସୁଧୀବର୍ଗଙ୍କର ରସ ତୃଷାକୁ ପ୍ରଶମିତ କରିପାରିବାର ସାମର୍ଥ୍ୟ ଏଥିରେ ଅଛି ।

ଏଇ ଅବସରରେ ମୂଳଉତ୍ସ, ସଂଗ୍ରାହକ, ଏଗୁଡ଼ିକର ଓଡ଼ିଆ ରୂପାନ୍ତରକାରୀଙ୍କୁ ସାଧୁବାଦ ଜଣାଉଛି ।

ଅଖିଳ ବିହାରୀ ଓତା

ଗରଜାଂଡଲେନ ଏଡ଼ା ଡମ୍‌ତିନ୍‌ଲା
ମନ ଅଐଲେ ଓ୍ୱାଗାମଲେ
ପାର୍ଯ୍ୟା ଆପୁରାନ ପେଙ ପେଙଆନ୍ ଆଡିନାଜି
କଙ୍କାଡ଼ି ଓ୍ୱାନ ଏଙଲେଜି ଗାମଲେ
କାଡିଡ୍ ଡେବଡିଙଜି
ଆଲକୁଣ୍ଡୁ ଆଡବ୍ ୟାମତୁମ
ପାନେଡାନ୍ ଆସାରଙ ଓ୍ୱାନଗାମଲେ
ଡିସାରି, ବୁୟା, ଓ୍ୱାନଡେ
ଗରଜାଙନ ସୁଡା ଓ୍ୱାନ ଡେନ
ଡୁମ୍ୱେଙରାଜା ଓ୍ୱାନ ଗାମଲେ
କାମ ସିମଲେ ଆତାଡଡିଙଜି
କୁଂକଂକୁୟୁ ଟାଙ୍ଗଲ ଟାରନା
କୁୟାଁରବାୟେନ ଆରାଡଓ୍ୱାନ ଗାମଲେ ।

ଆମ ଗାଁଆ କାନ୍ଦୁଛି
ଖୁସି କେଉଁଠି ଗଲା
ପୂର୍ବର ପର୍ବପର୍ବାଣୀ ଫିରିଙ୍ଗି(କଙ୍କି) ଖେଳ
ପ୍ରଜାପତି କୁଆଡ଼େ ଉଡିଲେ ବୋଲି
ଢ଼ାମ୍ପ ବାଜା ଶବ୍ଦ
ଧରାଧରି ଧରାଧରି ନାଚଗୀତ
ମହୁରୀ ଶବ୍ଦ କୁଆଡ଼େ ଗଲା ବୋଲି
ଡିସାରୀ, ଜାନୀ, କୁଆଡ଼େ ଗଲେ
ଗାଆଁ ମୁଖିଆ କୁଆଡ଼େ
ଡୁମ୍ୱେଙରାଜା କୁଆଡ଼େ
କୁକୁଡ଼ା ଡାକ, ଧାନକୁଟା
ଖୁସାତଲେ ଫୁଲ ମାଳ
ବନ୍ଧୁ ବାନ୍ଧବ ମୋର କୁଆଡ଼େ ଗଲେ ବୋଲି
ଆମ ଗାଆଁ କାନ୍ଦୁଛି ।

## ଗୀତ - ୧

ଡ଼ାଗା, ଡ଼ାଗା, ଉୟୁଙ ! ମାନ୍‌ରାନ ଅନ ଈାଡ଼୍‌ଈାଡ଼୍ ତିନାଇ ଗାମତେ !

ଡ଼ାଗା, ଡ଼ାଗା ଉୟୁଙ ! ସରାନ ଅଅନ୍ ଈାଡ଼୍‌ଈାଡ଼୍ ତିନାଇ ଗାମତେ !

### ଓଡ଼ିଆ

କିରଣ, କିରଣ, ସୂର୍ଯ୍ୟ ! ମଣିଷ ପିଲା ଖରା ପୁଇଁବି କହୁଛି !

କିରଣ, କିରଣ, ସୂର୍ଯ୍ୟ ! ସଉରା ପିଲା ଖରା ପୁଇଁବି କହୁଛି !

## ଗୀତ - ୨

ତାଙ୍‌ତାଡ୍‌ଡିଙ୍‌ଜା ଆବାଞଡ଼ଙ ତନାଡେନ ଡିଞଡିଞନାଜା ଆବାଞ୍-ଡଙ୍

ତୁଡାଲତୁଡ଼ଜା ଆବାଞଡ଼ଙ୍ ତନାତେନ୍ ଆଡାଲବାଦା ଆବାଞଡ଼ଙ୍

ସିନଡ୍‌ରୁଙ୍ ସୁଙ୍‌ବା ବାଞ୍ଜାଇବା ତନାଞ୍ଜେନ୍ ଗିଗିତଙ୍‌ବା ବାଞ୍ଜାଇବା

ପାପାଉଲବା ବାଞ୍ଜାଇବା ତନାଞ୍ଜେନ୍ ତଙ୍‌ସେଡ୍‌ବାଙ୍ଗା ବାଞ୍ଜାଇବା

### ଓଡ଼ିଆ

ଧାନକୁଟିବା ପାଇଁ ପଠାଅନାହିଁ ଭଉଣୀକୁ,
ରୋଷେଇ ପାଇଁ ପଠାଅନାହିଁ
ଚୁଲିଜଳାଇବା ପାଇଁ ପଠାଅନାହିଁ ଭଉଣୀକୁ,
କାଠପାଇଁ ପଠାଅନାହିଁ,
ବାହାଘରକୁ ପଠାଅ ଭଉଣୀକୁ,
ନାଚଦେଖିବାକୁ ପଠାଅ
ବାଳସଜାଇବାକୁ ପଠାଅ ଭଉଣୀକୁ,
ନାଚିବାକୁ ପଠାଅ ।

## ଗୀତ -୩

ଏ ସୁଜି ଏ ସୁଜି ଡ଼ାଙ୍ଡ଼ି ଅଅନ ଏଡ଼ାତିନ
ଏତେଡ଼, ଗୁତେଡ଼ କଙ୍କଡିତାଡ଼୍ ମେମେତେ
ଏଲାକାଏ୍ଁ, ଏଲାକାଏ୍ଁ ଡ଼ାଙ୍ଡ଼ା
ଅଅନମ୍ ଏଡ଼ାତିନ ଏତେଡ଼ ଗୁତେଡ଼ କଙ୍କଡ଼ିତାଙ୍ ମେମେତେ ।

## ଓଡ଼ିଆ

ଏ ସୁଜି ଏ ସୁଜି ଯୁବତୀ ତୋର ପିଲା କାନ୍ଦୁଛି
କାନ୍ଦୁଛି, ଡାକୁଛି କଙ୍କଡ଼ାପୋକ କ୍ଷୀର ଦେଉଛି
ଏଲାକଏ୍ଁ, ଏଲାକାଏ୍ଁ ଯୁବକ
ତୋପିଲା କାନ୍ଦୁଛି, କାନ୍ଦୁଛି
ଡାକୁଛି କଙ୍କଡ଼ା ପୋକ କ୍ଷୀର ଦେଉଛି !

## ଗୀତ - ୪

ତିନେବିଡ଼୍ ଡ଼କୁଲିନାଏ୍ଁ ଉଡ଼ାଅଲ ପିକାଏଁନ୍
ତିନେବିଡ଼୍ ଡ଼କୁଲିନାଏ୍ଁ କୁରଗାଡ଼ ଅଲ ପିକାଏଁନ
ମେପାନାଡ଼୍ ଗାମ୍‌ଲାଏ୍ଁ ତୁପୁ ବିଡିନ୍ ଡ଼ାଙ୍ଡ଼ା
ମୁୟେନ୍‌ନା ପଢ଼େ ଢ଼େତିନ୍ ଗାମ୍‌ଲାଏ୍ଁ ଇଡ଼ାନ୍ ପିଡ଼ାନ୍ ଡ଼ାଙ୍ଡ଼ା

## ଓଡ଼ିଆ

ଏଠିପୁଣି ରଖିଥିଲି ଆମ୍ବପତର ପିକାମୋର
ଏଠିପୁଣି ରଖିଥିଲି ଜାମୁପତର ପିକାମୋର
ମୁଁ ସିନା କହିଲି
ସେଦିନ ପରା ହେବ ବୋଲି ଭାବିଲି ।

## ଗୀତ – ୫

ସାରିଏଁ ସାରିଏଁ ଗାମତେଲା ଉବାଙ୍ ଗାନୁରାନ୍
ଡ଼ାଡୁମ୍‌ଗାମଲେ ପେସିତେ ଉବାଙ୍ ତୁରୁବାନ୍
ଆଙ୍ଗାଏଡ଼ା, ଗୁଗୁଡ଼ା, ଗାରାଡ଼ାନ୍ ଉବାଙ୍
ସିଂରେସୁର, କାମ୍ବାସୁର, ଏଲାଏଁସୁର ୟାମଲେ ଡ଼ାଙ୍‌ନାଇ
ମାକୁୟେନ ତାଂବଉନ ତାରୁଏଁଣ୍ଡ ନାଏନ୍ ଏଉବାନ୍ ।

### ଓଡ଼ିଆ

ସାରଏଁ ସାରିଏଁ ବୋଲୁଛି ଭାଇ ବରଷା
ଡ଼ାଡୁମ୍ ବୋଲି ଶବ୍ଦ କରୁଛି ଭାଇ ମେଘ
ପାଣି ଧରିବା, ଚୁଆପାଣି, ପିଇବା ପାଣି ଭାଇ
ତଲାରି, ତାଳତଲାରି, ଛତା ଧରି ଆଗୁଳିଜିବା
ଚାଲ ଯିବା ଶିଘ୍ର ଏସାଙ୍ଗ ଯିବା ଏ ଭାଇ ।

## ଗୀତ – ୬

ତେମ୍ମେସାଲଲିନ୍ ୟରାଇତିନ୍ ପାଣ୍ଡୁସାଲ ବେନା
ଏ ଗୁସ୍‌ଲିନ୍ ୟିରାଇତିନ୍ ପାଣ୍ଡୁସାଲ ବେନା
ଉଆ ଆୟିଙ୍ ସତେବିନ୍ କରୁଜଲଲାବିଲ୍ଲା ।
ଉଆନ ଆୟିଙ୍ ସତେବିନ୍ କୁମ୍ବରୁଲାନ ବିଲ୍ଲା ।

### ଓଡ଼ିଆ

ମଦଭାର ଧରି ଚାଲିଗଲା ପାଣ୍ଡୁସାଲ ବେନା ।
ହଲିଝୁଲି ଚାଲିଗଲା ପାଣ୍ଡୁସାଲ ବେନା ।
କୁଆଡ଼େ ଭଉଣୀ ଲୁଚାଇବା କୁରୁଇ ଘାସ ।
କୁଆଡ଼େ ଭଉଣୀ ଲୁଚାଇବା ଜିନା ଘାସ ।

## ଗୀତ - ୭

ଏ ୟାଙ୍ ବାନ୍ତିଲେ ତିଐଲେନ୍
ଏ ୟାଙ୍ ଅତିଲେ ତିଐଲେନ୍
ଏ ୟାଙ୍ ଉବାଙ୍ ଞେନ୍ ଏତେ
ଏ ୟାଙ୍ ସାର୍‌ସାଙ୍ ଗୁର ପାଙ୍ଆଇ
ଏ ୟାଙ୍ ଏଙ୍‌ଲୁଙ୍ ଗୁର ପାଙ୍ଆଇ
ଏ ୟାଙ୍ ତାବାର ଲିଙ୍ ତିନ୍‌ତୁଇ
ଏ ୟାଙ୍ ଅନ୍‌ଜେର ଲିଙ୍ ତିନ୍‌ତୁଇ
ଏ ୟାଙ୍ ୟା'ଇଂଞେନ୍ ଏତେ
ଏ ୟାଙ୍ ଉବାଙ୍ ଞେନ୍ ଏତେ
ଏ ୟାଙ୍ ତାବାରଗୁର ପାଙ୍ଆଇ
ଏ ୟାଙ୍ ତାରିଲଗୁର ପାଙ୍ଆଇ
ଏ ୟାଙ୍ ତାବାରଲିଙ୍ ତିନ୍‌ତୁଇ
ଏ ୟାଙ୍ ଅନ୍‌ଜେର ଲିଙ୍ ତିନ୍‌ତୁଇ
ଏ ୟାଙ୍ ୟାଇଂଙ୍ ଞେନ ଏତେ
ଏ ୟାଙ୍ ଉବାଙ୍ ଞେନ୍ ଏତେ

### ଓଡ଼ିଆ

ଏ ମାଆ ବାଣ୍ଟିକି ଦେ
ଏ ମାଆ ସମାନ ଦେ
ଏ ମାଆ ମୋ ଭଉଣୀ କାନ୍ଦୁଛି
ଏ ମାଆ ମୋ ଭାଇ କାନ୍ଦୁଛି
ଏ ମାଆ ବୁଦୁକାଫଳ ଆଣିଦେ
ଏ ମାଆ ବରଗଛରେ ଲମ୍ବିଛି
ଏ ମାଆ ଅଶ୍ୱସ୍ଥ ଗଛରେ ଲମ୍ବିଛି
ଏ ମାଆ ମୋ ଭଉଣୀ କାନ୍ଦୁଛି
ଏ ମାଆ ମୋ ଭାଇ କାନ୍ଦୁଛି
ଏ ମାଆ ବରକୋଳି ଆଣିଦେ

ଏ ମାଆ କେନ୍ଦୁ ପାଚିଲା ଆଣିଦେ
ଏ ମାଆ ବର ଗଛରେ ଲମ୍ବିଛି
ଏ ମାଆ ଅଶ୍ୱସ୍ଥ ଗଛରେ ଲମ୍ବିଛି
ଏ ମାଆ ମୋ ଭଉଣୀ କାନ୍ଦୁଛି
ଏ ମାଆ ମୋ ଭାଇ କାନ୍ଦୁଛି ।

## ଗୀତ - ୮

ଉଆନ୍ କାକିନ୍ ଆଲଲ ଯିତେ ।
ସୁନ୍‌ସୁଡ଼ିଗରଡ଼ିନ୍ ଆଲଲ ଯିତେ ।
ସାନ୍‌ମପ ସାନ୍‌ମପ ଆଗାମଲି ୟେନ ।
ମାରିଛ ଅଲାନ୍ ଆଡ଼ାଂଗାଡ଼ି
ଆଗାମାଲ୍‌ଏନ୍ କୁରଗାଡ଼ଅଲାନ, ଡ଼ାଂଗଡ଼ି ।
ସାନ୍‌ମ୍‌ପ୍ ସାନ୍‌ମପ ଆଗାମଲମ୍ କୁରଗାଡ଼ ଅଲନ ଡାଙ୍‌ଡିନ୍
ଇସ୍........ଇସ୍..........ଇସ୍.................. ।

## ଓଡ଼ିଆ

ଏ ନାନୀ କେଉଁ ପଟର ଲଲ ଯିବ
ସୁନସୁଡ଼ିନଗରଡ଼ିନ ଗଲଲ ଯିବି
ଆସିବି କି ? ଆସିବି କି ? ଆସିବ କି ବୋଲି କହିଲ
ମରିଚ ପଟର ଭଳିଆ ସୁନ୍ଦରୀ
ବୋଲି କହିଲୁ ଜାମୁକୋଳି ସୁନ୍ଦରୀ
ଆସିବି କି ? ଆସିବି କି ? ବୋଲି କହିଲି
ଜାମୁକୋଳି ସୁନ୍ଦରୀ ।

## ଗୀତ - ୯

ଜାଇତା ଜାଇତା ଆଗାଲିବୁର
ଲାଡ଼ଙ୍କା ଲାଡ଼ଙ୍କା ଆମାୟାବୁର
ଜାଇଲା ଆୟିଡ଼ୁ ସାଡ଼ସାଡ଼ ଆଗୁନାଇ
ଜାଇଲା କାକୁଡ଼ ଉଡ଼ାଗୁର ଆଗୁନାଇବା
ଜାଇଲା କାକୁଡ଼ ଅଲଜାନ୍ ଆଗୁନାଇ ।

### ଓଡ଼ିଆ

ସାନ ସାନ ପର୍ବତ
ବଡ଼ ବଡ଼ ପର୍ବତ
ଆସ ଭଉଣୀ ହଳଦୀ ଲଗେଇଯିବ ।
ଆସ ଭାଇନା ଆମ୍ବ ପାଚିଲା ଲଗାଇଯିବା ।
ଆସ ଭାଇନା ଭାଲିଆ ତୋଳି ଯିବା ।

## ଗୀତ - ୧୦

ଜାବାଲା ଆୟିଂଜି
ଜାବାଲ ଭବାଙ୍ଜି
ଉଡ଼ାଅଲ ସିଡ଼ରଙ୍ବା ଆଐବା
କୁରଗାଡ଼ଅଲ ସିରୁଙ୍ବା ଆଐବା
ଜାବାଲ କାକୁଙ୍ଜି
ଜାବାଲ ବୁୟଙ୍ଜି
ତିରିୟୁଁ ପାନେଡ଼ନ ପାଆଁଇବା
ଗଗେରାଜନ୍ ପାଆଁଇବା
ପୂର୍ବାକିତୁଡାନ୍ ଆନ୍ସାଇ
ପୂର୍ବା ରାଡ଼ାବାନ୍ ଆନ୍ଲକିନ୍ ।

### ଓଡ଼ିଆ

ଆସ ଭଉଣି
ଆସ ଭାଇ
ଆମ୍ବପତର ବାହାଘରକୁ ଯିବା
ଜାମ୍ବଡ଼ାକ ବାହାଘରକୁ ଯିବା
ଆସ ଭାଇନା

॥ ୧୦ ॥

ଆସ ଭାଇ
ମହୁରୀ, ପେଁକାଳି ଧରି ଆସ
ଗଗେରାଙ୍କ ଧରି ଆସ
ପୂର୍ବର ଦେବତାଙ୍କ ଗୋଉରବ ପାଇଁ
ପୂର୍ବର ଦେବତାଙ୍କ ଗୋଉରବ ପାଇଁ ।

### ଗୀତ - ୧୧

ସାରିଏଁ ସାରିଏଁ ଗାନୁରଲି
ଟାରକୁବ୍ ସିଲିନ୍ ତଙ୍ଲେଜି
ଡ଼ବଡ଼ାବ୍ ଡ଼ବଡାବ୍ ଆରେଲିନ୍
ଞିଡ଼ାଲେ ୟୁମ୍‌ଲେଜି
ପାଡ଼ିସଅନ ଡ଼େଲିଜି
ରେଗମ୍ ସିଂଆନ୍ ୟିରଜି ।

ଓଡ଼ିଆ

ଝିପିରି ଝିପିରି ବରଷା
ତାଳିମାରି ନାଚିଲେ
ଡବ୍‌ଡାବ୍ କାଉପଥର
ଗୋଟେଇ ଖାଇଲେ
ଥଣ୍ଡା ଲସମ ଧରିଲା
ଡ଼ାକ୍ତରଖାନାକୁ ଗଲେ ।

### ଗୀତ - ୧୨

ଗୁଡ଼ି ଗୁୟୁର ଗୁୟୁରତିନ୍ ତୁଡିକ୍ ମାଙ୍ଗଡ଼ାନ୍
ମାରା ଗୁୟୁର ଗୁୟୁରତିନ ତୁଡ଼ିକି ମାଙ୍ଗଡ଼ାନ୍
ମାଆର ମାଆର ଲଗି ତଙ୍‌ତେ ତୁ ଡିକି ମାଙ୍ଗଡ଼ା
ମଅର ଲଗି ଗିଏଁଗିଏଁତେ ତୁଡୁକି ମାଙ୍ଡ଼ି ।
ପିୟୁର ମାଙ୍ଲେ ଗୁଡ୍‌ଲେ ତୁଡ଼ିକେ ମାଙ୍ଗଡ଼ା ।
କି ! କି ! କି! କି! ଲଗି ମାଆଙ୍‌ତେ ତୁଡୁକି ମାଙ୍ଗନି ।

## ଓଡ଼ିଆ

ଗୁଡ଼ି ଘୁରୁଛି ଘୁରୁଛି ତୁଡ଼ିକି ମାଙ୍ଗଡ଼ା
ମୟୁର ଘୁରୁଛି ଘୁରୁଛି ତୁଡ଼ିକି ମାଙ୍ଗଡ଼ା
ମଅର ମଅର ବୋଲି ନାଚୁଛି ତୁଡ଼ିକି ମାଙ୍ଗଡ଼ା
ଖୁସି ହୋଇ ଦେଖୁଛି ତୁଡ଼ିକି ମାଙ୍ଗଡ଼ି
ମୁହଁ ବୁଲାଇ ଗଡ଼ିଗଲା ତୁଡ଼ିକି ମାଙ୍ଗଡ଼ା
କି! କି! କି! କି! ବୋଲି ହସୁଛି ତୁଡୁକି ମାଙ୍ଗଡ଼ି ।

## ଗୀତ- ୧୩

କତାଜାଲା ପାଡ଼ଡଅାଁଇ ତିପଡାଇ ଅଂତି
କଲିଜଲା ପାଡ଼ଡନାଇ ତି ବଡ଼ାଇ ଅଂତି
ସିଗଲେ ତିଐଡୟିଙ୍ ତିୟଡ଼ାଇ ଅଂତି
ପୌଗଲେ ତିଐଡୟଙ୍ ତିୟଡ଼ାଇ ଅଂତି ।
ଗୁବିନ୍‌ତଲା କାପାନମ୍ ତିଅଡ଼ାଇ ଅଂତି
ତା ବିନ୍‌ତଲା କାପାନ୍‌ମ୍ ତିଅଡ଼ାଇ ଅତି
ଜୟ ଗାମଲେ ନିୟରା ତିଅଡ଼ାଇ ଅଂତି
ରେ ଗାମଲେ ନିଇରା ତିଅଡ଼ାଇ ଅଂତି ।

## ଓଡ଼ିଆ

ସେପଟ ଉଡ଼ନା ମାଆ ଚଢ଼େଇ
ଏପଟ ଉଡ଼ନା ମାଆ ଚଢ଼େଇ
ଛିଣ୍ଡେଇ ଦେଉନା ମାଆ ଚଢ଼େଇ
ଛଣ୍ଡେଇ ଦେଉନା ମାଆ ଚଢ଼େଇ
ପର ଝାଡ଼ି ଡେଣା ହଲାଇ ଉଡିଜା ମାଆ ଚଢ଼େଇ
ପର ଝାଡ଼ି ଡେଣା ହଲାଇ ଉଡିଜା ମାଆ ଚଢ଼େଇ
ଶବ୍ଦ କରି ଉଡିଜା ମାଆ ଚଢ଼େଇ
ଶବ୍ଦ କରି ଉଡିଜା ମାଆ ଚଢ଼େଇ ।

## ଗୀତ - ୧୪

ଏ ଲାଙ୍ଗମି ନିୟେଙ୍ଗ୍ ଅଣ୍ଡାୟାଇ
ଏ ଲାଙ୍ଗାମାନୁଆଙ୍ଗ୍ ଡ଼ାଲୁଡ଼ାଇ
ଆସୁଇମି ବିର୍ଣ୍ଣାଲେନନା ଆଣ୍ଡାୟାଇ
ବାନୁୟିମ୍ ବାର୍ଣ୍ଣାଲେନ୍ନା ଡ଼ାଲୁଡ଼ାଇ

ଗର୍ଜାଙ୍ଗ୍ଲିଙ୍ଗ୍ ଗାମାଙ୍ଗନ୍ ଗୁଆଇବା
ଗର୍ଜାଙ୍ଗ୍ଲିଙ୍ଗ୍ ଡିଶାରି ଗୁଆଇବା
ତିତିନ ଅଲନ୍ ପରର୍ଜାନ୍‌ଜି ଇୟାଇବ ।
ଏଡେର ଅଲନ୍ ପରର୍ଜାନଜି ଇୟାଇବା ।

କାରାଡ଼ଲାନ୍ ସିଗୁଙ୍ଗବା ଇୟାବା
ଉଡ଼ାଅଲାନ୍ ସିଗୁଙ୍ଗ୍‌ବା ଇୟାବା
କାନିନ କିନ୍ ପେସିଙ୍ଗ୍‌ଲେ ଇୟାବା
ତଙ୍ଗ୍‌ସେଙ୍ଗ୍ ଲିନ୍ ଡେବ୍‌ଡେବ୍‌ଲିନ ଇୟାଇବା ।

### ଓଡ଼ିଆ

ଏ ଲାଙ୍ଗାମି ମୁଁ ଛାଡିବିନାହିଁ
ଏ ଲାଙ୍ଗାନୁଇ ବାପାଟି ଶୁଣ
ଟିକିଏ ଆମ କଥା ଶୁଣିଯିବକି
ଟିକିଏ ଆମକଥା ଶୁଣିଯିବ କି

ଗାଆଁର ଗମାଙ୍ଗକୁ ଡ଼ାକ
ଗାଆଁର ଡ଼ିଶାରିକୁ ଡ଼ାକ
ତେନ୍ତୁଳି ପତର ପରି ଲୋକଆସ
ଅଁଳା ପତର ପରି ଲୋକଆସ

କରା ପତ୍ର ବାହାଘରକୁ ଆସ
ଆମ୍ବପତ୍ର ବାହାଘରକୁ ଆସ
ଗୀତଗାଇ ଶିଶିମାରୀ ଆସ
ନାଚିନାଚି ବାଜାବଜାଇ ଆସ ।

## ଗୀତ - ୧୫

ମାଲାସାଙ୍ଗ ଆଗୁନାଇ ଜୁମ୍ପିତାରନ
ମାଲାସାଙ୍ଗ ଆଗୁନାଇ ରେଗେଡ଼େ ତାରନ୍
ନାଇସାଙ୍ଗ ଗାମତେ ତାରବା ମାରନ ।
ମାଲାସାଙ୍ଗ ଆଗୁନାଇ କିରିତାରନ୍
ମାଲାସାଙ୍ଗ ଆଗୁନାଇ ବାରତାରନ୍
ନାଇସାଙ୍ଗ ଗାମତେ ତାରବା ମାରାନ୍ ।

### ଓଡ଼ିଆ

ଝଲେ ସାଙ୍ଗ ତୋଳିଯିବା ଜୁମ୍ପିଫୁଲ
ଝଲେ ସାଙ୍ଗ ତୋଳିଯିବା ରେଗେଡ଼େ ଫୁଲ
ନାହି ସାଙ୍ଗ ବୋଲୁଛି ଫୁଲ ବାଲା
ଝଲେ ସାଙ୍ଗ
ଝଲେ ସାଙ୍ଗ ବାରଫୁଲ
ନାହି ସାଙ୍ଗ ବୋଲୁଛି ଫୁଲ ବାଲି ।

## ଗୀତ - ୧୬

ଉନକି ମାଡ଼ିଏ ସାର୍ ଅନ୍‌ଲିଡ୍ ଗୁମ୍ପାଲାଇ
ବାଉଁଏନ୍ ୟିରାତନ୍ କିରଗାମ୍‌ଲେ ସିଲାଏ
ମାମାଏନ୍ ଆୟିରାଇତିନ୍ ମତେ୍‌ଙ୍‌ଲେ ସିଲାଏ ।

### ଓଡ଼ିଆ

ଚାରିମାଣ ଧାନ କୁଟୁଣୀରେ ଢାଳିଲି
ଭୁଇଁ ମୋର ଆସିବାର ଦୁନି ହୋଇ ରହିଲି
ମାମୁଁ ମୋର ଆସିବାରୁ ମୁହଁ ବୁଲେଇ ରହିଲି ।

## ଗୀତ - ୧୭

ଡ଼ାଙ୍‌କି କୁଲନ ତିଙ୍‌ଲେ ଞାନାଏ ବାରୁ ୱାଲ ବାଞେନ୍
ଜମଲନୟୁ ଞାମଲେ ୟାନାଇ ଗୁଡ଼ାଡ୍ ଆଲବାଞେନ୍

ଏ ସାବାଡ଼ାଗି ଡେତିନ ବୁଗୁଲି ନାୟେଙ୍
ଏ ରୟଙ୍‌ଡାଗି ଡେତିଙ ଏବୁଗୁଲି ନାୟେଙ୍

ଡ଼ାଙ୍‌କି କୁଲ ତିଙ୍‌ଲେୟୁ ଏଁତାଏ ବାରୁୱାଲ ବାନାମ
ଜମଲନ୍‌ୟୁ ଞାମଲେ ଏଁତାଏ ଗୁଡ଼ାଙାଲ ବାନାମ

ଏରସାବଡାଗି ଡେକିଞ ଏବୁଗୁଲି ନା ଆୱା ।
ଏରୟାଁଡାଗି ଡେତିଏଁ ଏ ବୁଗୁଲି ନା ଆୱା ।

### ଓଡ଼ିଆ

ଭାତ ହାଣ୍ଡି ଭୁଇଁକି ଋଲେ ଆମ ପର୍ବତ ପାଖେ
ବିହନ ଧରି ଋଲେ ଆମ ବାଡ଼ପାଖେ

ସମୟ ହେଉନି ବୁଗୁଲିର ମାଆ
ସମୟ ହେଉନି ଏ ବୁଗୁଲିର ମାଆ

ଭାତ ହାଣ୍ଡି ଭୁଇଁକି ଆସିବି ତୁମ ପର୍ବତ ପାଖେ
ବିହନ ଧରି ଆସିବି ତୁମ ବାଡ଼ ପାଖେ

ସମୟ ନହେଲାପରି ଲାଗୁଚି ଏ ବୁଗୁଲିର ବାପା
ସମୟ ନହେଲା ପରି ଲାଗୁଚି ଏ ବୁଗୁଲିର ବାପା ।

## ଗୀତ - ୧୮

ଉୟୁଡାନ୍ ଆଗାଜନ୍ ଡ଼ିନେ ଆବାଂସା,
ତୁଇ ତୁଇଙ୍ଗାନ ସୁଙ୍କରାନ୍ ଡିନେ ଆଲାଙ୍ଗା
ତାଗୁବାନ ଗାନୁରାନ୍ ଡ଼ିନେ ଆବାଂସା,
ତଅଗିନ୍ ରାଙ୍ଗିନ୍ ଡ଼ିନେ ଆବାଂସା
ଓ୍ୱା, ଅନ୍‌ଜି, ୟାଙ୍‌ନ୍‌ଜି, ଡ଼ିନେ ଆଲାଙ୍ଗା
ବୁୟାଂଡାଜି ତନାବିନ୍ ଡିନେ ଆବାଂସା
ଉମାନାଲେନ୍ ରାଆଇନାଲେନ ଡିନେ ଆଲାଙ୍ଗା
ସାରସାର୍ ଗୁଲେନ୍ ମଇମଇ ଜଲେନ୍ ଡିନେ ଆଲାଙ୍ଗା
ଜିଜିନାଲେ ରତୁଡ୍‌ନାଲେ ଡିନେ ଆଲାଙ୍ଗା
ଟାନ୍‌ଲତଲ ରାନୁରୁଲେନ୍ ଡିନେ୍ ଆଲାଙ୍ଗା ।

### ଓଡ଼ିଆ

ସୂର୍ଯ୍ୟ, ଚନ୍ଦ୍ର, ଏତେ ସୁନ୍ଦର
ତାରା, ନକ୍ଷେତ୍ର ଏତେ ସୁନ୍ଦର
ମେଘ ବରଷା ଏତେ ସୁନ୍ଦର
ନିଆଁ, ପବନ ଏତେ ସୁନ୍ଦର
ବାପା, ମାଆ, ପିଲା ଏତେ ସୁନ୍ଦର
ଭାଇଭଉଣୀ ଏତେ ସୁନ୍ଦର
ଆମ ଗାଧୁଆ, ପିନ୍ଧାପିନ୍ଧି ଏତେ ସୁନ୍ଦର
କୁଣ୍ଡାକୁଣ୍ଡି, ତେଲ ଲଗାଇ ଚିକ୍କଣ ଏତେ ସୁନ୍ଦର
ପିନ୍ଧାପନ୍ଧି, ସାର୍ଟ ଆମର ଏତେ ସୁନ୍ଦର
ହାତପିନ୍ଧା ଆମର ଏତେ ସୁନ୍ଦର ।

## ଗୀତ - ୧୯

ଡିନବା ଡିନବା ଡିନବା ବୁୟଂଜି
ଡିନବା ଡିନବା ଡିନବା ତନାନ୍‌ଜି
ଇତିନ ଆସନ୍‌ଲିନ୍‌ଲା ଆଗାମଲେନ୍ ବୁୟାଂଜି
ଇତିନ ଆସନ୍‌ଲିନ୍‌ଲା ଆଗାମଲେନ୍ ତନାନ୍ ।
ଉଗାରରେନ୍ ତୁଜିଂବିନ ଆସନ୍‌ଲିନ୍
ଉଗାରରେନ୍ ମାରିବିନ୍ ଆସନ୍‌ଲିନ୍
କାନିରୟଙଂ ମିନୁମ୍ ଲିଙ୍‌ଲା ବୁୟାଂଜି
କାନିରୟଂର ଡିନାଲଂଲା ତନାନ୍ ।
ଉଗାରରେନ୍ ମାରିବିନ୍ ଡେଡିଲା ବୁୟାଂଜି
ପୁରାଡ଼ାନ୍ ମାରିବିନ ଡେଡିଲା ତନାନ୍‌ଜି ।
କାନି ଆବଇ ଆବ୍‌ସୁଇ ବିର୍ଣ୍ଣାଲା ବୁୟାଂଜି
କାନି ଆବଇ ଆବସୁଇ ବିର୍ଣ୍ଣାଲା ତନାନ୍‌ଜି ।
ବଙ୍‌ସା ବାରାନ୍ ଲୁମ୍‌ଲବିନ ଡେନ୍ ବୁୟାଂଜି
ବାଙ୍‌ସା ବୁଡ଼ିନ୍ ୟାଁଲବିନ ଡେନ୍‌ଲା ତନାନ୍‌ଜି
ୟିରାଇବା ୟିରାଇବା ୟିରାଇବା ବୁୟାଁଜି
ୟାଁନାଇବା ୟାଁନାଇବା ୟାଁନାଇବା ତନାନ୍‌ଜି ।
କାନିନାଙ୍ଗେ ରୟଙ୍ ଡିନାଲିଂଲା ବୁୟାଂଜି
କାନିଲୁଲୁନା ଡିନାଲିଂଲା ତନାନ୍‌ଜି
ରୟଙନ୍ ଲୁଲୁନା ୟାଁଲବି ବୁୟାଁଜି
ଆନାବଲୁ ବନାଂସାନ୍ ୟାଁଲବି ତନାନଜି ।

## ଓଡ଼ିଆ

ଉଠ ଉଠ ଉଠ ଭାଇମାନେ
ଉଠ ଉଠ ଉଠ ଭଉଣୀମାନେ
କ'ଣ ପାଇଁ କହିଲେ ଭାଇମାନେ
କ'ଣ ପାଇଁ କହିଲେ ଭଉଣୀ
ହୃଦୟକୁ ପବିତ୍ର କରିବା ପାଇଁ
ହୃଦୟକୁ ପବିତ୍ର କରିବା ପାଇଁ

ଏହି ଅବସର ବର୍ଷରେ ଭାଇମାନେ
ଏହି ଅବସର ଦିନରେ ଭଉଣୀମାନେ

ହୃଦୟକୁ ପବିତ୍ର କରିବାକୁ ହେବ ଭାଇମାନେ
ପ୍ରାଣକୁ ପବିତ୍ର କରିବାକୁ ହେବ ଭଉଣୀମାନେ

ଏହା ଗୋଟେ ଦେଖାଇବା କଥା ଭାଇମାନେ
ଏହା ଗୋଟେ ଦେଖାଇବା କଥା ଭଉଣୀମାନେ

ଭଲ କାମ କଲେ ଭାଇମାନେ
ଭଲ ଜ୍ଞାନ ପାଇଲେ ଭଉଣୀମାନେ

ଆସ ଆସ ଆସ ଭାଇମାନେ
ଚାଲ ଚାଲ ଚାଲ ଭଉଣୀମାନେ

ଏହି ଅବସର ଦିନରେ ଭାଇମାନେ
ଏହି ଅବସର ଦିନରେ ଭଉଣୀମାନେ

ଅବସର ବିଶ୍ରାମ ପାଇବ ପାଇଁ ଭାଇମାନେ
ସୁଖ ଶାନ୍ତି ପାଇବା ପାଇଁ ଭଉଣୀମାନେ ।

## ଗୀତ - ୨୦

ମନା ମନାଲିଂନାମ ବୁୟାଂ
ଜିଇ ଜିଇଲିଂନାମ ତନାନ୍
　　　　ପାପାନ୍ ତୁବ୍‌ଙନେଲା ବୁୟାଂ
　　　　ପାପାନ୍ ତୁବଙନେଲା ତନାନ୍
ପାଞ୍ଚାଡ଼ିନ ତୁବଙନେଲା ବୁୟାଂ
ପାପାନ ତୁବଙନେଲା ତନାନ ।
　　　　ଡାଗିନ୍ ତୁବ୍‌ଡଂନେଲା ବୁୟାଂ
　　　　ତୁସିନ୍ ତୁବ୍‌ଡଂନେଲା ତନାନ୍
ଆମାଙ୍ଗମ୍ ତୁବ୍‌ଡଂନେଲା ବୁୟାଂ
ବାକିୟିମ୍ ତୁବଡଂନେଲା ତନାନ୍ ।
　　　　ଜୁମ୍ବରନ୍ ତୁବଡଂନେଲା ବୁୟାଂ
　　　　ଅଡ଼େରନ୍ ତୁବ୍‌ଡଂନେଲା ତନାନ୍
ବୁତିଜା ଆଗିଜିଂଗାମ୍‌ଡଂ
ବୁତିଜା ଆଗୀଲାମିଂଗାମଡଂ

### ଓଡ଼ିଆ

ମନେ ମନରେ ଭାଇ
ହୃଦୟ ହୃଦୟରେ ଭଉଣୀ
　　　　ପାପ କରୁନା ଭାଇ
　　　　ପାପ କରୁନା ଭଉଣୀ
ବ୍ୟଭିଚର କରୁନା ଭାଇ
ପାପ କରୁନା ଭଉଣୀ
　　　　ବ୍ୟବଚ୍ଛେଦ କରୁନା ଭାଇ
　　　　ଦୋଷ କରୁନା ଭଉଣୀ
ହିଂସା କରୁନା ଭାଇ
ହତ୍ୟା କରୁନା ଭଉଣୀ
　　　　ଚୋରି କରୁନା ଭାଇ
　　　　ଠକ କରୁନା ଭଉଣୀ
କିଏ ଦେଖୁନି ଭାବୁନା
କିଏ ଜାଣୁନି ଭାବୁନା ।

## ଗୀତ - ୨୧

ଏ ବୁୟାଂ ବୁୟାଂ ବୁୟାଂ ଲଗିଲା
ଏ ତନାନ୍ ତନାନ୍ ତନାନ୍ ଲଗିଲା
ଗାନୁଡ଼ିଂ ସାଗଂ ସାଡାତି ବୁୟାଂ
ଡାନିମ୍ୟିମ୍ ସାଗଂ ସାଡ଼ାତି ତନାନ୍ ।

ସାନ୍ଡୁଂ ସାନ୍ଡୁଲେ ଗୁଡିଲଂତିନଲା ବୁୟାଂଙ୍
ସାନ୍ଡୁଂ ସାନଡୁଙ୍ଲେ ଆପ୍ପୁଙ ଲଂତିନଲା
ଆସୁୟିମ୍ ସାଗିଂ ଆମ୍ଡଂଙା ବୁୟାଂ
ତନୁମ୍ୟିମ୍ ସାଗଂ ଆମ୍ଡଙା ତନାନ୍ ।

କାନାଲ କନଲ କଲନ୍ ଆଉରବିନ୍ ଆସନ୍ଲା
ରାନେଗେଲନ୍ ଆମାରିବିନ୍ ଆସନ୍
ବାତଂ ବୁଡିଗ ଡେଡ଼ଙଲା ବୁୟାଂ
ବାତଂ ଜିଇଗି ଡେଡ଼ଙ୍ଲା ତନାନ୍

ମଜାଜା ଆଗାସା ଅଡ଼ାରଗିଂ
ବୁଡିଜା, ଆରିକାଲି ୟରୟରଗିଂ
ବାତଂବୁଡିଗି ଡେଡଲା ବୁୟାଂ
ବାତଂ ଜିଇଗି ଡେଡଲା ତନାନ୍ ।

## ଓଡ଼ିଆ

ଏ ଭାଇ ଭାଇ ଭାଇ ବୋଲି
ଏ ଭଉଣୀ ଭଉଣୀ ଭଉଣୀ ବୋଲି

ଡାକିବା ସ୍ୱର ଶୁଭୁଛି ଭାଇ
ଶାନ୍ତିର ସ୍ୱର ଶୁଭୁଛି ଭଉଣୀ

ବୁଲି ବୁଲି ଡାକୁଛି
ବୁଲି ବୁଲି କହୁଛି
ଧ୍ୟାନ ଦେଇ ଶୁଣ ଭାଇ
ଶାନ୍ତିରେ ଶୁଣ ଭଉଣୀ

କଷ୍ଟ ଯନ୍ତ୍ରଣା ଛାଡ଼ିବା ପାଇଁ
ଅସୁବିଧା ନିର୍ମଳ କରିବାପାଇଁ
ଭୟଭୀତ ହେଉନା ଭାଇନା
ଭୟଭୀତ ହେଉନା ଭଉଣୀ

କେହି ନାହିଁ, ଏସଂସାରେ
କେହି ନାହିଁ, ଏ ଜଗତେ
ଭୟଭୀତ ହେଉନା ଭାଇ
ଭୟଭୀତ ହେଉନା ଭଉଣୀ ।

## ଗୀତ - ୨୨

ଅଡ଼ାର ଗାଡ଼ିଲତୁଂ ଆଲିମ୍ତମ୍ଲା
ଯର୍‌ଯର ଗାଡିଲତୁଂ ଆଲିମତମ୍ଲା
କୁତୁବ୍ ସାନାବାଜାତୁଙ୍ ଆଲିମ୍ତମ୍ଲା
ଅଡ଼ାର ଡିଶାନ ଆମନ୍ ଗାବଡିଲେଲା
ୟେରୟେର ଡିଶାନ୍ ମାନ୍‌ରାନ୍ ବାରିଲେଲା ।
ବାରୁ ବାସେଂଆମାନ ଗାବ୍‌ଡିଲେଲା
ଗୁଡ଼ାଂବାସେଂ ଆମାନ୍ ଗାବ୍‌ଡିଲେଲା
ଆଜିଂ କୁରାବ୍ ଆମ୍‌ନ୍ ଗାବ୍‌ଡିଲେଲା
ଆତମ୍ ବିରନାନମଲା ବାତିଲା
ଆତମ୍ ଇସୁମ୍‌ନାମଲା ବାତିଲା
ପାପାନ୍ ସାତା ବାଗିଲିଲା ଏ ଓ୍ୱାଙ୍
ପିନ୍ତୁନ୍ ସାତା ଆତେଡ଼୍‌ଲିଲା ଏ ଓ୍ୱାଙ୍
ଇରସିନ୍ ସାତା ୟିରାଇତିଲା ଏ ଓ୍ୱାଙ୍
କାନିନା ଆସନ୍ ସାନାବ୍‌ଜାନମ୍ ଏ ଓ୍ୱାଙ୍
କାନିନ୍ ଆସନ୍ ଆନାବ୍ ପାଇନ୍‌ମ୍ ଏ ଓ୍ୱାଙ୍ ।
ଆନ୍‌ତିନ୍ ଆସନ୍ ନାମି ଆନ୍‌ଲେନ୍‌ଲା
କାନିଆୟମ୍ ଲିଙାନ୍ ଆନ୍‌ଲେ ଏ ଓ୍ୱାଙ୍
ଆୟୁଂମ୍ ଲିଂନାମ୍ ଅକିଇଲା ଡିର୍ ତିନାଇଲା
ପାପା ପିନ୍‌ତୁ ସାରିଂ ତାମାଡ଼୍‌ଲେନ୍‌ଲା
ଇର୍‌ସିନ୍ ବାରାଲନୁମ୍ ମାଡ଼ରିଲେନ୍‌ଲା ।
କଲିତିନାଲିଂ ଡାୟର ରରାଇ ଏ ଓ୍ୱାଙ୍
କଲିଯୋଗାଲିଂ ଲାସନାଇ ଏ ଓ୍ୱାଙ୍
ଗେଗେଡ଼ମ୍ ଡ଼ିନା ଡ଼ାୟରରାଇ ଏ ଓ୍ୱାଙ୍
ଆନ୍‌ଲେନ୍ ଆଡଂ ଆସେଡ଼ାଦିନ୍ ଆସନ୍
ଆନ୍‌ଲେନ୍ ଆଡ଼ଆବାସିବିନ୍ ଆସନ୍
କାନି ଡିନେ କାନିନ୍ କିନ୍ ବାତିଲା
କାନି ଡିନେ ତାନାରଜାବ ବାତିଲା
କାନି ଡିନେ କାନିନ୍‌କିନ୍ ବାତିଲା
ତୁମ୍ ଢିଂଲିନ୍ ଆଲିମତ୍‌ମ୍ଲା ଓ ଓ୍ୱାଙ୍
ତୁନାରାବି ସିଲିନ୍ ଆଲିମତମ୍ଲା ଏ ଓ୍ୱାଙ୍

॥ ୨୨ ॥

## ଓଡ଼ିଆ

ଜଗତର ସୃଷ୍ଟିକର୍ତ୍ତା ନମସ୍କାର
ଜଗତର ସୃଷ୍ଟିକର୍ତ୍ତା ନମସ୍କାର
ସମସ୍ତ ସୃଷ୍ଟିର ସ୍ରଷ୍ଟା ନମସ୍କାର
ସମଗ୍ର ଜଗତ ସୃଷ୍ଟିକର୍ତ୍ତା ତୁମେ
ସମଗ୍ର ଜଗତ ସୃଷ୍ଟିକର୍ତ୍ତା କର୍ତ୍ତା

ପାହାଡ଼, ଜଙ୍ଗଲ ତୁମେ ସୃଷ୍ଟି କରିଲ
ବାଡ଼, ବିଲ, ତୁମେ ସୃଷ୍ଟି କରିଲ
ଘାସ, ଗଛ ତୁମେ ସୃଷ୍ଟି କରିଲ
ତୁମ ବାକ୍ୟ ଦ୍ୱାରା
ତୁମ ଇଛା ଦ୍ୱାରା

ପାପରେ ପୂର୍ଣ୍ଣ ଏ ସଂସାର ପ୍ରଭୁ
ପାପରେ ଭରପୂର ଏ ସଂସାର ପ୍ରଭୁ
ପାପ ଖାଲି ଆସିଲ ଏ ସଂସାର ପ୍ରଭୁ
ଏହା ପାଇଁ ସୃଷ୍ଟି ତୁମର ପ୍ରଭୁ
ଏହା ପାଇଁ ପ୍ରେରଣ ତୁମର ପ୍ରଭୁ

ସେଥିପାଇଁ ଆଜି ଆମେ
ଏହି ସମୟରେ ଆମେ ଏ ପ୍ରଭୁ
ତୁମ ନାମରେ ପୁଣି ବିଶ୍ୱାସ କରୁ
ପାପ ଠାରୁ କ୍ଷମା ଦିଅ ପ୍ରଭୁ
ପାପ ଠାରୁ ପବିତ୍ରକର ପ୍ରଭୁ

କଳି ଦିନରେ ଫେରିଆସ ଏ ପ୍ରଭୁ
କଳି ଯୁଗରେ ଓହ୍ଲେଇ ଆସ ଏ ପ୍ରଭୁ
ଶେଷ ଦିନ ଦିନରେ ଫେରିଆସ ପ୍ରଭୁ
ଆମମାନଙ୍କୁ ବାଛିବା ପାଇଁ
ଆମ ମାନଙ୍କୁ ବାଛିବା ପାଇଁ

ଏତିକି ଗୀତ ସହିତ
ଏହି କି ନିବେଦନ ସହିତ
ଏହି କି ଗୀତ ସହିତ
ଆଣ୍ଠୁପାତି ନମସ୍କାର ଜଣାଇଛୁ ପ୍ରଭୁ
ମୁଣ୍ଡା ନୁଆଁଇ ନମସ୍କାର ଜଣାଉଛୁ ପ୍ରଭୁ ।

## ଗୀତ - ୨୩

ଡାମାଡ଼ିଂ ଏ ଓ୍ୱାଙ୍ ଡାମାଡ଼ିଂ
ଡ଼ାଜିଂ ଡ଼ାକୁ ଲିଙ୍ଗ ୟେଁନ୍
ଡ଼ାଜିଂ ଡ଼ାକୁ ଲିଂସା ୟେଁନ୍ ।
ଡ଼ାଜିଂ ଡ଼ାକୁ ଲିଂସା ୟେଁନ୍
ଡ଼ାଜିଂ ଡ଼ାକୁ ପଇନା ୟେଁନ୍
ଡାଜିଂ ଡ଼ାକୁ ଭୂତ ୟେଁନ୍
ଡାଜିଂ ଡ଼ାକୁ କୁଲମା ୟେଁନ୍
ଡାଜିଂ ଡ଼ାକୁ ଇଡ଼ାଇ ୟେଁନ୍
ଡାଜିଂ ଡ଼ାକୁ ସନୁମ୍ ୟେଁନ୍ ।
ଡାଜିଂ ଡ଼ାକୁ ଆଲି ପୁରୟେଁନ୍
ଡାଜିଂ ଡ଼ାକୁ ମିୟାଁମ୍ ପୁର୍ୟେଁନ ।
ଡ଼ାଜିଂ ଡ଼ାକୁ ଲାବ୍ ପୁରୟେଁନ
ଡ଼ାଜିଂ ଡ଼ାକୁ ଇଲଡ଼ା ପୁରୟେଁନ !
ଡ଼ାଜିଂ ଡ଼ାକୁ ତାଙ୍ର ପୁର ୟେଁନ ।
ଡ଼ାଜିଂ ଡ଼ାକୁ ରାତୁଡ଼ ପୁରୟେଁନ
ଡ଼ାଜିଂ ଡ଼ାକୁ କାନି ପୁରୟେଁନ
ଡ଼ାଜିଂ ଡ଼ାକୁ ଜଡ଼ା ପୁର ୟେଁନ ।
ଡ଼ାଜିଂ ଡ଼ାକୁ ଲଡ଼ାପୁରୟେଁନ
ଡ଼ାଜିଂ ଡ଼ାକୁ ମାନି ପୁରୟେଁନ ।
ଡ଼ାଜିଂ ଡ଼ାକୁ ପାପଂ ପୁରୟେଁନ
ଡ଼ାଜିଂ ଡ଼ାକୁ ପିନ୍ତୁ ପୁରୟେଁନ
ଡ଼ାଜିଂ ଡ଼ାକୁ ଇର ପୁର୍ୟେଁନ
ଡ଼ାଜିଂ ଡ଼ାକୁ ଇର ପୁରୟେଁନ ।
ଡ଼ାଜିଂ ଡ଼ାକୁ କିନ ବାତି
ଡ଼ାଜିଂ ଡ଼ାକୁ ପିନ୍ତୁନ୍ ଗାଲାମ୍ତାମ୍ ।

## ଓଡ଼ିଆ

କ୍ଷମା ଦିଅ ପ୍ରଭୁ କ୍ଷମା
ଯେତେ ଥିଲେ ମଧ୍ୟ
ଯେତେ ହିଂସା ଥିଲେ ମଧ୍ୟ
ଯେତେ ପାପ ଥିଲେ ମଧ୍ୟ
ଯେତେ ଅଜ୍ଞାନ ଥିଲେ ମଧ୍ୟ
ଯେତେ ଅବାଧ୍ୟ ଥିଲେ ମଧ୍ୟ
ଯେତେ ଭୂତ ଥିଲେ ମଧ୍ୟ
ଯେତେ ଦେବତା ଥିଲେ ମଧ୍ୟ

ଯେତେ ଅଛି ମଦ ପୂଜା ମୋର
ଯେତେ ଅଛି ରକ୍ତ ପୂଜା ମୋର
ଯେତେ ଅଛି ମାଟି ପୂଜା ମୋର
ଯେତେ ଅଛି ପ୍ରେତ ପୂଜା ମୋର
ଯେତେ ଅଛି ରାତି ପୂଜା ମୋର
ଯେତେ ଅଛି କାନି ପୂଜା ମୋର
ଯେତେ ଅଛି ନାଳ ପୂଜା ମୋର

ଯେତେ ଅଛି ଲାଦା ପୂଜା ମୋର
ଯେତେ ଅଛି ମାନିବା ପୂଜା ମୋର
ଯେତେ ଅଛି ପାପ ପୂଜା ମୋର
ଯେତେ ଅଛି ପୂଜା ମୋର
ଯେତେ ଅଛି ନ ହେବା ପୂଜା ମୋର
ଯେତେ ଅଛି ସ୍ନେହ ପୂଜା ମୋର
ଯେତେ ପାପ ଅଛି ତୋତେ ଜଣାଇଛି ।

## ଗୀତ - ୨୪

ଏ ଓ୍ୱାଙ୍ ଗାବ୍‌ଡିଲ୍‌ତୁଙ୍ ଗାର୍‌ବିରନାୟେଁନ ଆମାଣ୍ଡାଂଙ୍ଡା
ଆମନ୍‌ଜିଙ୍‌ଲିନ୍ ଗାର୍ବିଇ ତିନାଇ

ଇରବାଂସାୟେଁନ ସାବ୍‌ଡଂଜା ।
ଡୁଆଇଁ ସୁମାନ୍ ଆଲିସୁମାନ ମାବାୟେଁନସାରି ଗଡ଼୍ଡା
କୁଡୁବ୍ ଆଗାନ୍‌ମ ତୁଂ ଆମାନ୍

ତୁଲାବ୍ ଲିଡାନ୍ ପାର୍‌ଗାଡ଼୍ଡାବାନ୍ କାନ୍‌ଲକାଲନ୍ ଇୟାଁଙ୍‌ଲେ
ଆମାନ୍ କିତୁଂ ଗାନ୍‌ରାବ୍‌ଲେ ଆଗାର୍‌ବିରାନ୍ ଆମ୍‌ଡ଼ଙ୍‌ଲେ ।

ଦୂଃଶାସନ୍ ଦୌପଦ ଆପୁର୍‌ଡିଇ ବିନ୍‌ସୁସୁଲେ
ସିନ୍‌ରିନ୍ ତିଇଲେ ଆମାନ କିତୁଂ
ଆଗାନରଜନ୍ ସାବ୍‌ଡାଇଲେ ।

ରାବଣନ୍ ଆବୁୟାଁଙ୍ ବିଭିଷଣନ୍ ମଂବାନାମ୍ କିଂଲିନ୍
ସନାଇୟୀମନ ବାତି ଲଙ୍କାନ୍ ରାଜାରଗଡ଼ନ ଇତିଇଲେ ।

ହିରଣ୍ୟ ରାଜା ଡୁଆଇଁମୋର କାନାବୟିଡ଼୍ଡାନ ଇତିଇଲେ
ପ୍ରହଲ୍ଲାଦ ଡିରନା ମାରାନ ଆମନକିତୁଂ ରାବ୍‌ରାବଲେ ।

ନାମି ଆୟମ୍ ୟେଁନି ଜାନାଂ ଝିଂବାନାମ ସୁରପିଲିନ୍
ଗାରବିର ତିନାଇ ଗାବ୍‌ଡ଼ିଲତୁଙ୍ ଆମ୍‌ଡ଼ାଙଲା ଗାବିରେୟେଁନ୍ ।

କାନାଲ କାଲ ସାବଡାଇମନ ଆମାନ
କାନାଲକାଲୟେଁନ ସାବଡାଜା
ଡିଇନେମାଂନାମ୍ ଗାରବିରତିନାଇ
ଏ ସାୟିମ୍ ତୁଂ ଆମ୍‌ଡଂଡ଼୍ଡା ।

## ଓଡ଼ିଆ

ଏ ପ୍ରଭୁ ସୃଷ୍ଟି କର୍ତ୍ତା, ପ୍ରାର୍ଥନା ମୋର ଶୁଣ
ତୁମକୁ ସ୍ମରଣ କରି ପ୍ରାର୍ଥନା କରୁଛି
ମନ୍ଦ ସବୁ ମୋର ଦୂର କର
ଦୁଷ୍ଟ ଦେବତା, ମଦୁଆ ଦେବତା ମୋଠାରୁ ଦୂର କର
ସମସ୍ତ ଜାଣିବା ପ୍ରଭୁ ତୁମେ
ମୋର ପ୍ରାର୍ଥନା ଜାଣିଛ ।

ଘୋରବନେ ମୃଗୁଣୀ କଷ୍ଟ ପାଉଥିଲା
ତା ପ୍ରାର୍ଥନା ଶୁଣି ତାକୁ ରକ୍ଷା କଲ
ଦୁଃଶାସନ ଦ୍ରୌପଦୀକୁ ବସ୍ତ୍ର ହରଣ କଲା
ବସ୍ତ୍ରଦେଇ ତାର ଲଜ୍ଜା ନିବାରଣ କଲ
ରାବଣର ଭାଇ ବିଭୀଷଣ ତୁମ ଶରଣ ନେଲା
ଶରଣ ସମ୍ଭାଳି ଲଙ୍କାରାଜା କରିଲ ।
ହିରଣ୍ୟ ରାଜା ଭାରିଦୁଷ୍ଟ ସଂହାରିଲ
ପ୍ରହଲ୍ଲାଦ ଭକ୍ତ ତୁମ ଜୀବନରକ୍ଷା କଲ
ମୁଁ ମଧ୍ୟ ବର୍ତ୍ତମାନ ତୁମ ଶରଣ ପଶିଲି
ପ୍ରାର୍ଥନା ମୋର ଗ୍ରହଣ କର ପ୍ରଭୁ ବର୍ତ୍ତମାନ
ଦୁଃଖ କଷ୍ଟ ଦୂର କର ମୋର
କଷ୍ଟ କ୍ଳେଶ ଦୂର କର ମୋର
ଏତିକି ଶରଣ ନେଉଛି ପ୍ରଭୁ
ଏ ଶାନ୍ତି ଦାତା ଶୁଣ ମୋର ପ୍ରାର୍ଥନା ।

## ଗୀତ - ୨୫

ଅଗୁବ୍ ତଗାଲଡ଼ା ମୁକାନାମ ସାଇତାଇ
ଆଜରଡ଼ ଆମାଡ଼ାୟେଁଲା କିତୁଂ
ଆତୁମଡ଼ା ଆମାଡ଼ାୟେଁଲା କିତୁଂ

ଜଗତନ୍ ଆଓ୍ୱାଆ ଏ କିତୁଡଂ
ଉଗାରୟେଁନ୍ ଆଡ଼ିରନା ବାତି ସାଇତାମ
ମନାୟେଁନ ଆଡ଼ିରନାବାତି ସାଇତାମ ।

ଆଗାରାମ ୟେନଂ ସୁନା ଡ଼ରାନାନ୍
ଇତିନ୍ତି ତିଇଲେ ଧ୍ରୁବ ପ୍ରହଲାଦ
ଆନ୍ତି ଆତି ୟେନି ଆଜିତିଇଁଲା ।

ଗାବ୍ଡିଲତୁଂ ବି ନାମର ତୁବ୍ଙଇଲା
ମଂବାନମ୍ ୟେନି କାୟିତିଇଁଲା
ମଂବାନ୍‌ମ୍ ୟେନି ମାୟାତିଇଁଲା

ଗଡ଼ାଇ ମନ୍‌ରାନ୍‌ଜି ଅମ୍ବଇଁତେ କିତୁଂ
ୟେନ୍ ଇତିନ୍ ଆସନ୍ ଅବେଡ଼ାତିଇଁଲା
କୁଡୁବ୍ କନ୍‌ଲକଲୟେନ ସମ୍‌ଡାଜାଲା

ଡିନେନାତୁୟା ଡ଼ାକୁଲାମ କିତୁଂ
ଇରବତୁଇ ଡ଼ମ୍‌ଲିନ୍ ଡାକୁ ଲିନ୍ କିତୁଂ
ଓ୍ୱାଙୟାଁ ଗାମ୍ଲେ ତଡ଼ଙ୍‌ଗୁଡ଼ିଂଲାମ ।

ଆବଡ଼ି ତିରିଲେ ଉରଂଇଁଲା କିତୁଂ
ସାୟୁ ଗାରବିର ୟେନ୍‌ବାତି ଗଡ୍‌ଲମ୍‌ତନ
ତିମ୍‌ୟାମ କନିନ୍‌ୟେନ୍‌ବାତି ସିନ୍ତମ୍ ।

ଓଡ଼ିଆ

ସକାଳ ସଂଞ୍ଜରେ ତୋ ମୁଖକୁ ଋହିଁଛି
ସଦାସର୍ବଦା ଦୁଃଖ ମୋର
ଝରୁଛି ମୋ ଲୁହ ଧାର ଧାର
ଜଗତର ନାଥ ଏ ପ୍ରଭୁ
ଆକୁଳ ହୃଦୟରେ ଡାକ ଶୁଣ
ଆକୁଳ ମନରେ ଡାକ ଶୁଣ
କିଛି ମାଗୁନାହି ତୋତେ ଧନ ମାଗୁନାହି ଧନ ମାଗୁନାହି
କିସ ଦେଲ ଧ୍ରୁବ, ପ୍ରହଲ୍ଲାଦକୁ
ସେଇଟା ମୋତେ ଦେଇଯାଆ
ସୃଷ୍ଟି କର୍ତ୍ତା ମୋତେ ଭିନ କରନା
ଜୀବନ ଯାଉତୋ ପାଖରେ
ଯାଉ ଜୀବନ ତୋ ପାଖରେ
ଜଗତର ଜନଙ୍କୁ ଖୁସି ଦେଉଛୁ
ମୋତେ କାହିଁ ଦୁଃଖ କ୍ଳେଶ ଦେଉଛୁ
ମୋର କ୍ଳେଶ କଷ୍ଟ ଦୂର କର
ଏତେ ପାଖେ ରହି ପ୍ରଭୁ
ଅଦେଖା ପରି ପ୍ରଭୁ ହେ ପ୍ରଭୁ ଈଶ୍ୱର ବୋଲି ଡାକିଲି
ହାତଧରି ମୋତେ ଟାଣିନେ ଏ ପ୍ରଭୁ
ଆକୁଳ ହୃଦୟ ପ୍ରାର୍ଥନା ଗ୍ରହଣ କର
ଧନ୍ୟବାଦ ଦେଇ ଡାକୁଛ ଏ ପ୍ରଭୁ ।

## ଗୀତ - ୨୬

ଏ ବୋୟାଁ ବୋୟାଁ ବୋୟାଁଲା
ଏ ତନାନ୍ ତନାନ୍ ତନାନ୍‌ଲା
ଏ ଗଡ଼ିଂ ଗଡିଂ ଗଡିଲା
ଏ ସାଙ୍ଗ ସାଙ୍ଗ ସାଙ୍ଗଲା ।

ପୂର୍ବାନ୍ କିତୁଂଙାନ୍ ଅସଇଲେ
ପୂର୍ବାନ୍ କିତୁଂଙାନ୍ ସୁବଜାଲେ
କୁକୁର ଜନ୍ଲିବିନ୍ ସୁବଜାଲେ
ଡୁମୁଲ ଜନ୍‌ଡିନ୍ ଗବଡିଲେ ।

ନାମିଡିନାଲିଂଏ ବୋୟାଁଙ୍
ନାମି ଯୋଗାଲିଂ ଏ ତନାନ
ୟଅଜାନ ବିରାନ ଡେଇଁବିନ୍
ବାମ୍ବଲାନ୍ ବିରାନ୍ ଡେଲବିନ୍ ।

ନାମି ସାରିଂଲା ବୋୟାଁଙ୍‌ଜି
ନାମି ସାରିଙ୍‌ଲା ତନାନ୍‌ଜି
କୁକୁର ଜନୁଡ଼ିନ୍ ଡେଲବିନ
ଡୁମୁଲ୍ ଜନୁଡ଼ିନ୍ ଡେଲବିନ ।

ନାମି ଡିନାଲିଂଡାନ ସାରିଂଲା
ନାମି ଆୟାମଲିଡାନ୍ ସାରିଂଲା
ଆବପୁରାଡ଼ାନ ଡେଲବିନ
ଆବ ଝାଙ୍ଗାଡାନ୍‌ଲା ଡେଲବିନ

ପୁରାଡ଼ାବିନ ଆମେଂ ସିକଇଜା
ଝାଙ୍ଗାଡାବିନ୍ ଆମେଂ ସିକଇଜା

ଆର୍ତୁଲୁଲେ ଡ଼କୁନବାଲା
ଆରତିଇ ମିଲେ ଡୁକୁନବାଲା ।
କୁଲାଜାନ ଓ୍ୱାବିନ୍‌ଜି ଆଡ଼ଅଂ
ସେଲଜାନ ୟାଂବିନ୍‌ଜି ଆଡ଼ଅଂ
ତିୟିମଲେ ସେବାବାଜିଲା
ଗାଲୟିମଲେ ସେବାଜିଲା
ତିନିୟିମ୍ ବୋୟାଁ ଆମାନ୍ ଆଡ଼ଅଂ
ତନୁଡୁ ତନାନ୍ ଆମନ୍ ଆଡ଼ଅଂ
ଅଲାଂଲେ କନିନ୍‌କନ୍ ଆକିନ୍‌ଲାଇ ।
ଜାଲାଂଲେ କନିନ୍ ରାନ୍ ଆକିନ୍‌ଲାଇ ।
ଢନୁଲତାର ତିଇଲେ ଆଅଲଂାଇବିନ
ଚମ୍ପାତାର ତିଇଲେ ଆଜାଲଂାଲଦିନ
ତୁନାରାବସିଲନ୍ ଆଲିମ୍ ତବିନଲା
ଜାଲଙ୍ଗସିଲିନ୍ ଆଲିମ୍ ତବିନିଲା ।

ଓଡ଼ିଆ

ଏ ଭାଇ ଭାଇ ଭାଇ
ଏ ଭଉଣୀ ଭଉଣୀ ଭଉଣୀ
ଏ ବଂଧୁ ବଂଧୁ ବଂଧୁ
ପୂର୍ବ ଦେବତାକୁ ସ୍ମରଣ କରି
ପୂର୍ବ ଦେବତାକୁ ନମସ୍କାର କରି
କାପ୍ତା ଯୋଡ଼ି କରିଲୁ
କାପ୍ତା ଯୋଡ଼ି କରିଲୁ

ଆଜି ଦିନରେ ଏ ଭାଇ
ଏହି ଯୁଗରେ ଏ ଭଉଣୀ
ଏକ ପ୍ରାଣ ହେଲ
ଏକ ହୃଦୟ ହେଲ

ଆଜିଠାରୁ ଭାଇ କାପ୍ତା ଯୋଡ଼ି ହେଲା
ଆଜିଠାରୁ ଭଉଣୀ କାପ୍ତା ଯୋଡ଼ି ହେଲ
ଆଜିଠାରୁ କାପ୍ତା ଯୋଡ଼ି ହେଲ ଭାଇ
ଆଜିଠାରୁ କାପ୍ତା ଯୋଡ଼ି ହେଲ ଭଉଣୀ

ଆଜି ଦିନଠାରୁ
ଏହି ସମୟଠାରୁ
ଏ ପ୍ରାଣ ହେଲ
ଏକ ଆତ୍ମା ହେଲ
ଜୀବନ ଥିବାଯାଏଁ
ଆତ୍ମା ଥିବା ଯାଏଁ
ମିଳିମିଶି ରୁହ
ପ୍ରେମରେ ରୁହ

ପିତୃପୁରୁଷ ବାପା ମାନଙ୍କୁ
ସେବା କୁରୁଥିବା ମାଆଙ୍କୁ
ପ୍ରେମରେ ସେବା କର
ଜାଣି ସେବା କର

ମୋର ସ୍ନେହର ଭାଇ ତୋ ପାଇଁ
ମୋର ସ୍ନେହର ଭଉଣୀ ତୋ ପାଇଁ
ନିଜ ସ୍ୱରରେ ଗୀତ ଗାଇଲୁ
ପୁନର୍ବାସ ଗୀତ ଗାଇଲୁ
ଫୁଲ ତୋଳା ଦେଇ କଥା ହେଲୁ
ଚମ୍ପା ଫୁଲ ଦେଇ ସ୍ୱାଗତ କଲୁ
ହାତ ଧରି ନମସ୍କାର ଜଣାଉଛୁ ।

## ଗୀତ - ୨୭

କିମେଡ଼୍ ପୋରାନ୍ ପୁର୍ବିନ୍ଣେନ୍
ଗୁଆଁଂ ରାଜାମ୍ ଆୟାଁବି

କାଞ୍ଚିମ୍ ପୋରାନ୍ ପୁର୍ବିନ୍ଣେନ୍
ମାର୍ଟସି ରାଜାମ୍ ଆୟାଁଙ୍‌ବି
ଜାବା ଜାବାଲା ବୋୟାଁଙ୍‌ଜି
ଜାବା ଜାବାଲା ତନାନ୍‌ଜି ।

ବାରୁ ସୁମାନପୁରବିନ୍ ଡ଼େନ୍
ମାଟ୍‌ସି ରାଜମ୍ ଆୟାଁଙ୍‌ବି

ଗର୍ଜାଂ ସୁମାନ ପୁରବିନ୍‌ଡେନ
ମାଟ୍‌ସି ରାଜମ୍ ଆୟାଁଙବି
ଜାବା ଜାବାଲା ବୋୟାଁ
ଜାବା ଜାବାଲା ତନାନ୍ ।

ଇଡ଼ାଇ ସୁମାନ୍ ପୁରବିନଣେନ୍
ଗୁଆଁଂ ରାଜମ୍ ଆୟାଁଙବି

ତଙର୍ ସୁମାନ୍ ପୁରବିନଣେନ
ମାଟ୍‌ସି ରାଜମ୍ ଆୟାଁଙ୍‌ବି
ଜାବା ଜାବାଲା ବୋୟାଁ
ଜାବା ଜାବାଲା ତନାନ୍ ।

## ଓଡ଼ିଆ

ଛେଳି ପୂଜା କରିଲେ
ସ୍ୱର୍ଗରାଜ୍ୟ ପାଇବା ନାହିଁ
କୁକୁଡ଼ା ପୂଜା କରିଲେ
ଶାନ୍ତି ରାଜ୍ୟ ପାଇବା ନାହିଁ
ଆସ ଭାଇ ମାନେ
ଆସ ଭଉଣୀମାନେ
ପାହାଡ଼ ଦେବତା ପୂଜା କଲେ
ଶାନ୍ତି ରାଜ୍ୟ ପାଇବା ନାହିଁ
ଗାଆଁ ଦେବତା ପୂଜା କଲେ
ଶାନ୍ତି ରାଜ୍ୟ ପାଇବା ନାହିଁ
ଆସ ଭାଇମାନେ
ଆସ ଭଉଣୀମାନେ
ପିତୃଶ୍ରାଦ୍ଧ ଦେବତା ପୂଜା କଲେ
ସ୍ୱର୍ଗ ରାଜ୍ୟ ପାଇବା ନାହିଁ
ବାଟ ଦେବତା ପୂଜା କଲେ
ଶାନ୍ତି ରାଜ୍ୟ ପାଇବା ନାହିଁ
ଆସ ଭାଇମାନେ
ଆସ ଭଉଣୀମାନେ ।

## ଗୀତ - ୨୮

ଅଡ଼ାର ଗାଡ଼ିଲ ତୁଂ ଆସିନ୍ତାମ
ୟାରୟାର ଗାଡିଲତୁଂ ଆସିନ୍ତାମ
ଅଡ଼ାର ଗାଡ଼ିଲ ତୁଂ ଆସିନ୍ତାମ
କାନ ଆ'ଅଡ଼ାଇ ଡିଶା ଆମନ୍ନା ଗାଡିଲେ
କାନ ଆୟାର ୟାର ଡିଶା ଆମନ୍ନା ସାବ୍‌ଜାଲେ ।

ଗୁଆଂଲିଂ ଉୟୁଙାନ ଆମନ୍ନା ୟାଁନାଲେ
ଗୁଆଂଲିଂ ତୁଇତୁଇଜାନ ଆମନ୍ନା ତୁବୁଇଲେ
ଗୁଆଂଲିଂ ଆଙ୍ଗାଜନ ଆମନ୍ନା ସାଲିଲେ
ଅଡ଼ାର ଡିଶାଲିଙାନ ଆମନ୍ନା ସାଆରେ ।
ୟାର୍‌ୟାର୍ ଡିଶାଲିଙାନ୍ ଆମନ୍ନା ପିସାରେ ।

ଅନ୍ତିଡ୍ ଅନ୍‌ରେ ° ଡାଜିଂ ଆମାନି ଗିଡ଼ିଲେ
ମାନ୍‌ଗନ ଜନ୍ତୁ କୁଡୁକ୍ ଆମାନି ସାବ୍‌ଜାଲେ
ଲବଲିଙାନ୍ ମାନ୍‌ରେଂନାଜି ଇତିଇଲେ
ସଲଡ଼ାଲିଙାନ୍ ଗାଗାନାନ୍‌ଜି ଇତିଇଲେ ।

ବାଗୁଲିଙାନ୍‌ଜି ଆରାନିବ୍ ଗୁଗୁଲେ
ବାସଙ୍‌ଲିଙାନ୍ ଡ଼ାଜିଂ ଆଜିଙାନ୍ ପାଡ଼ବଲେ
ବାସେଙ୍‌ଲିଙାନ୍ ଡ଼ାଜିଂ ଆଜିଙାନ୍ ତୁବୁଇଲେ
ଗୁଆଁଲିଙାନ ସାରିଂ ଡ଼ାଆନ୍ ସିସିରାଲେ
ଡ଼ାଆନ୍ ଡାଗାନ୍ ରାଙ୍ଗିନ୍ ତିଇଲେ ମାଡରଂଲେ ।

ଅନ୍ତିଡ୍ ଅନ୍‌ରେଂ ଡାଜିଂ ଆମାନି ଗିଡ଼ିଲେ
ମାନ୍‌ଗ୍ରନ୍ ଢନ୍ତୁ କୁଡୁଜ୍ ଆମାନି, ସାବ୍‌ଜାଲେ
ଲବଲିଡାନ୍ ମାନ୍‌ରେଂନାଜି ଇଡିଇଲେ
ସଲଡ଼ାଲିଡାନ୍ ଗାଗାନାନ୍‌ଜି ଇଡିଇଲେ ।

ବାଗୁଲିଡାନ୍‌ଜି ଆରାନିବ୍ ଗୁଗୁଲେ
ବାସେଙ୍‌ଲିଡାନ୍ ଡାଜିଂ ଆଜିଡାନ୍ ପାଡ଼ବଲେ
ବାସେଙ୍‌ଲିଡାନ୍ ଡ଼ାଜିଂ ଆଜିଡାନ୍ ଡୁର୍ବୁଇଲେ
ଗୁଆଂଲିଙ୍ଡାନ ସାରି ଡ଼ାଆନ୍ ସିସିରାଲେ
ଡ଼ାଆନ୍ ଡାଗାନ୍ ରାଙ୍ଗିନ୍ ଡିଇଲେ ମାଡରଂଲେ ।

ଆରାନିବ ମାଡ୍‌ରଂଲେ କାନ୍‌ରିଡାନ୍ ଗାବ୍‌ଡିଲେ
ଆଜିଡାନ୍ ପାଡ଼ଡ଼ାବ୍‌ଲେ ତୁଲାବାନ ଆବ୍‌ମେଲେ
କାନ୍‌ରିଂଲିଂ ଅନ୍ତିଡ଼ାନ୍ ଅନ୍‌ରେଡାନଡ଼ାକୁଲେ
ଗର୍ଜାଲିଂ ମାନ୍‌ରାନ୍ ଜନ୍ତନ୍‌ଜି ନିବ୍‌ବାସୁଲେ

ବମାନେଂ ଡାଆନ ଗାନିଡାନ ଡ଼ାକୁଲେ
ବମାନେଂ ବାଗୁନଜି କନ୍‌ରିଡନ୍ ଡାବ୍‌ଡିଲେ
ୟାଁନାପୁଂ ଢନ୍ତୁନଜି ଡାଆଲିଂ ଡାକୁଲେ
ଏରେନେଂ ଅନ୍ତିଡାନ୍‌ଜି କାନ୍‌ରିଂଡନ୍ ଡାକୁଲେ ।

ଉୟୁଡାନ୍ ସାବ୍‌ଜାଲେ ଅଡ଼ାରାନ ଆପ୍‌ସାରେ
ଆଙ୍ଗାଜନ ଗାବଡିଲେ ୟାର୍‌ୟାରନ ଆପତାରେ
ଅଡ଼ାରନ୍ ପିସାରଡ଼ାମ୍ ମାରିଡ଼ାମ ଆବମେଲେ
ୟାର୍‌ୟାରନ୍ ଲାଗାଡ଼ାମ ରଇତାଡ଼ାମ ଗାବ୍‌ଡିଲେ ।

## ଓଡ଼ିଆ

ଜଗତର ସୃଷ୍ଟି କର୍ତ୍ତା ଧନ୍ୟ
ସଂସାର ସୃଷ୍ଟି କର୍ତ୍ତା ଧନ୍ୟ
ଜଗତର ସୃଷ୍ଟି କର୍ତ୍ତା ଧନ୍ୟ
ଏହି ଜଗତ ସୃଷ୍ଟି ତୁମେ କରିଛ
ଏହି ସଂସାର ସୃଷ୍ଟି ତୁମେ କରିଛ

ସ୍ୱର୍ଗରେ ସୂର୍ଯ୍ୟ ତୁମେ ଚଳାଇଲ
ସ୍ୱର୍ଗରେ ତାରା ତୁମେ ସୃଷ୍ଟିକଲ
ସ୍ୱର୍ଗରେ ଜହ୍ନ ତୁମେ ଚଳାଇଲ
ସଂସାରରେ ତୁମେ ଆଲୋକ ଦେଇ
ଜଗତସାରା ତୁମେ ଆଲୋକିତ ଦେଲ

ପକ୍ଷୀ ଜୀବ ଯେତେ ତୁମେ ସୃଷ୍ଟି କଲ
ମନୁଷ୍ୟ, ଜନ୍ତୁ ସବୁ ତୁମେ ସୃଷ୍ଟି କଲ
ମାଟିରେ ଜୀବଜନ୍ତୁ ଦେଲ
କାଦୁଅରେ ଖାଦ୍ୟସବୁ ଦେଲ

ପାହାଡ଼ରେ ଗଛ ସବୁ ସୃଷ୍ଟି କଲ
ପୃଥିବୀରେ କେତେ ଗଛ ସୃଷ୍ଟି କଲ
ପୃଥିବୀରେ ଘାସ, ଗୁଳ୍ମ ସୃଷ୍ଟି କଲ
ସ୍ୱର୍ଗରୁ ବର୍ଷା ପଠାଇଲ
ପାଣି, ପବନ, ଖରା ଦେଇ ବଢେଇଲ

ଗଛ ସୃଷ୍ଟି କଲ ଜଙ୍ଗଲ ସୃଷ୍ଟିକଲ
ଘାସ ଗୁଳ୍ମ ସୃଷ୍ଟିକଲ ଘଞ୍ଚ ଜଙ୍ଗଲ ସୃଷ୍ଟି କଲ
ଜଙ୍ଗଲରେ ପଶୁପକ୍ଷୀ ସୃଷ୍ଟି କଲ
ଗାଆଁରେ ମନୁଷ୍ୟ ଗ୍ରାମ୍ୟଜନ୍ତୁ ସୃଷ୍ଟିକଲ,

ଗୋଟେ ପଟ ଜଳ, ଅନ୍ୟପଟେ ସ୍ଥଳ ସୃଷ୍ଟି କଲ
ଗୋଟେ ପଟ ପାହାଡ଼, ଅନ୍ୟ ପଟ ଘଞ୍ଚ ଜଙ୍ଗଲ ସୃଷ୍ଟି କଲ,
ପେଟ ଭରା ଦେଇ ପାଣିରେ ରଖିଲ,
ଉଡୁଥିବା ପକ୍ଷୀଙ୍କୁ ଜଙ୍ଗଲରେ ରଖିଲ,

ସୂର୍ଯ୍ୟଙ୍କୁ ସୃଷ୍ଟି କଲ,
ପୃଥିବୀ ଆଲୋକ ପାଇଁ ଜହ୍ନଙ୍କୁ ସୃଷ୍ଟି କଲ,
ପୃଥିବୀ ଆଲୋକ ପାଇଁ ଜଗତ ଆଲୋକିତ, ପବିତ୍ର କରିଲ
ସମଗ୍ର ଜଗତ ସୁନ୍ଦର, ପବିତ୍ର କରିଲ ।

## ଗୀତ - ୨୯

ୟିରାଇ ୟିରାଇଲା ୟିରାଇ ଏ ବୁୟାଁଙ୍
ୟିରାଇ ୟିରାଇଲା ୟିରାଇ ଏ ତନାନ୍
ୟିରାଇ ୟିରାଇଲା ୟିରାଇ ଏ କୁଲମ୍
ମନ୍ଦିର ସିଂବାଲେନ ୟିରାଇଲା ବୁୟାଙ୍
ମାରକାନ୍‌ପୁରାନ୍ ୟିରାଇଲା ତନାନ୍
ରାନୁକୁଁ ସଂମ୍ବାଁଲେନ୍ ୟିରାଇ କୁଲାମ ।
କୁଡ଼ଲଜନ୍ କିତୁଂଲେନ୍ ଆମଂବା ବୁୟାଁଙ
ସେଲଜାନ କିତୁଂଲେନ ଆମଂବା ତନାନ
ଗାଡ଼ିଅନ୍ କିତୁଂଲେନ୍ ଆମଂବା କଲମ
ଆଡ଼ମ୍ ଆଡ଼ମ୍ ୟିରାଇଲା ବୁୟାଙ୍
ଗାଡ଼ମ୍ ଆଡ଼ମ୍ ୟିରାଇଲା ତନାନ୍ ।
କାନୁନି ମନାଗି ଡେଡ଼ଙାମ ବୁୟାଙ୍
କାନୁଡି ଜିଏଗି ଡେଡ଼ଙାମ୍ ତନାନ୍
କାନୁଡ଼ି ବୁଡିଖି ଡେଡଙାମ୍ କୁଲାମ୍
ଆସାଆର ଗଡ଼ବାନ୍‌ଲା ୟିରାଇଲାବୁୟାଁଙ
ଆପିସାରଗଡ଼ ବାନଲା ୟିରଇଲା ତନାନ୍ ।
କାନୁଡ଼ି ମନାଗି ଡେଲେଣ୍ଡେନ୍ ବୁୟାଁନ୍
କାନୁଡ଼ି ଜିଏଗି ଡେଲେଣ୍ଡେନ ତନାନ୍
କାନୁଡ଼ି ବୁଡ଼ିଗି ଡେଲେଣ୍ଡେନ୍ କୁଲାମ୍
କିତୁଂଙାନ ଡ଼ାନିସାମ୍ ଆଡ଼ୟାଁଡେଲା
କିତୁଂଙାନ୍ ଲାବେକା ଆଡ଼ୟାଁଡେଲା
ସାଆରି ସାଆରି ଲୁଙାଡ଼ ଗଡ଼ାନ
ପିସାରି ପିସାରି ଲୁଙଡ଼ ଗଡ଼ାନ
ମାରିଲି ମାରିଡ଼ଲି ଲୁଙାଡ଼ ଗଡ଼ାନ

ମାଭାର ବୁନାମନ୍ ଆୟିମ ଲିଡାନ୍ ସାଆରି
ମାରକାନବୁର କିତୁଂ ଆୟିଂମ୍‌ଲିଡାନ୍ ପିସାରି ।

ଲିମା ଲିମା ଲିମାଲା ବୁଡାନ୍
ସିନା ସିନା ସିନାଲା ତନାନ୍
ସେବା ସେବା ସେବାଲାକୁଲା

ମାଭାର ବୁନାମ୍‌ନ୍ ଆଡ୍‌ଡଂ ଲିମାଲା ବୁୟାଁଙ୍
ସଂପେଙ୍ଗାନ୍ ସୁମ୍ ଆଡ଼ଡଂ ସିନାଲା ତନାନ୍

ତୁତୁମ୍ ସିଲିନ୍ ଆମନ୍ ସମୁମାନ ପୁର୍ଡ଼ଂ
ତୁତୁମ୍ କିଂଲିନ୍ ଆମନ ସନୁମାନ ପୁର୍ଡ଼ଂ

କାନ୍‌ସିମ୍ ପୁର ସନୁମ୍ ସାଡ୍‌ାଇଲି ବୁୟାଁଙ୍
କାମେଡ଼ପୁର ସନୁମାନ୍ ସାଡାଲି ତନାନ

ଆସାଙ୍ଗି ଗୁଡ଼ିଂଡଂ ତୁଆଇଁଲା ସନୁମାନ୍
କାୟାତିଂ ଗୁଡ଼ିଂଡଂ ଜୁମାଇଲା ସନୁମାନ

ସନୁମପୁର ପୁର ଲିଡାନ୍ ଆଡତୁଂନେ ବୟାଁଙ୍
ସନୁମ କାନୁବ ଲିଡାନ୍ ଆଡ଼କାନେ ତନାନ୍ ।

ସାଡ଼ିଆ – ସାଡ଼ିଆ ସାଡ଼ିଆ ବୁୟାଙ୍
ଅମଡ଼ା – ଅମଡ଼ା ଅମଡ଼ା ତନାନ୍

କାମସିମ୍‌ପୁର ସନୁମାନ ସାଡ଼ିଆ ବୁୟାଙ୍
କାମେଡ୍‌ପୁର ଲି ଡାନ ଆଡ଼କାକେ ତନାନ୍ ।

କାନାଲ କାଲ ଡେଲାମାନ ଆନାଂଡେନ୍ ବୁୟାଁଙ୍
ଗାନେଗେନ୍ ଡେଲାମାନ ଆନାଂଡେନ୍ ତନାନ୍

ମାଭାର ବୁନୁମାନ ଆଡ଼ଅଂ ଗୁଡ଼ିଡା ବୁୟାଙ୍
ଗାଡ଼ିଲ ତୁଂ ଆଡଡ୍ ସାଇଡ଼ିଡା ତନାନ୍ ।

## ଓଡ଼ିଆ

ଆସ ଆସ ଆସ ଏ ଭାଇ
ଆସ ଆସ ଆସ ଏ ଭଉଣୀ
ଆସ ଆସ ଆସ ଏ ବଂଧୁ
ମନ୍ଦିର ଘରକୁ ଆସ ଭାଇ
ମରିଚ ଗୁଡ଼ାକୁ ଆସ ଭଉଣୀ
ସଂଘ ଘରକୁ ଆସ ବଂଧୁ
ସୃଷ୍ଟି କର୍ତ୍ତା ଈଶ୍ୱରଙ୍କ ନିକଟକୁ ଭାଇ
ପାଳନ କର୍ତ୍ତା ଈଶ୍ୱରଙ୍କ ନିକଟକୁ ଭଉଣୀ
ପାଳନ କର୍ତ୍ତା ଈଶ୍ୱରଙ୍କ ନିକଟକୁ ବଂଧୁ
ନିକଟ ନିକଟକୁ ଆସ ଭାଇ
ନିକଟ ନିକଟକୁ ଆସ ଭଉଣୀ
ପାଗଳ ଭଳି ହେଉନା ଭାଇ
ପାଗଳ ଭଳି ହେଉନା ଭଉଣୀ
ପାଗଳ ଭଳି ହେଉନା ବଂଧୁ
ଆଲୋକ ପଥକୁ ଆସ ଭାଇ
ଆଲୋକ ପଥକୁ ଆସ ଭଉଣୀ
ପାଗାଲାମି ପରି ହେଲେ ଭାଇ
ପାଗାଲାମି ପରି ହେଲେ ଭଉଣୀ
ପାଗାଲାମି ପରି ହେଲେ ବଂଧୁ
ଈଶ୍ୱରଙ୍କ ଆଶିର୍ବାଦ ପାଇବୁ ନି
ଈଶ୍ୱରଙ୍କ ଆଶିର୍ବାଦ ପାଇବୁ ନି
ଆଲୋକିତ ଆଲୋକିତ ହେଲା ଅଂଧକାର
ଆଲୋକିତ ଆଲୋକିତ ହେଲା ଅଂଧକାର
ପବିତ୍ର ପବିତ୍ର ହେଲା ଅଂଧକାର

ମାଓାର ବୁନୁମାନ ନାମରେ ଆଲୋକିତ ହେଲା
ମରିଚଗୁଡ଼ା ଈଶ୍ୱରଙ୍କ ନାମରେ ଆଲୋକିତ ହେଲା

ନମସ୍କାର ନମସ୍କାର ନମସ୍କାର ଭାଇ
ଧନ୍ୟ ଧନ୍ୟ ଧନ୍ୟ ଭଉଣୀ
ପାଳନ ପାଳନ ପାଳନ କର ବଂଧୁ

ମାଓାର ବୁନାମଙ୍କୁ ନମସ୍କାର ଭାଇ
ଶଦ୍ଦବ୍ରହ୍ମଙ୍କୁ ନମସ୍କାର ଭଉଣୀ

ମୁଣ୍ଡିଆମାରି ହାତଯୋଡ଼ି ପ୍ରାର୍ଥନା କର
ଆଣ୍ଠୁମାରି ହାତ ଯୋଡ଼ି ପ୍ରାର୍ଥନା କର

କୁକୁଡ଼ା ପୂଜା ଦୂରେଇ ଗଲା ଭାଇ
ଛେଳି ପୂଜା ଦୂରେଇ ଗଲା ଭଉଣୀ

ଖାଲିରେ ଡ଼ାକନା ଦୁର୍ଗା ଦେବତା
ଖାଲିରେ ଡ଼ାକନା କାଳି ଦେବତା

ଦେବତା ପୂଜାରେ ଶାନ୍ତି ମିଳେନା
ଦେବତା ପୂଜାରେ ଦୁଃଖ ଯାଏନା ।

ଛାଡ଼ ଛାଡ଼ ଛାଡ଼ ଏ ଭାଇ
ଛାଡ଼ ଛାଡ଼ ଛାଡ଼ ଏ ଭଉଣୀ

କୁକୁଡ଼ା ଦେବତା ପୂଜା ଛାଡ଼ ଭାଇ
ଛେଳି ଦେବତା ପୂଜା ଛାଡ଼ ଭଉଣୀ

ଅସୁସ୍ଥ ହେବା ସମୟରେ ଭାଇ
କଷ୍ଟ ହେବା ସମୟରେ ଭଉଣି

ମାଓାର ବୁନୁମାନଙ୍କୁ ସ୍ମରଣକର ଭାଇ
ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କର ଭଉଣୀ !

## ଗୀତ - ୩୦

ଗାନ୍‌ରଇ ଗାନ୍‌ରଇ ପ ଡେତବିନ୍ ବୁୟାଁଙ୍ଗି
ବାନ୍ତଂ ବାନ୍ତଂପ ଡେତବିନ୍ ତନାନ୍‌ଜି
ତାକାର ତାମିବ ପ ଡେତବିନ ବୁୟାଁଙ୍ଗି
କାନୁଡି ମନା ଗି ଆତୁବ୍‌ତିନ୍
କାନୁଡି ଜିଏଗି ଆତୁବତିନ୍ ।
ସମ୍ପିବାନ ଜଡ଼ାନ ଆଇତେ
କିଡାବାନ ଜଡ଼ାନ୍ ଆଇତେ
ଡିଇବାବାନ୍ ଜଡ଼ାନ୍ ଆଇତେ
କିନାଡ଼ବାନ ଆବ୍‌ଡିସାଲେ ଆଇତେ
ଆୟବାନ ଆବ୍‌ଡିସାଲେ ଆଇତେ
ଜିଜିନ୍ ତୁଲାବାନ ଆଁଇତେ
ଗେଁପେନ ତୁଲାବାନ ଆଇତେ
କି ତୁଡାନ୍ ଆବାରା ଆମରିଲେ
ବିନ୍ତାବାନ୍ ଆବ୍‌ଡିସାଲେ ଆଇତେ
ଉଆବାନ ଆବ୍‌ଡିସାଲେ ଆଇତେ
ଗମ୍ଭି ସିଂବାନ୍ ଆସତିନ୍ ବୁୟାଁଙ୍
ପାଲାଂକି ସିଂବାନ୍ ଆସତିନ ତନାନ୍
କିତୁଡାନ ଆବିର୍ନାଂ ଆମ୍‌ଡ଼ାଲେ ବୟାଙ୍
ଜଡ଼ାସିଡାନ୍ ଆବ୍‌ଡିସାରେ ଆସତିନ
ଜିଲଡ଼ସିଡାନ୍ ଆବ୍‌ଡିସାଲେ ଆସତିନ
କୁମ୍ବୁର ମାଗନ ପ ଆରାଡି ବୁୟାଁଙ୍
ଉଡେଇ ମାଗନ ପ ଆରାତି ତନାନ୍
ଆଡ଼ାସା ମାରାନ୍ ପ ଆମ୍ବଇ ବୁୟାଙ୍
ପାପମ୍ ମାରାନ୍ ପ ଆମ୍ୱଇ ଆତୁବ୍‌ତିନ
ପିନ୍ତୁ ମାରାନ୍ ପ ଆମ୍ୱଗିଇ ଆତୁବ୍‌ତିନ ।

## ଓଡ଼ିଆ

ଲାଜ ଲାଜ କି ହେଉଛି ଭାଇ
ଭୟ ଭୟ କି ହେଉଛି ଭଉଣୀ
ଥରୁଚ ଥରୁଚ କି ଭାଇ
        ଅବୁଝା ମନ ନ କରିବ
        ଅବୁଝା ବୁଦ୍ଧି ନକରିବ
ପଥର ପାଖ ନାଳକୁ ଯାଉଛ
କିଆପୁର ପାଖ ନାଳକୁ ଯାଉଛ
ମଦରାନ୍ଧିବାକୁ ନାଳକୁ ଯାଉଛ
        କଙ୍କଡ଼ା ଧରିବାକୁ ନାଳକୁ ଯାଉଛ
        ମାଛ ଧରିବାକୁ ନାଳକୁ ଯାଉଛ
ନିଘଞ୍ଚ ଜଙ୍ଗଲକୁ ଯାଉଛ
ଘଞ୍ଚ ଜଙ୍ଗଲକୁ ଯାଉଛ
ଈଶ୍ୱରଙ୍କ କାମ ନ କରିଲେ
        ଶିକାର କରିବାକୁ ଯାଉଛ
        ଶାଗ ଆଣିବାକୁ ବଣକୁ ଯାଉଛ
ଗମ୍ଭିରି ଘରେ ଲୁଚୁଛ ଭାଇ
ପୂଜା ଘରେ ଲୁଚୁଛ ଭଉଣୀ
ଈଶ୍ୱରଙ୍କ କଥା ନଶୁଣିଲେ
        ବାଡ଼ ପାଖରେ ଲୁଚୁଛ
        ଲଟା ପାଖରେ ଲୁଚୁଛ
ଚୋର ପରି ଆସିବ ଭାଇ
ଆଖିପିଛୁଳା ଆସିବ ଭଉଣୀ
ସାହାସିଆ ଲୋକ ପରି ଭାଇ
        ପାପୀ ପରି କରୁଛ ଭାଇ
        ପାପୀ ପରି କରୁଛ ଭଉଣୀ ।

## ଗୀତ - ୩୧

ଜାବାଲା ଜାବା ବୁୟାଁଡଜି
ଜାବାଲା ଜାବା ତନାନ୍‌ଜି
ଜାବାଲା ଜାବା କୁଲାମ୍‌ଜି
ବାନାଂ ସାଲେନ୍ ଆସନ୍‌ଲି
ସାନୁକାଲେନ୍ ଆସନ୍‌ଲିଂ ।
ଆମାଡ଼ନା ଜା ତୁବ୍‌ନାଇବା
ଟାନ୍‌ଜିନା ଜା ତୁବ୍‌ନାଇବା
ବାନାଂ ସାଲେନ୍ ଆସନ୍‌ଲି
ସାନୁକାଲେନ୍ ଆସନ୍‌ଲି ।
ଉମାନା ଜାତୁବ୍‌ନାଇଁବା
ରାଇଡ଼ାନା ଜାତୁବ୍‌ନାଇବା
ବଂନାଂସାଲେନ୍ ଆସନଲି ।
ସାନୁକାଲେନ୍ ଆସନ୍‌ଲିଂ ।
ଆଡିକାବ୍‌ନା ଜା ତୁବ୍‌ନାଇବା
ଅଡିଇସିଙ୍ ଜା ତୁବ୍‌ନାଇବା
ବଂନାଂସାଲେନ୍ ଆସନଲି
ସାନୁକାଲେନ୍ ଆସନ୍‌ଲିଂ ।
ଜଜଜାଂ ଜା ତୁବବ୍‌ନାଇବା
ଟର୍କଜାଂଜା ତୁବନାଇଁବା
ବନାଂସାଲେନ୍ ଆସନଲି
ସାନୁକାଲେନ୍ ଆସନଲି ।
ବାରାନଲେନ୍‌ଜା ସାବଜାଲେ
ତାସାଲେନ୍‌ଜା ସାବଲେ
ବନାଂସାଲେନ୍ ଆସନଲି ।
ସାନୁକାନ୍‌ଲେନ୍‌ଆସଲିଂ ।
ଗାଗାନାଲେନ୍ ସାଡିଲେ
ଲୁମ୍‌ଲୁମ୍‌ନାଲେ ଆସରିଂଲେ
ବନାଂସାଲେନ୍ ଆସଲ
ସନୁକାନ୍‌ଲେନ୍ ଆସଲିଂ ।

## ଓଡ଼ିଆ

ଆସ ଆସ ଭାଇ
ଆସ ଆସ ଭଉଣୀ
ଆସ ଆସ ବଂଧୁ
ଭଲ ପାଇଁ ଆମର
ସୁଖ ପାଇଁ ଆମର
ମୁହଁ ଧୁଅ
ଦାନ୍ତ ଘଷ
ଭଲ ପାଇଁ ଆମର
ସୁଖ ପାଇଁ ଆମର
ଗାଧୋଇ ଯାଅ
ପାଧୋଇ ଯାଅ
ଭଲ ପାଇଁ ଆମର
ସୁଖ ପାଇଁ ଆମର
ସଫାସୁତୁରା ହୋଇ
ଲୁଗା ପାଲଟ
ଭଲ ପାଇଁ ଆମର
ସୁଖ ପାଇଁ ଆମର

ଝାଡୁ କର
ସଫାସୁତୁରା କର
ଭଲ ପାଇଁ ଆମର
ସୁଖ ପାଇଁ ଆମର
ଲିପାପୁଛା କର
ଲିପାଲିପି କର
ଭଲ ପାଇଁ ଆମର
ସୁଖ ପାଇଁ ଆମର
କାମ ଆମ କରି
କାମଦାମ ଆମ କରି
ଭଲ ପାଇଁ ଆମର
ସୁଖ ପାଇଁ ଆମର
ଖାଇବା ପାଇଁ ଛାଡ଼ିକି
ଖାଇବା ପିଇବା ସଫାକରି
ଭଲ ପାଇଁ ଆମର
ସୁଖ ପାଇଁ ଆମର ।

## ଗୀତ - ୩୨

ସତ୍ୟ ଯୁଗାଲିଡାନ୍ ସିଂହ ମାରାନ୍ ଗାବ୍‌ଡିଲିନ
ହିରଣ୍ୟ ଆଡଅଂ କାନାବୟିଡ଼ାନ ଡିଇଲେ
ପ୍ରହଲ୍ଲାଦ ଡିରନା ମାର ଆମନ୍ ରାବ୍‌ରାବ୍‌ଲେ ।

ତ୍ରେତୟା ଯୁଗାଲିଡାନ୍ ଅଯୋଧା ଗଡ଼ାଲିଂ
କୌଶଲ୍ୟାନ ଆସିଲିଂ କାରୁକୁଡ଼ାନ ୟାଡଂଲେ
ମିଗାଲ ବାଗୁ ମିଇନୁମ୍ ତୁଲାବାନ୍ ୟାଙ୍‌ଲେ

ତୁଆଇଁ ଅସୁରନାଜି ତୁଇଲେ ପଲେ ସିଡ଼ଲେ
ଅଡ଼ାଇ କାନାଲକାଲ ଆମନ ସାବଡାଇଲେ
କୁତୁବ୍ ଡିରନା ମାରାନଜି ଆମନ ରାବରାବଲେ ।

ଦ୍ୱାପର ଯୁଗାଲିଡାନ୍ କଂସ ବନ୍ଦି ସିଂଲିଡାନ୍
ଦେବକି ଆସିଲିଂ କରୁକୁଡ଼ାନ୍ ୟାଡଂଲେ
ଗୋପପୁର ଗଡ଼ାଲିଡାନ ସାନୁଡ଼ାନ୍ ଡେଲେ

ତୁଆଇଁ ଆଲିମାଗନ ସାଇଲେ ସାଇଲେ ତୁଇଁଲେ
ଡାଜି ଡ଼ିରନା ମାରାନ୍‌ଜି ଆମାନ୍ ରାବରାବଲେ
ଅଡାର ଆକାନାଲକାଲ ଆମନସାବ୍‌ଡାଇଲେ

କଳିକାଳନ ଆଡ଼ିନାଲିଂ ଶ୍ରୀକ୍ଷେତ୍ର ଆଗଡ଼ାଲିଂ
ଜଗନ୍ନାଥ କିତୁଂ ଗାମଲେ ଆମନ୍ ଆବ୍‌ଗିଇଲିନ୍
ଅଡ଼ାରନ୍ ସାବୟୁଜିନ ଆସନ୍ କାନିଗାବଡିଲିନ୍ ।

## ଓଡ଼ିଆ

ସତ୍ୟ ଯୁଗରେ ସିଂହ ଅବତାରେ
ହିରଣ୍ୟକୁ ବିଦାରିଲେ
ପ୍ରହଲ୍ଲାଦ ବିଶ୍ୱାସୀ ସନ୍ତାନକୁ ରକ୍ଷା କଲ
ତ୍ରେତୟା ଯୁଗରେ ଅଯୋଧ୍ୟା ରାଜ୍ୟରେ
କୌଶଲ୍ୟାଙ୍କ ଗର୍ଭରେ ଜନମ ନେଲ
ଚଉଦ ବରଷ ବନବାସ ଗଲ
ଦୁଷ୍ଟ ଅସୁର ଗଣକୁ ଶରବିଦ୍ଧ; ହତ୍ୟା କଲ
ଜଗତର କ୍ଲେଶ ଦୂର କଲ
ସମସ୍ତ ବିଶ୍ୱାସୀଙ୍କୁ ରକ୍ଷା କଲ
ଦ୍ୱାପର ଯୁଗରେ କଂସ ବନ୍ଦିଶାଳରେ
ଦେବକୀଙ୍କ ଗର୍ଭରେ ଜନମ ନେଲ
ଗୋପପୁରରେ ବଢ଼ିଲ
ଦୁଷ୍ଟ ଅସୁରଙ୍କୁ ସଂହାର କଲ
କେତେ ବିଶ୍ୱାସୀଙ୍କୁ ରକ୍ଷା କଲ
ଜଗତର କଷ୍ଟ ତୁମେ ଦୂର କଲ
କଳିକାଳ ଦିନରେ ଶ୍ରୀକ୍ଷେତ୍ରେ
ଜଗନ୍ନାଥ ପ୍ରଭୁ ବୋଲି ଦେଖାଦେଲ
ଜଗତର ଉଦ୍ଧାର କରତା ତୁମେ ।

## ଗୀତ - ୩୩

ମାନିବାଲା ମାନିବା ଆବିରନାନ୍
ଡିର୍ନବାଲା ଡିର୍ନବା ଆବିରନାନ୍
ଇୟାଁମ୍ବାଲା ଇୟାଁମ୍ବାଂ ଆବିରନାନ୍
ଗରର୍ଜାଙ୍ଗାନ ଆଗାମାଙ୍ଗାନ୍ ଆବିରନା ।
ଗରର୍ଜାଙ୍ଗାନ୍ ଆସୁଡ଼ାମାରାନ୍ ଆବିରନା ।
କଲିକାଲନ ଆଡ଼ିନା ଲିଙ୍ଗାନ୍ଲା
କଲି ଯୁଗାଁନ ଆଡ଼ିନା ଲିଙ୍ଗାନ୍ଲା
କଲି ଆୟାମ୍ ଆଡ଼ବାଂ ଲିଙ୍ଗାନ୍ଲା
ୟାଗା କୁର୍ତ୍ତାଲିଂ ଗବ୍ଲେ ଇୟିର୍ତାଇ
ଟାଆର କୁର୍ତ୍ତାଲିଂ ଗବଲେ ଇୟିର୍ତାଇ
ଇର୍ଡିନା ମାରାନ୍କି ଆଡ଼ଅଂ
ତନୁଆଇ ମାରାନକି ଆଡ଼ଅଂ
ଇର୍ଜୁନା ମାରାନ୍କି ଆଡ଼ଅଂ
କୁଡୁବ୍ ଇଡ଼ଲେ ପଲେ ସିଡ଼ତେ
କୁଡୁବ୍ ତୁଇଁଲେ ପଲେସିଡ଼ତେ ।
ଆନ୍ତିନ୍ ଆସନ୍ ଆନ୍ଲେନ୍ ବୁୟାଁଙ୍ଗ
କାନିନ୍ ଆସନ ଆନ୍ଲେନ୍ ତନାନ୍
କାନ୍ ଆପସେଲେ ଆନ୍ଲେନ୍ ବୁୟାଁଙ୍
ଆସାଂଗିନା ତୁଆଇଁ ଇର୍ଜୁନାନ୍ ସାଡିଲେ
ଗରର୍ଜାଙ୍ଗାନ୍ ଆଗାମାଙ୍ଗାନ୍ ଆମଂ ଡିର୍ନଇବା ।

## ଓଡ଼ିଆ

ମାନିବା ମାନିବା ତାଙ୍କ କଥା
ବିଶ୍ୱାସ ବିଶ୍ୱାସ କରିବା ତାଙ୍କ କଥା
ସ୍ମରଣ ସ୍ମରଣ କରିବା ତାଙ୍କ କଥା
ଗାଁଆର ଗମାଙ୍ଗଙ୍କ କଥା
ଗାଁଆର ମୁଖିଆଙ୍କ କଥା
କଳି କାଳର ଦିନର କଥା
କଳି ଯୁଗର ଦିନର କଥା
କଳି ସମୟର ବିଷୟ କଥା
କଳା ଘୋଡ଼ାରେ ବସି ଆସିବେ
ଧଳା ଘୋଡ଼ାରେ ବସି ଆସିବେ
ଅବିଶ୍ୱାସ ଲୋକଙ୍କୁ
ଗର୍ବି ଲୋକଙ୍କୁ
ଅସଂଜତ ଲୋକଙ୍କୁ
ସମସ୍ତଙ୍କୁ ସଂହାର କରିବେ
ସମସ୍ତଙ୍କୁ ବିନ୍ଧି, ଭୂଷି ଦେବେ
ସେଥିପାଇଁ ଆମେ ଭାଇ
ଏଥିପାଇଁ ଆମେ ଭଉଣୀ
ଏଥିପାଇଁ ଆମେ ଭାଇ
ଅହଂକାର, ଗର୍ବ ଛାଡ଼ି
ଗାଆର ମୁଖିଆଙ୍କ କଥା ମାନିବା ।

## ଗୀତ – ୩୪

ଲାଂକାଂ ଲାଂକା ଆଗାରିବୁର
ଜାଇତା ଜାଇତା ମାୟାବୁର
ଗାଜିଂ ମାରାନ୍ ଗାଜିଂ ନେତି ବୁୟାଙଜି
ଡୁଲବା ମାରାନ୍ ଡୁଲବାବେତି ତନାନ୍
ବୁଡ୍‌ବୁଡ୍ ମାରାନ୍ ବୁଡ୍‌ବୁଡ୍ ନେତି ବୟାଙଜି
ଲଲବଜାନ ଲଲନେତି ତନାନ୍‌ଜି
ଅରର୍ ମାରାନ୍ ଅରର୍ ନେତି ବୁୟାଙଜି
ସାପାଲ ମାରାନ୍ ସାପାଲ ନେତି ତନାନ୍‌ଜି
କିଲ ମାରାନ୍ କିଲନେତି ବୁୟାଙଜି
ଗାଡ୍‌ଗାଡ୍ ମାରାନ୍ ଗାଡ୍‌ଗାଡ୍ ନେତି ତନାନ୍‌ଜି ।
ଗାମାଂ ମାରାନ୍ ଗମାଂ ନେତି ବୁୟାଙ୍‌ଜି
ବନାଗି ମାରାନ୍ ବାନାଗିଏତି ତନାନ୍ ।

### ଓଡ଼ିଆ

ବଡ ବଡ ପାହାଡ
ସାନ ସାନ ପାହାଡ
ଘାସ କଟା ଲୋକ ଘାସ କାଟୁ ଭାଇ
ଘାସ ବଛା ଲୋକ ଘାସ ବାଛୁ ଭଉଣୀ
ବୁଣାଳି ଧାନ ବୁଣୁ ଭାଇ
ହଳ ଲୋକ ହଳ କରୁ ଭଉଣୀ
ଚଷ ଲୋକ ଚଷ କରୁ ଭାଇ
ଧାନ ଚଷ ଲୋକ ଚଷ କରୁ ଭଉଣୀ
ମାଟି ସଜାଡ଼ା ଲୋକ ମାଟି ସଜଡ଼ାଉ
ଧାନ କଟା ଲୋକ ଧାନ କାଟୁ ଭଉଣୀ
ଧନୀ ଲୋକ ଧନୀ ହେଉ ଭାଇ
ଗରୀବ ଲୋକ ଗରୀବ ନହେଉ ଭଉଣୀ ।

## ଗୀତ - ୩୫

ଲାକା ଲା!କା ଆସରବା

ଜାଇତା ଜାଇତା ଆସରବା

ଜାଇଲା କାକୁଙ୍କ ପିସାରନ୍ ଆପିଇନାଇ

ଜାଇଲା କାକିଙ୍କ ଗୁସାରନ ଆଗୁନାଇ

ଗାମାଙ୍ଗାନ୍‌ଜି ଆସରବା ଗାରଜାଂବାଲେ ଆସରବା

ଜାଇଲା ୟାଇ ଗୁସାରାନ୍ ଆଗୁନାଇ ପିସାରନ୍ ଆପିନାଇ

ତଇତଇ ବାଲେନ ଆସରବା ଗମାଙ୍ଗନ୍‌ଜି ଆସରବା

ଜାଇଲା କାକୁଙ୍କ ପିସାରନ୍ ଆପିନାଇ

ଜାଇଲା କାକିଙ୍କ ଗୁସାରାନା ଆୟ ।

### ଓଡ଼ିଆ

ଉପର ଉପର ବିଲ

ତଳର ତଳର ବିଲ

ଆସ ଭାଇନା ଧାନ ଉପାଡ଼ିଯିବା

ଆସ ଭଉଣୀ ଧାନ ଲଗାଇଯିବା

ଗମାଙ୍ଗଙ୍କର ବିଲ ଗାଆଁ ମୁଖିଆଙ୍କ ବିଲ

ଆସ ଭଉଣୀ ଧାନ ଲଗାଇନିବା ଧାନ ଉପାଡ଼ିଯିବା

ଆମ ପାଖ ପଡିଶା ବିଲ ଗମାଙ୍ଗଙ୍କ ବିଲ

ଆସ ଭାଇନା ଧାନ ଉପାଡ଼ିଯିବା

ଆସ ଭଉଣୀ ଧାନ ଲଗାଇଯିବା ।

## ଗୀତ - ୩୬

କତ୍‌କଣ୍ଡା ତଆଁଇବା ଡ଼ାଙ୍ଗଗଡ଼ି ବୟ
କତ୍‌କତ୍ତା ତଆଁଇବା ଡାଙ୍ଗଗଡି ବୟ
ଅଲାଜିଂଏନ୍ ୟାଁତେ ଡ଼ାଙ୍ଗଗଡି ବୟ
ଅଲାସିଙ୍ଗଏ ୟାତ୍ତୁବ୍‌ତେ ଡାଙ୍ଗଡିବୟ ।

### ଓଡ଼ିଆ

ସେପଟ ସେପଟେ ନାଚ ଏ ଧାଙ୍ଗଡ଼ି
ସେପଟ ସେପଟ ନାଚ ଏ ଧାଙ୍ଗଡ଼ି
ମୋ ତଳି ପାଦ ମାଡିବ ଧାଙ୍ଗଡି
ମୋ ପାଦ ଆଙ୍ଗୁଠି ମାଡିବ ଧାଙ୍ଗଡି ।

## ଗୀତ - ୩୭

ଟାକୁଙ୍ଗ୍‌ଲିଙ୍ଗ୍ ଗବ୍‌ଲେବିନଡ଼େନ ରେଂଗି ଇଙ୍ଗ୍‌ଇଙ୍ଗ୍
ଆରାଲିଙ୍ଗ୍ ଗବ୍‌ଲେବିନ୍‌ଡେନ୍ ରେଂଗି ଇଙ୍ଗ୍‌ଇଙ୍ଗ୍
ବାରୁବାଲେନ୍ ଡ଼ାଇଲେବିନ୍‌ଡେନ୍ ରେଂଗି ଇଙ୍ଗ୍‌ଇଙ୍ଗ୍
ଜିରାଙ୍ଗ୍‌ଲିଙ୍ଗାନ୍ ଡ଼ାଇଲେବିନ୍‌ଡେନ୍ ରେଂଗି ଇଙ୍ଗ୍‌ଇଙ୍ଗ୍

### ଓଡ଼ିଆ

ପଥର ଉପରେ ବସିଲେ ପବନ ବହୁଛି
ଗଛ ଉପରେ ବସିଲେ ପବନ ବହୁଛି
ପାହାଡ଼ ଉପରେ ଚଢ଼ିଲେ ପବନ ବହୁଛି
ଚଢ଼ିଲେ ପବନ ବହୁଛି ।

## ଗୀତ - ୩୮

ଡ଼ାଗାଇଙ୍ଗ୍‌ଆନ୍ ଆତ୍ତୁଆଇତି ଡ଼ାଗାଞ୍ଜାମ୍‌ଲେ ପାଆଁଜି,
ଗାନୁରଇଙ୍ଗ୍‌ଆନ ଆତ୍ତୁଆଇତି ଗାନୁରାନ୍‌ଞ୍ଜାମ୍‌ଲେ ପାଆଁତି
ରାଙ୍ଗ୍‌ଆଇଙ୍ଗ୍‌ଆନ ଆତ୍ତୁଆଇତି ରାଙ୍ଗ୍‌ଆନ୍‌ଞ୍ଜାମ୍‌ଲେ ପାଆଁତି

### ଓଡ଼ିଆ

ଗ୍ରୀଷ୍ମଋତୁ ଆସିଲା ଖରାଧରି ଆସିଲା
ବର୍ଷାଋତୁ ଆସିଲା ବର୍ଷାଧରି ଆସିଲା
ଶୀତଋତୁ ଆସିଲା ଶୀତଧରି ଆସିଲା ।

## ଗୀତ -୩୯

ଡାବିଇ ବୁଢ଼ା ଡାବିଲ ବୁଢ଼ା ଇତିନ ଲୁମ୍‌ତିନ୍
ଆନିଙ୍‌ଲିଙାନ୍ ଡ଼ାବୁଡ଼ିଲିଙାନ ଆରାସାଲନ୍ ଗିଜେତିନ
ଆରାସାଲ୍‌ନ୍ ଗିଜାନ୍ ଗିଇଲେ ଇର୍‌ଲେ ଗିଜେତିନ୍
ଇର୍‌ଲେ ଇର୍‌ଲେ ଏର୍‌ୟାଙ୍‌ଲେବି ଜାଇତା ଗଲୁଲି ।

### ଓଡ଼ିଆ

ବାଙ୍ଗରା ବୁଢ଼ା ବାଙ୍ଗରା ବୁଢ଼ା କିସ କରୁଛୁ
ଶିକା ଉପରେ କଳସିରେ ସଜମଦ ଦେଖିଲା
ସଲପମଦ ଦେଖିକରି ଡ଼େଇଁକି ଦେଖିଲା
ଡ଼େଇଁ ଡ଼େଇଁ ନପାଇକି ତଳେ ପଡିଗଲା ।

## ଗୀତ - ୪୦

କାକା ଆବଇ ଡ଼ାଆ ଆସନ୍ କାବ୍ କାବ୍ ଗାମଲେ
ଅଙ୍‌ଗିଜା ଆଞ୍ଜାଏତି ଆସନ୍
ଏଙ୍‌ଲେ ଏଙ୍‌ଲେ ୟିରେତିନ୍
ସନାଡୁମ୍ ଆମ୍ବୁ ଜାରିସୁଲ
ଆଡ଼ମ ଆଡ଼ମ୍‌ଲିନ୍ ଗିଜେତିନ୍
ରାଗିଡ଼ି ରେଙାନ୍ ପାଙାତିନ୍
ଆବଇ ଆବଇ ପିଡ଼େଡ଼ିନ
ଡାଆନ୍ ଲାଂକା ଡ଼ାଜାଇତିନ୍
ତାଗାଲଲାବି ଗାଏତିନ୍
ପୁରଗାମ୍ ଏଙଲେ ୟିରେତିନ୍ ।

### ଓଡ଼ିଆ

କାଉ ଗୋଟେ ପାଣି ପାଇଁ କାବ୍ କାବ୍
କେଉଁଠି ହେଲେ ପାଣି ପାଇଲା ନାହିଁ
ଉଡି ଉଡି ଚାଲିଗଲା ।
ଛୋଟ ଗୋଟେ ସୁରେଇ
ଥଣ୍ଡପୁରେଇ ପୁରେଇ ପୁରେଇ ରଖିଲା ।
ଛୋଟ ଗୁଡ଼ି ଆଣିଲା
ଗୋଟେ ଗୋଟେ ପକେଇଲା
ପାଣି ଉପରକୁ ଚଢ଼ିଲା
ପେଟ ପୁରା ପାଣି ପିଇଲା
ଫୁର୍‌କରି ଉଡ଼ି ଚାଲିଗଲା ।

## ଗୀତ – ୪୧

କାମ୍‌ସିପ କାମସିମ୍ କେକେରଜବ୍
ଅମ୍ୟେର କାମସିମ୍ କେକେରଜବ୍
ଅଅନ୍‌କି ଗିଇଲେ କୁକୁତେ
ଆଡ଼ାଙ୍ ଗାଇଲିଙ୍ ତଙ୍‌ତଙ୍ ଆଇତି
କାପାଲିଙ୍‌ନମ୍ ସସତେ ।

### ଓଡ଼ିଆ

କୁକୁଡ଼ା କୁକୁଡ଼ା କେକେରଜବ୍
କୁକୁଡ଼ା କେକେରଜବ୍
ପିଲାଙ୍କୁ ଦେଖି ଖେଳାଉଛ
ଚିଲ ଝାମ୍ପିବାକୁ ଆସିଲେ
ଡେଣାରେ ଲୁଚେଇ ଦେଉଛୁ ।

## ଗୀତ – ୪୨

ତେମ୍ୟେ ଗାଜନ୍ ଲଲନା
ମିତାଲ ଗୁଡ଼ାଙ୍ ଗାଗାନା
ରାଗାବ ରାଗାବ୍ ଲଲନା
ଡାଗା ଉୟୁଙ୍ ୟାଁତାଇ
ଆଜିଙ୍ କୁରାବ୍ କାୟିଡ଼ା
ବଂସା ଆଜାନ୍‌ତୁମ ଆଗୁରା
ପାସିଏ୍ ଗୁଲା ଆଗାବା

### ଓଡ଼ିଆ

ନୂଆ ମାସରେ ଲଲନା
ଦୂର ବାଡ଼ରେ ଖାଇବା
ରାଗାବ୍ ରାଗାବ୍ ଲଲନା
ଝାଳମଳିରେ ଲଲନା
ଖରା ସୂର୍ଯ୍ୟକିରଣ ବାଜିକ
ଘାସ, ଗଛ ସୁଖେଇଦେ
ଭଲ ଫସଲ ଅମଳ କରେ
ପିଲା ପିଲି ଆମେ ଖାଇବା ।

## ଗୀତ - ୪୩

ପାଣ୍ଡେରାନ୍ ପାରଗାଡ଼ବନ ଡେଙ୍‌ଲେବିନ୍‌ଡେନ୍
ପାର ପାରଗାମ୍ ୟିରତିନ୍‌ଜି
କାମୁଆନ୍ କାନ୍‌ଜିଆନ ଡ଼େଙ୍‌ଲେବିନ୍‌ଡ଼େନ
ରାତା ରାତାଗାଁମ୍ ୟିରତିନ୍‌ଜି
ଡିଙ୍‌ଡ଼ା ମାରାନ୍ ଡିଙ୍‌ଡ଼ାତିନ
ଡ଼ଲଡ଼ଲମାର ଡ଼ଲଡ଼ଲତିନ୍
ଡ଼ାମ୍ ଗାମଲେ ସାଡ଼ାତି ।

### ଓଡ଼ିଆ

ଠେକୁଆ, ହରିଣୀକୁ ମାରିଲେ
ପାରପାର ହୋଇ ଧାଉଁଛନ୍ତି
ଘୁଷୁରୀ, ଝିଙ୍କ ମାରିଲେ
ରାତା ରାତା ହୋଇ ଧାଉଁଛନ୍ତି
ଜଗିବା ଲୋ ଜଗୁଛି
ଶିକାରୀ ଶିକାର କରୁଛି
ଡ଼ାମ ଡ଼ାମ ହୋଇ ଶୁଭୁଛି ।

## ଗୀତ - ୪୪

କିର୍‌କିର୍ କିର୍ ଗାମ୍‌ଲେ କିତା ଗୁତେ
କାକା କା ଗାମରେ କାକା ଗୁତେ
କେଓ କେଓ କେଓ ଗାମଲେ ମାରା ଗୁତେ
କବ୍ କବ୍ କବ୍ ଗାମଲେ କଡ଼ା ଗୁତେ
ଟିଙ୍ ଟିଙ୍ ଟିଙ୍ ଗାମଲେ ଟିଙ୍କୁଡ଼ ଗୁତେ
କୁରି କୁରି କୁରି ଗାମଲେ କୁକୁର ଗୁତେ ।

### ଓଡ଼ିଆ

କିର୍, କିର୍, କିର୍, ବୋଲି ଶୁଆ ରାବେ ।
କା, କା, କା, ବୋଲି କାଉ ରାବେ ।
କେଓ କେଓ କେଓ ବୋଲି ମୟୂର ରାବେ ।
କବ୍ କେବ୍ କବ୍ ବୋଲି ବଗ ରାବେ ।
ଟିଙ୍ ଟିଙ୍ ଟିଙ୍ ବୋଲି ଟିଙ୍କୁଡୁ ରାବେ ।
କୁରି କୁରି କୁରି ବୋଲି କାପ୍ତା ରାବେ ।

## ଗୀତ - ୪୫

କୁକୁର କାନ୍ତି ପ ଏୟାଙ୍ ବାଇଂଲିନ୍
ଅରଲ କାନ୍ତି ପ ଏୟାଙ୍ ବାଇଂଲିନ୍
ଆୟିୟେନ୍ ଡୁସା ଆସନ ଆୟିୟେନ୍ ରାଙକା ଆତି
ୟେନ୍ ଡୁସା ଗାମ୍‌ଲିନ୍ ୟେନ୍‌ନା ରଙ୍‌ନା ଗାମ୍‌ଲିନ୍ ।

### ଓଡ଼ିଆ

କିସ ପାଇଁ କି ଏ ମାଆ ପଠାଇଲୁ
ଜଗିବା ପାଇଁକି ଏ ମାଆ ପଠାଇଲୁ
ମୋ ଭଉଣୀ ଭୁଲ କରିବାପାଇଁ ମୋ ଭଉଣୀ ରଙ୍କୁଣି
ମୋତେ ଦୋଷ ଦେଲୁ ମୋତେ ରଙ୍କଣା କହିଲୁ ।

## ଗୀତ - ୪୬

ସାଣ୍ଡିଲିଡାନ୍ ସାଣ୍ଡିଲୁବାନ ଗାମୁଲାନ୍ ଡାକୁଜି
ଡାଗାଲିଡାନ୍ ସାଣ୍ଡିୟେନ୍ ଡାକୁଲେ ସିଲାଇ
ସାଣ୍ଡିଆତି ଲବଲିଡ଼୍ଆନ୍ ତିଲେ ଡକୁଲାଇ
ଗାମୁଲାନ୍‌ଜି ଜିଙୟେନ୍ ବାତି ଞାଡ଼ାଲେ କାୟିଲାଇ
ଟଗଲଆତି ବଂସାଗାମ ସାୟୁଗାମ ଡିମ୍‌ଡ଼ାଲିନ୍ ।

### ଓଡ଼ିଆ

ଖଟରେ ଖଟ ମୁଣ୍ଡାଳିରେ ଓଡ଼ଶ ଅଛନ୍ତି
ଖରାରେ ମୋର ଖଟକୁ ରଖି ଦେଲି
ଖଟଟି ମାଟିରେ ମାରୁ ଥିଲି
ଓଡ଼ଶ ଗୁଡିକ ମୋପାଦରେ ମାଡି ମରାଇଲି
ରାତିରେ ଭଲରେ ଆନନ୍ଦରେ ଶୋଇଲି ।

## ଗୀତ - ୪୫

କୁକୁର କାନ୍ତି ପ ଏୟାଙ୍ ବାଇଂଲିନ୍
ଅରଲ କାନ୍ତି ପ ଏୟାଙ୍ ବାଇଂଲିନ୍
ଆୟିୟେନ୍ ତୁସାଃ ଆସନ ଆୟିୟେନ୍ ରାଙକା ଆତି
ୟେନ୍ ତୁସା ଗାମ୍ଲିନ୍ ୟେନ୍ନା ରଙ୍ନା ଗାମ୍ଲିନ୍ ।

### ଓଡ଼ିଆ

କିସ ପାଇଁ କି ଏ ମାଆ ପଠାଇଲୁ
ଜଗିବା ପାଇଁକି ଏ ମାଆ ପଠାଇଲୁ
ମୋ ଭଉଣୀ ଭୁଲ କରିବାପାଇଁ ମୋ ଭଉଣୀ ରଙ୍କୁଣି
ମୋତେ ଦୋଷ ଦେଲୁ ମୋତେ ରଙ୍କଣା କହିଲୁ ।

## ଗୀତ - ୪୬

ସାଣ୍ଡିଲିଡାନ୍ ସାଣ୍ଡିଲୁବାନ ଗାମୁଲାନ୍ ଡାକୁଜି
ଡାଗାଲିଡାନ୍ ସାଣ୍ଡିୟେନ୍ ଡାକୁଲେ ସିଲାଇ
ସାଣ୍ଡିଆତି ଲବଲିଙ୍ଆନ୍ ତିଲେ ଡକୁଲାଇ
ଗାମୁଲାନ୍ଜି ଜିଙୟେନ୍ ବାତି ଝାଡ଼ାଲେ କାୟିଲାଇ
ତଗଲଆତି ବଂସାଗାମ ସାୟୁଗାମ ଡିମ୍ଡ଼ାଲିନ୍ ।

### ଓଡ଼ିଆ

ଖଟରେ ଖଟ ମୁଣ୍ଡାଳିରେ ଓଡ଼ଶ ଅଛନ୍ତି
ଖରାରେ ମୋର ଖଟକୁ ରଖି ଦେଲି
ଖଟଟି ମାଟିରେ ମାରୁ ଥିଲି
ଓଡ଼ଶ ଗୁଡିକ ମୋପାଦରେ ମାଡି ମରାଇଲି
ରାତିରେ ଭଲରେ ଆନନ୍ଦରେ ଶୋଇଲି ।

## ଗୀତ - ୪୭

ସାନ୍ନା ବଂସା ସିଞ୍ଜେନ୍
ବାଗୁ ମାଇଲେ ଲିମ୍ତାବିନ୍
ସାନ୍ନା ବଂସା ମାଡ୍ୟେନ୍
ଡ଼ିସା ଡ଼ିସାନ୍‌ଜି ଗିଏୖତେନ୍
ବଂସାତୁମ୍ ଆତଅଡମ୍
ଆବଂାସା ଆବିରନା ବିରତିମ୍ବି ।

### ଓଡ଼ିଆ

ଛୋଟ ମୋର ହାତ
ଦୁଇ ହାତ ଯୋଡ଼ି ନମସ୍କାର
ସାନ ଆକ୍ଷି ମୋର
ବେଶ ବେଶ ଦେଖୁଛି
ଭଲ ପାଟି ମୋର
ଭଲ କଥା କହୁଛି ।

## ଗୀତ - ୪୮

ଆରାନିବ୍‌ଲିଙ୍ ଆଡ଼ାଙ୍
ଆରେସିମାନ୍ ଞାମେତିନ୍
ଆସସବାନ୍ ଗବେତିନ୍
ଆମାମ୍‌ବାତି ଶୁଇଁଲା
ଆଡ଼ାଙ୍ ଏଙଲେ ୟିରେତିନ୍
ଆଆମାନ୍ ସାତା ଗାଲୁଲି ।

### ଓଡ଼ିଆ

ଗଛରେ ଚଢ଼େଇ
ଅଣ୍ଡା ଧରିବସିଛି
ଲୁଚିଛପି ବସିଛି
ବାଟୁଲିରେ ବିନ୍ଧିଲି
ଚଢ଼େଇ ଉଡି ଚାଲିଗଲା
ବାଟୁଲି ପଡିଗଲା ।

## ଗୀତ - ୪୯

ଲୁଙ୍ଗୁଡ୍ରୁମ୍ କୁମ୍ବିବୁର ଆତାରୁବ
ସୁଡ୍ରାଗୁମନ ରାଡ଼ଂଗିଗୁମାନ୍ ମାଲେ ଆସନ
ଗାନୁରଲିଡାନ୍ ଜଲ୍‌ଲି ପାସିଜାନଜି ସରଡ଼ାଲସି ତଡ଼ଂଲେଜି
ଇଲଇଗାମ୍ ଜଲଲି ଆସିଜାନ୍‌ଜି ମାଡ଼ଂଲେଜି ।

### ଓଡ଼ିଆ

ଅନ୍ଧାରିଆ କୁମ୍ବିପର୍ବତ ମେଘ
ବଡବର୍ଷା ପବନବର୍ଷା ଆମ ପାଇଁ
ବର୍ଷାରେ ଖସିଗଲା ପିଲା ଖୁସିହୋଇ ନାଚିଲେ
ଖସିଗଲା ଖସି ପିଲାମାନେ ହସିଲେ ।

## ଗୀତ - ୫୦

ଗୁଆଡ଼ଂଲିଡାନ୍ ରାଂଗିବାନ୍
ବୁର ବୁର ଏଡ଼ଂତେ
ଆଡାଡାନ୍ ଆମ୍‌ବ୍ରିଏ୍ ଆକାପା
ରାଂଗି ଆମ୍‌ବ୍ରିଏ୍ ଇର୍‌ତେ
ଜାଏ୍ ଜାଏ୍ ଗାମ୍‌ଲେ ଉନ୍‌ଡ୍ରେଙ୍ଗଲେ ୟିର୍‌ତିନ୍ ।

### ଓଡ଼ିଆ

ଆକାଶରେ ଶଙ୍ଖଚିଲ
ବୁର ବୁର ଉଡୁଛି
ଶଙ୍ଖଚିଲ ପରି ଡେଣା
ପବନପରି ଉଡୁଛି
ଆସ ଆସ ବୋଲି ଛାଡ଼ି ଚାଲିଗଲା ।

## ଗୀତ - ୫୧

ପାସିଏିଜି ଆଲେନ୍ ସନା ପାସିଏିଜି
ପିନ୍‌ତୁ ଇରସିନ୍ ଏରଗାଲମ୍ ପାସିଏିଜି
କିଙ୍ଂକିଙ୍ଂନା ଆଲେନ୍ ଇସ୍‌ମ୍‌ତାଇ
ତଙ୍‌ସେଡ଼୍‌ନ ଆଲେନ୍ ଇସ୍‌ମ୍‌ତାଇ
କିଙ୍କିକିଙ୍କନା ସାଇଲେ ତଙ୍‌ସେଡ଼୍‌ନ୍ ସାଇଲେ
ଆଲେନ୍ ଇସୁମ୍‌ତାଇ
ତାରବାନ୍ ଆଲେନ୍ ଇସୁମ୍‌ତାଇ
ଅନ୍‌ତିନ୍ ତ୍‌ନା ଆଲେନ୍ ଇସୁମ୍‌ତାଇ
ତାରବାନ୍ ସାଇଲେ ଅନ୍‌ତିଡାନ୍ ସାଇଲେ
ଆରାବିବାନ୍ ଆଡାଇବି ଆଲେନ୍ ଇସ୍‌ମ୍‌ତାଇ ।

### ଓଡ଼ିଆ

ପିଲାଏ ଆମେ ସାନ ପିଲା
ପାପପୁଣ୍ୟ ଅଜଣା ପିଲା
ଗୀତ ଗାଇବା ଆମେ ଇଛା କରୁଛୁ
ନାଚ ନାଚିବା ଆମେ ଇଛା କରୁଛୁ
ଗୀତଗାଇବା ନାଚ ନାଚିବା
ଆମେ ଇଛା କରୁଛୁ
ଫୁଲ ଆମେ ଇଛା କରୁଛୁ
ପକ୍ଷୀ ଆମେ ଇଛା କରୁଛୁ
ଫଳ ଖୋଜି ପକ୍ଷୀ ଖୋଜି
ଗଛ ଚଢ଼ିବାକୁ ଆମେ ଇଛା କରୁଛୁ ।

## ଗୀତ - ୫୨

ସାମାଇ ସାମାଇ ଓ୍ୱା ଆଗରବାଙ୍ଗ
ସଅଡ଼ା ଗରଜାଡ଼୍ ଞେନ୍
ଆରଇ ଆରଇ ଓ୍ୱା ଆ ଗରଜାଙ୍ଗ
କାଙ୍ଗାଲାରେଡ଼୍ ଗରାଜାଡ଼ଂଞେନ୍
ଗାମୁଲ ଗାମୁଲ ଓ୍ୱା ଗରଜାଙ୍ଗ
ଆପତାରାମାନଡ଼୍ ଗରଜାଙ୍ଗ ଞେନ୍
ବୁ ବୁଡ୍ ବୁବୁଡ୍ ଓ୍ୱା ଆଗରଜାଙ୍ଗ
ଆସଙ୍ଗତାଡ଼୍ କୁପା ଆରଜାଙ୍ଗ ଞେନ୍ ।

### ଓଡ଼ିଆ

ମଶା ମଶା କେଉଁ ଗାଁଆଁ
ଅବର୍ଜନା ମୋର ଗାଆଁ
ମାଛି ମାଛି କେଉଁ ଗାଆଁ
କାଙ୍ଗାଲିଜାଗା ମୋର ଗାଆଁ
ଓଡ଼ଶ ଓଡ଼ଶ କେଉଁ ଗାଆଁ
ଥାଂଙ୍କ ଜାଗା ମୋର ଗାଆଁ
ପୋକ ପୋକ କେଉଁ ଗାଆଁ
ଗୋବର ଗଦା ମୋର ଗାଆଁ ।

## ଗୀତ - ୫୩

କୁଲୁ ବାଇ କୁଲୁ ବାଇ ଓ୍ୱା ଇଏଁଲେ
ଗରଜାଡ଼ବାଜି କାରୁଡ଼୍ ବାରୁଡ଼୍ ଇଏଁଲେ ଗରନାଇ
ତାଡ଼ାରିମ୍, ସୁଡ଼ାୟିମାନ, ଇଏଁଲେ ସାଇନାଇ
ସାଇୟୁମ୍‌ବାନ୍ ଆଇଏଁଲେନ୍ ସୁଡ଼ାୟିମାନ ୟାଡ଼ଂଲେପ
ଏରଞ୍ଜାନାଡ଼୍ ବିନ୍‌ଡ୍ ଗାଡ଼ିଲେ ଲିନ୍‌ଜି ଞେନ୍
ୟିନ୍ ଆକାତା ଆଅବ୍ଲିଇଡ଼ଂ ଞେନ୍
ଡ଼ାଙ୍ଗୁନ୍ ବାତି ସିରୁଡ଼୍ ଲିନ୍‌ଜି ମାମାଡ଼୍‌ଞେଜି ।

### ଓଡ଼ିଆ

ବିଲୁଆ ନନା ବିଲୁଆ ନନା କୁଆଡ଼େ ଗଲୁ
ଗାଆଁଗାଆଁ ବାଡିବଗିଚ୍ଛ ଯାଇ ବୁଲିଲି
ଗଞ୍ଜା କୁକୁଡ଼ା, ମାଇ କୁକୁଡ଼ା ଯାଇ ଖୋଜିଲି
ଖୋଜି ଖାଇବାକୁ ଗଲୁ ଯେ ମାଇ କୁକୁଡ଼ା ପାଇଲୁ କି
ପାଇଲି ନାଇଁ ଯେ ମୋତେ ଜଗିଲେ
କି କଥା କହିବି ମୁଁ ଯେ
କଥା କହିବାକୁ କିଆଁ ରଖିବି
ବାଡ଼ି ସଙ୍ଗେ ମତେ ବାହା କରିଦେଲେ ।

## ଗୀତ - ୫୪

କୁନିଗିଜା ଆୟେଡତାଡ଼୍ ବଂସାତୁମ୍ ଆଜନ୍ତୁ
ବାଗୁଡ଼ାକୁ ଆତିରେଡ୍ନା
ଆଲା ଆବଇ ଡ଼କୁତି
ରେୟାଡି ଗାବନ କୁମ୍‌କୁମ୍‌ତିନ
ଆତୁବାନ୍ ମାଲେନ୍ ତିଏଁ ତିଏଁ ଲେଙ୍‌ତିନ୍
ଆତୁବାନ ମାଲେନ୍ ଗାଲେବିନ୍‌ଡେନ୍
ଆଅଗନ୍‌ଡିନ୍ ଆବୁଡି ଆଲାଡ୍‌ତିନ୍ ।

### ଓଡ଼ିଆ

ସେଟା ଦେଖ ଗାଈ ସୁନ୍ଦର ଜନ୍ତୁ
ଦୁଇଟି ଶିଙ୍ଗ ଅଛି
ଲାଙ୍ଗୁଳ ଗୋଟେ ଅଛି
କଅଁଳିଆ ଘାସ ଖାଉଛି
ଆମକୁ କ୍ଷୀର ଦେଉଛି
କ୍ଷୀର ଯଦି ପିଇଲେ
ଜ୍ଞାନ ବୁଦ୍ଧି ଆମକୁ ହେବ ।

## ଗୀତ -୫୫

ବାମ୍ନିଡି ଆମାନ୍ତାଲିଡ୍ ବମ୍ମା ଡ଼ାକୁଞ୍ଜି
ବମ୍ମା ଆଗାଗାନା ବୁତିନ୍ ରୁଜୁମତେ
ଏଗେଏଁ ଏଗେଏଁ ରୁପୁଡ଼ି ଆରେନେତିନ୍
ଆବଜାନ୍ ବତାଙକା ବୁତିନ୍ ତିଏଁତେ ।

### ଓଡ଼ିଆ

ଭାମୁନି ହାଟରେ କୁଣ୍ଡାଇ ଅଛି
କୁଣ୍ଡାଇର ଖାଦ୍ୟ କିଏ ବୁଝିବ
ଆରେ ଆରେ ଶୁଆ ଅଣ୍ଡା ଦେଲା
ଗୋଟେ ଏକ ଟଙ୍କା କିଏ ଦେବ ।

## ଗୀତ - ୫୬

ଆଙ୍ଗାଜାନ୍ ତେଡେର
ଆଲୁରି ସୁନା ତେଡେର
ପୁପୁନ ତେଡେଇ
ଗାଡିଆ ଗୁଲି ଆତେବେର
ଉୟୁଙ୍ଗାନ୍ ତେଡେର
ଲବ୍ଲେନ୍ଡୁମ୍ ତେଡ୍ର

### ଓଡ଼ିଆ

ଜହ୍ନ ଗୋଲିଆ
କାନର ରିଙ୍ଗୁ ଗୋଲିଆ
ପିଠା ଗୋଲିଆ
ଗାଡିର ଗୁଳି ଗୋଲିଆ
ସୂର୍ଯ୍ୟ ଗୋଲିଆ
ପୃଥିବୀ ମଧ୍ୟ ଗୋଲିଆ ।

## ଗୀତ - ୫୭

ରାଆ ୟିରାଇତିନ୍ ରାଆନ୍
ସୁଡ଼ାଡୁମ୍ ଆ ରାଆ
ଡାରକ୍ଅୟେର ଆଲୁଡ଼ାନ୍
ଆରିମିଇଡ଼ା ଆମଅଡ଼ନ୍
ଆମୁ ଗାମଲେ ଜାଲିଡ଼ାମ୍
ଆରାଜାକିଙ୍ଗ୍ ଆଙ୍ଗୁଇତେ ।

### ଓଡ଼ିଆ

ହାତୀ ଆସିଲା ହାତୀ
ବଡହାତୀ
କୁଲା ଭଳି କାନ
ଛୋଟିଆ ଆଖି
ନାକ ତାର ଲମ୍ବା
ଗଛ ପତ୍ର ଭାଙ୍ଗୁଛି ।

## ଗୀତ - ୫୮

ସାରାଙ୍‌ତାରନ୍‌ ଗାଡ଼ା ଗାଡ଼ା
ତାଙରତାରନ୍‌ ଗାଡ଼ା ଗାଡ଼ା
ରାଙ୍‌ଗିନାତିଇଲେ ମସେ ମସେ
ରାଙ୍‌ଗିନ ତିଇଲେ ଗାଡ଼ା ଗାଡ଼ା
ବାନୁମତାରନ୍‌ ଗାଡ଼ା ଗାଡ଼ା
ସାନ୍‌ଚଳନ୍‌ତାରନ୍‌ ଗାଡ଼ା ଗାଡ଼ା
ରାଙଗିନା ତିଇଲେ ମସେ ମସେ
ରାଙଗିନା ତିଇଲେ ଗାଡ଼ା ଗାଡ଼ା
ଡ଼ାଙନାତାରନ ଗାଡ଼ା ଗାଡ଼ା
ଗାଡ଼ା ତାରନ୍‌ ମସେ ମସେ
ରାଙଗିନତିଇଲେ ଗାଡ଼ା ଗାଡ଼ା
ଉୟୁଙ୍‌ ତାରନ୍‌ ଗାଡ଼ା ଗାଡ଼ା
ବଂସାତାରନ୍‌ ଗାଡ଼ା ଗାଡ଼ା
ରାଙ୍‌ଗିନ୍‌ ତିଇଲେ ମସେ ମସେ

### ଓଡ଼ିଆ

ଶବ୍ଦସ୍ୱର ଗାଡ଼ା ଗାଡ଼ା
ସିଧା ରାସ୍ତା ଗାଡ଼ା ଗାଡ଼ା
ପବନ ବାହେ ମସେ ମସେ
ପବନ ବାହେ ଗାଡ଼ା ଗାଡ଼ା
ବିଲା ଫୁଲ ଗାଡ଼ା ଗାଡ଼ା
ଚଞ୍ଚଳାଫୁଲ ଗାଡ଼ା ଗାଡ଼ା
ପବନ ହେଲେ ମସେ ମସେ

ପବନ ହେଲେ ଗାଡ଼ା ଗାଡ଼ା
ଡାଙନା ଫୁଲ ଗାଡ଼ା ଗାଡ଼ା
ବଣ ଫୁଲ ମସେ ମସେ
ପବନ ବହିଲେ ଗାଡ଼ା ଗାଡ଼ା
ସୂର୍ଯ୍ୟମୁଖୀ ଫୁଲ ଗାଡ଼ା ଗାଡ଼ା
ଭଲଫୁଲ ଗାଡ଼ାଗାଡ଼ା
ପବନ ବହିଲେ ମସେ ମସେ ।

## ଗୀତ - ୫୯

ଉଡ଼ା ଗୁରାନ କାତିନ୍ ଡୁମ୍
କିନ୍ତେ ଗୁରାନ୍ କାତିନ୍ ଡୁମ୍
ସାରସାଙ୍‌ଗୁରାନ୍ ଆସାଙ୍‌ଡୁମ୍
କାରିଲ୍ଲାଗୁରାନ୍ ଆସାଙ୍‌ଡୁମ୍
କାଇତାଗୁରାନ୍ ବୁକ୍‌ଡ଼ାମ୍
କୁରଗାଡ଼ଗୁରାନ୍ ବୁକ୍‌ଡ଼ାମ୍
ରାଜାମିଡ଼ାନ୍ ସୁୟୁଡ଼ାମ୍
ଡ଼ାମ୍ବସଂ ମିଡ଼ାନ୍ ଉନ୍‌ତ୍ରାବତୁମ୍
ତିତିନ୍ ଗୁରାନ୍ ଆରାଙ୍‌ଡୁମ୍
ଅନଣ୍ଡେଙ୍‌ଗୁରାନ୍ ଆରେଙ୍‌ଡୁମ୍

ଓଡ଼ିଆ

ଆମ୍ବପାଚିଲା ମଧୁର
କଦଳୀ ପାଚିଲା ମଧୁର
ବୁଦୁକାଫଳ ପିତା
କଲରାଫଳ ପିତା
କଇଠଫଳ କଷା
ଜାମୁକୋଳି କଷା
ଧାନମରିଚ ରାଗ
ବଡ଼ମରିଚ ରାଗ
ତେନ୍ତୁଳିଫଳ ଖଟା
ଖଜୁରୀକୋଳି କଷା ।

## ଗୀତ - ୬୦

ବାରାଡ଼ାବାନ୍ ଯୁମ୍‌ଲେନ୍‌ଡେନ୍ ବୁଡ଼ିତାଏ
ଗାରୁଡିଓ୍ୱାବ ଯୁମ୍‌ଲେନ୍‌ଡେନ୍ ଗାଲୁତାଇ
ଜେଏଆବାନ୍ ଯୁମ୍‌ଲେନ୍‌ଡେନ୍ ଜେଲଜେଲତାଇ
ସୁସୁନାବାନ୍ ଯୁମଲେନ୍‌ଡେନ୍ ସୁଡ଼ାତାଇ
ଉସାଲତାଙ୍ଗାବାନ୍ ଯୁମ୍‌ଲେନଡେନ୍ ଉମାଙ୍ଗତେଜି
ଆସଙ୍‌ତାଙ୍‌ବାନ୍ ଯୁମ୍‌ଲେନ୍‌ଡେନ୍ ଆଡ଼ଙ୍‌ତାଜି ।

ଓଡ଼ିଆ

ବରଡ଼ା ଶାଗ ଖାଇଲେ ବୁଦ୍ଧିବଢ଼ିବ
ଗାରୁଡିଶାଗ ଖାଇଲେ ବୁଝିପାରିବ
କଡ଼ାଶାଗ ଖାଇଲେ ସୁସ୍ଥସବଳ ହେବ
ସୁକୁନାଶାଗ ଖାଇଲେ ଶକ୍ତି ବଢ଼ିବ
ମୁଷାକାନିଶାଗ ଖାଇଲେ ଦେହ ଉଶ୍ୱାସ ହେବ
ପିତାଶାଗ ଖାଇଲେ ରୋଗ ହେବନି ।

## ଗୀତ - ୬୧

କାକା କାକା କାକା ବଇ
ତିଏଁନେ ୟାଙ୍ କାତାଜି ଅବ୍ଲିଆ
କୁକୁ କୁଉଲା ବଇ
ବଂସା କାନିନ୍ କିଂଗଜି ଞେଡ଼ଙ୍ଲେ ୟାଙ୍
ଗୁ ଗୁ ଗୁ ଗୁ ଗୁ ପୁଡିବଇ .
ଆରିଡ଼ା ବିରନାଜି ଅବ୍ଲିଆୟାଙ୍
ଗ ଗ ଗ ଗ ଗଣ୍ଡିଜନ
ୟିର ନାନାମ ଞେଡଂଲେନ୍ ୟାଙ୍
ରା ରା ରା ରା ରାମି ଆଗାଇଁୟାଙ୍
ପା ପା ପା ପା ପାରୁଆ ବଇ
ପାଲାକା ପୁଲା ଆପାୟାଇ ୟାଙ୍ ।

### ଓଡ଼ିଆ

କାଉ କାଉ କାଉ ମାଆ କାଉ
କେତେ କଥା ମାଆ କହିଯା
କୋଇଲି କୋଇଲି ମାଆ କୋଇଲି
ସୁନ୍ଦର ଗୀତ ଶିଖାଇ ଯାଆ
ଗୁ ଗୁ ଗୁ ଗୁ ଶୁଆ ମାଆ
ସୁନ୍ଦର କଥା କହିଯା ମାଆ
ଗ ଗ ଗ ଗ ଗୁଣ୍ଡିଚି ମାଆ
ତୋର ଚାଲି ଶିଖାଇଯା ମାଆ
ରା ରା ରା ରା ରାମି ମାଆ
ଅଳ୍ପ ଅଳ୍ପ ଭାତ ଶୁଖାଇ ଦେ ମାଆ
ପା ପା ପା ପାରୁଆ ମାଆ
ଶାନ୍ତି ବାରତା ଆଣିଦେ ମାଆ ।

## ଗୀତ -୬୨

କାକାନ୍ ଆତଅଡ଼ଲିଙ୍ ସାରସାଂଗୁର
କୁଲୁବାଉ ତଅଲିଙ୍ ଏଙ୍ଗାଗୁର
ଆରାଲବନିଙ୍ କାମିଗୁର
ସୁଙ୍ କାରୁଙ୍ ପାଡ଼ାସାଗୁର
ବାଉଁୟେନ ଆଞ୍ଜୁମ୍ ବଂସାତୁମ ।

### ଓଡ଼ିଆ

କାଉର ଥଣ୍ଟରେ ସାରସାଙ୍ଗଫଳ
ବିଲୁଆ ମାମୁଁର ପାଟିରେ ଅଁଳାଫଳ
ଝାମି ଗଛରେ ଝାମିଫଳ
ଘର ବାରିରେ ପଣସ ଫଳ
ମୋର ଝୁଇଁର ନାମ ସୁନ୍ଦର ।

### ଗୀତ - ୬୩

ବୁସ୍ ବୁସ୍ ରବଲ
ଏର ବୁଡି ରବଲ
ସାୟୁଗାମ ଇରାଇ
ଲବଆ ପାଗୁଆ ତେବଲେ
ଓ୍ୱାନତି ସାରିନ୍ ଇରଲାଇତେ
ଡାଜିଙ୍ ମାଇ ମାନଡ୍ରାନ୍ କାବଇଲେ ।

ଓଡ଼ିଆ

ବୁସ୍ ବୁସ୍ ମାଟିଖସିଲା
ବୁଦ୍ଧି ନଥିବା ମାଟି ଅତଟା
ମାଟିର ଅତଡ଼ା ଖସିଲା
କେଉଁଠାରୁ ତୁ ଆସିଲୁ
କେତେ ଜଣଙ୍କର ଜୀବନ ନେଲୁ ।

### ଗୀତ - ୬୪

ପାଲୁ ପାଲୁ ପାଗୁଆ
ଏ ଗୁଡ଼େନ୍ ଆଗୁରୁତୁ ଆମନ୍ ଏ ଯାଙ୍କ
ବଂସା ବୁଡି ଆମନ ଏଯାଙ୍
କୁଡୁମ୍ମାନ୍‌ଜି ଆନ୍‌ଲେନ୍ ଇଜାୟାଙ୍
ଅଡ଼ାଇ ମାନ୍‌ଡ୍ରାନ୍‌ଜି ଆବଇନା ଯାଙ୍
ସାତୁୟିମ୍ ବୟ ଆମନ୍ ଯାଙ୍
ସାତୁନାମ ବାରି ଜାମ୍‌ଡ଼ଙ୍‌ଲେ ଆମନ୍ ଯାଙ ।

ଓଡ଼ିଆ

ଧଳା ଧଳା ପାରା
ଶାନ୍ତିର ପ୍ରତୀକ ତୁ ମାଆ
ଭଲ ବୁଦ୍ଧି ତୋର ମାଆ
ସମସ୍ତଙ୍କୁ ଶାନ୍ତି ଦେମାଆ
ଜଗତର ଲୋକେ ସମସ୍ତ ଏକ ମାଆ
ଦୟାମୟୀ ମାଆ ତୁମେ ମାଆ
ତୋର ଦୟା ଦେଇଯା ମାଆ ।

### ଗୀତ - ୬୫

ଡ଼ାଲାମ୍ମା ଆସିଲିଙ୍ ସାରସାଙ୍‌ଗୁରାନ
'ରାମାମ୍ମା ଆସିଲିଙ୍ ମୁରି ଗୁରାନ୍
ଆଦାମ୍ମା ଆସିଲିଙ୍ ଅମୃତଗୁରାନ୍
ଜାୟାମ୍ମା ଆସିଲିଙ୍ ଜାମି ଗୁରାନ୍
ନାରମାମ୍ମା ଆସିଲିଙ୍ ଲେମ୍ମା ଗୁରାନ୍
ଗୁରାନ୍ ୟାଙ୍ ଗୁରାନ୍ ।

### ଓଡ଼ିଆ

ଡ଼ାଲାମ୍ମା ହାତରେ ସାରସାଙ୍ଗଫଳ
ରାମାମ୍ମା ହାତରେ ବରକୋଳି ଫଳ
ଆଦମ୍ମା ହାତରେ ଅମୃତଫଳ
ଜାୟାମ୍ମା ହାତରେ ଜାମିଫଳ
ନାରମାମ୍ମା ହାତରେ ଲେମ୍ବୁଫଳ
ପାଳିଲା ଫଳ ମାଆ ପାଚିଲା ଫଳ ।

### ଗୀତ - ୬୬

କନ୍ତିତାଙ୍ ପାଙ୍‌ତିଇତାମ କୁସୁମି ଲାଗି
ମାରାତୁଣ୍ଡି ପାଙ୍‌ତିଇତାମ୍ କୁସମି ଲାଗି
ମାନ୍ନା ଅତି ମାନ୍ନାତେ କୁସୁମି ଲାଗି
ବଡ଼ା ଅତି ବଡ଼ତି କୁସୁମି ଲାଗି
ପାଲକା ସିରୁନ୍ ପାଙ୍‌ତିଇତମ କୁସୁମି ଲାଗି
ଆନାଗୁଲ ପାଙ୍‌ତିଇତମ କୁସୁମି ଲାଗି ।

### ଓଡ଼ିଆ

କାନଫୁଲ ଆଣିଦେବି କୁସମି ସୁନ୍ଦରୀ
ନାକଫୁଲ ଆଣିଦେବି କୁସମି ସୁନ୍ଦରୀ
ଇଚ୍ଛା ଅଛି କି ନାହିଁ କୁସୁମି ସୁନ୍ଦରୀ
ନେବୁ କି ନାହିଁ କୁସୁମି ସୁନ୍ଦରୀ
ପାନିଆ ଦରପନ ଆଣିଦେବି କୁସମି ସୁନ୍ଦରୀ
ହାର ଆଣିଦେବି କୁସମି ସୁନ୍ଦରୀ ।

### ଗୀତ - ୬୭

କଲି ଆ କେଗାମତେ
କତା ଆ ବାରୁ ଜାୟ୍ ଗାମତେ
ଏନ୍‌ଡ୍ରନ୍‌ରଇ ମାଙ୍‌ଡି ଆୟେଙ୍
ବାବୁନ୍ ରଇ ଲାକୁତାଇ
ଏନ୍‌ଡ୍ରନ୍ ରଇ ମାଙ୍ଗଡ଼ାନ୍ ଆ ଉଆଙ୍
ବାବୁନରଇ ତେରଡ଼ା ତାଇ

ଓଡ଼ିଆ

ଏ ପଟର ପର୍ବତ କେ କହୁଛି
ସେପଟର ପର୍ବତ ଆସ କହୁଛି
ଟିକେ ଆଲୋ ମାଙ୍ଗଡିର ମାଆ
ବାବୁକୁ କାଖେଇବି
ଟିକେଥାଆ ମାଙ୍ଗାଡ଼ାର ବାପା
ଟିକେଥାଆବାବୁକୁ ଧରି ଆସୁଛି ।

### ଗୀତ - ୬୮

ଆଙ୍ଗାଇତା ୟାଙ୍ ଆଙ୍ଗାଇତାନ୍
ତାନାରାନ୍ ତିଏାତେ ଆଙ୍ଗାଇତାନ୍
ତାରବା ୟାଙ୍ ତାରବା
ବାଲିଙ୍ ତାଙ୍‌ଲିଙ୍ ତାରବା
ସୁଡ଼ା ସନା ମୁଡା ଗାନାଲାମନ୍‌ଲିନ୍ ସୁଡ଼ା ମୁଡ଼ା ।

ଓଡ଼ିଆ

ଜହ୍ନ ମାଆ ଜହ୍ନ
ଆଲୋକ ଦେଉଛି ଜହ୍ନ
ଫୁଲ ମାଆ ଫୁଲ
ଉଛୁଣା ସାରା ଫୁଲ
ବଡ଼ ସାନ ଆସ ଜାଣିବା ବଡ କଥା ।

## ଗୀତ -୬୯

ଯାତାରାନ୍ ଙ୍ଗେଇ ଜାତାରାନ୍ କାଡ଼ା ଜାତାରାନ୍
ୟାଇଞ୍ଜେନ୍ ଉବାୟେନ୍ ଇଲାଇଜି,
ରାଗାଲ କଜା ଡିଲେଜି ତଙ୍ସେଙ୍ମାରନ୍
ଗିଏଲେଜି ତାନିମ୍ ମାରାନ୍ ଗିଇଲେଜି
ଡାଙ୍ଜି ଡାଙ୍ଡ଼ା ଇଲାଇତି କଡିକତାଙ୍ ଗିଇଲେଜି
ପାସିଇଗୁଲା ଇଲାଇଜି
ସାରଡ଼ାଗାମଲେ ଇଲେଜି ।

### ଓଡ଼ିଆ

ଯାତାର ରେ ଯାତରା, ଗୁଣୁପୁର ଯାତରା
ଭଉଣୀ ଭାଇ ମୋର ଆସିଲେ
ମିଠା ଖଜା କିଣିଲେ
ଖେଳ କୁଦ ଦେଖିଲେ
କିଣା ବିକା ଲୋକଙ୍କୁ ଦେଖିଲେ
ଯୁବତୀ ଯୁବକ ଆସିଲେ
ଏପଟ ସେପଟ ଦେଖିଲେ
ପିଲାପିଲି ଆସିଲେ
ମନଖୁସିରେ ଚାଲିଗଲେ ।

## ଗୀତ - ୭୦

ମାମାରାନ୍ ମାମାତେନ୍
କନ୍ତାମେତନ୍ କନ୍ତେଲି
ଜାଆଡ଼ାନ୍ ଜାଲିଡୁମ୍
କିନାସିଡାନ୍ କରାଡୁମ୍
କାନି ଇସୁମ୍ ଜନ୍ତୁଜି
ରାମାଇତିନ୍, ରିଙ୍ଗ ରିଙ୍ଗ ଡାଇ

### ଓଡ଼ିଆ

ବିଛମଲା ମାଲୁଛି
ବିଛକଙ୍କଡ଼ା ପଥର ସନ୍ଧିରେ ରହିଛି
ସାପ ଲମ୍ବାଳିଆ
କଙ୍କଡ଼ା ରାଗିଟା
ଏହି ସବୁ ଯନ୍ତୁ
କାମୁଡ଼ିଦେଲେ କଷ୍ଟ ।

## ଗୀତ - ୭୧

ଯାତାରାନ୍ ଗେଇ ଯାତାରା
ରାକାମ୍ ରାକାମ୍ ଯାତାରା
ପାସିଇ ଗୁଲା ଯାତାରା
ଆରାନ୍‌ଡିନା ଯାତାରା
ସରକାସି ଯାତାରା

### ଓଡ଼ିଆ

ଯାତରାରେ ଯାତରା
ରକମ ରକମ ଯାତରା
ପିଲା ପିଲି ଯାତରା
ଖେଳ କୁଦ ଯାତରା
ସରକସ ଯାତରା ।

## ଗୀତ - ୭୨

ଯାବା ୟାଇ ଲଲନା ଆୟେ
ଯାବା ଉବାଙ୍ଗ୍ ପାସଲବା ଆୟେ
ଗାନୁରାନ୍ ୟିରାଇତି
ଗାନୁଡିଙ୍ଗ୍ ତୁବାଇତି
ୟେରୁତୁବ ତାଙ୍ଗନିଙ୍ଗ୍ ୟାମଲେ ୟିରବା
ବାରା ତାସା ଆଲୁମ୍‌ବା ।

### ଓଡ଼ିଆ

ଆସ ଭଉଣୀ ଲଲନା ଯିବା
ଆସ ଭାଇ ଋଷକୁ ଯିବା
ବରଷା ଆସିଲା
ମେଘ ଗରଜିଲା
ହଳ ଲଙ୍ଗଳ ଧରି ଆସ
କାମ ଦାମ ଆସ କରିବା ।

## ଗୀତ - ୭୩

ଆଲ୍‌ଗୁଲେ ଆଲଗୁଲେ ଇଆଇବା ପାସିଇଜି
ଆଲକୁଣ୍ଡୁଲେ ଆଲ୍‌କୁଣ୍ଡଲେ ଇଆଇବା ପାସିଇଜି
ଏଲେ ଗୁଲେ ଆଏିଡ଼ନାଇ ଏ ପାସିଏିଜି
କିଡ଼୍‌ଲେ ତଡ଼୍‌ଲେ ଇଆଇବା ଏ ଗୁଲାଜି
ବାଡ଼୍‌ସା, ବାଡ଼୍‌ସା କିକିଡାନ୍ କିଡ଼୍‌ଲେ ଉପୁଡ଼୍‌ତାଇଜି
ଲାଙ୍ଗା ଲାଙ୍ଗା ତଡ଼୍‌ସେଡାନ୍ ତଡ଼୍‌ଲେ ୟାଡ଼୍ ୟାଡ଼୍‌ତାଇଜି
ଆଲଗୁଲେ ୟିରାଇବା ଏ ପାସିଇଜି
ଆଲ ୟାମସିଲେ ୟିରାଇବା ଏ ଗୁଲାଜି ।

### ଓଡ଼ିଆ

ଡ଼କାଡକି ଡକାଡକି ହୋଇ ଆସ ପିଲାଏ
ଧରାଧରି ଧରାଧରି ହୋଇ ଆସ ପିଲାଏ
କନ୍ଦାକନ୍ଦି ନହୋଇ ଆସ ପିଲାଏ
ଗୀତଗାଇ ଆସ ପିଲାଏ
ଭଲ ଭଲ ଗୀତଗାଇ ଶୁଣାଇବେ
ଭଲ ଭଲ ନାଚ ନଚାଇ ଶିଖାଇବେ
ଡକାଡକି କରି ଆସ
ଧରାଧରି ହୋଇ ଆସ ପିଲାଏ ।

## ଗୀତ - ୭୪

ବାଲିଙ୍ ଇଡିନ୍ ପିସାରଡିନ୍
ବାଲିଙ୍ ଆଲା ପିସାରଡିନ
ଇଡିନ୍ ଆସନ ପିସାରଡିନ୍
ଡଙ୍‌ସେଙ୍ ଆସନ ପିସାରଡିନ
ଆଙାନ୍ ଆଙାନ୍ ଡଙଡେ
ଉଗୁ ବୟୁଙ୍ ଡଙଡେ
ବୁଡିନି ଡଙ୍‌ସେଙ୍ ଗିଏ ଗିଏ ଡେ
ଆୟାଙ୍ ମରଜି ଗିଏ ଗିଏ ଡେଜି ।

ଓଡ଼ିଆ

ମୟୂର କେବେପୁଛ ବାହାର କରୁଛି
କଳା ମେଘ ଆସିଲେ ପୁଛଟେକୁଛି
କଣ ପାଇଁ ପୁଛ ବାହାର କରୁଛି
ନାଚିବା ପାଇଁ ପୁଛ ଟେକୁଛି
କେବେ କେବେ ନାଚୁଛି
ସନ୍ଧ୍ୟା ସମୟରେ ନାଚୁଛି
କିଏ ନାଚ ଦେଖୁଛି
ମାଆ ମୟୂରମାନେ ନାଚ ଦେଖନ୍ତି ।

## ଗୀତ - ୭୫

ତୁକୁମ୍ ତୁକୁମ୍ ତୁକୁମ୍
ୟେନ୍ ଜିଙ୍ ଞାଙ୍ ତିଙ୍
ବଂସାଗା ଞାନା ୟାଙ୍‌ତାମ୍
ଆରା ଆରା ଆରା
ୟେନ ଜିଙ୍ ଞାଙ୍ ତିଙ୍
ସାବିଙ୍ ମାନ୍‌ତ୍ରାନ୍
ଆସାନାୟିମ୍ ୟାଙ୍‌ତାମ୍ ।

ଓଡ଼ିଆ

ଜନ୍ଦା ଜନ୍ଦା ଜନ୍ଦା
ମୋତେ କ'ଣ ଶିଖାଇବୁ
ଭଲ ଚାଲି ଶିଖାଇବି,
ଗଛ ଗଛ ଗଛ
ମୋତେ କ'ଣ ଶିଖାଇବୁ
ସମସ୍ତ ଲୋକଙ୍କ
ଆଶିର୍ବାଦ ପାଇବୁ ।

## ଗୀତ - ୭୬

ପଡ଼ଲେପ ୟିରାଇ ପିଚଡା
ମନଅଡାଗି ପିଚଡା
ୟାଡ଼୍‌ନାମ୍ ପ ଅଣ୍ଡାଲେ
ୟିରାଇ ପିଚଡ଼ା
ବୁଜି ବୁଜି ପିଚଡ଼ା
ୟେଲନ୍ ଗିଔଲେ ବତଡ଼୍‌ଡ଼ଙ୍ ପିଚଡ଼ା
ସନି ସନି ପିଚଡ଼ା
ଏର ଜୁମ୍ ଜୁମ୍ ଲିମ୍‌ବିନ ୟେଡ଼୍‌ଲେ ଜିରଡ଼ଡ଼ଙ୍ ପିଚଡ଼ା
ବଂସା ଡ଼ାଗି ପିଚଡ଼ା
ବଂସା ଗାମ୍ ଲୁମ୍‌ତାମ୍ ପିଚଡ଼ା
ସନାସି ଡ଼ାଗି ପିଚଡ଼ା
ଡ଼ାରକୁନାନମ୍ ଆପାଇତମ୍ ଲାଙ୍ଗିବଇ ପିଚଡ଼ା ।

### ଓଡ଼ିଆ

ଉଡିଆସ ପିଚଡ଼ା
ହସି ଆପି ଚଟା
ତୋ ମାଆକୁ ଛାଡ଼ିଲୁ
ଆ ଆ ବଚଡ଼ା
ଉଡ଼ି ଉଡ଼ି ଆ ପିଚଡ଼ା
ଆମକୁ ଦେଖି ଡ଼ରିଯାଅନା ପିଚଡ଼ା
ସାନ ସାନ ପିଚଡ଼ା
ନ ଖାଇ ନ ପିଇ ଉଡି ଯାଆନା ପିଚଡ଼ା
ଭଲ କରି ପିଚଡ଼ା
ଭଲ କରି ରଖିବି ପିଚଡ଼ା
ଭଲ କରି ରଖିବି ପିଚଡ଼ା
ସାନ ପିଲାପରି ପଠେଇବୁ ପିଚଡ଼ା
ତୋର ବସାକୁ ପଠେଇବୁ ସୁନ୍ଦରୀ ପିଚଡ଼ା ।

## ଗୀତ – ୭୭

ଡେଙ୍ଗିଙ୍ ତାର ଆମନ୍ ଆସନ୍
ଆଙ୍ଗାଇ ତାର ଆମନ୍ ଆସନ୍
ଆରାନିବ ଉଞ୍ଜୁଲ ଆମନ ଆସନ
ଅନ୍‌ତିଡ଼ାନ୍‌ଜି ଆକାନିଙ୍ ଆମନ୍ ଆସନ
ସା ୟୁଗୁର ଆମନ୍ ଆସନ୍
ତି ଇଙ୍ ଗାମଲେ ଆମନ୍ ଆସନ୍

### ଓଡ଼ିଆ

ଯେତେ ଆଲୋକ ତୋର ପାଇଁ
ଜହ୍ନ ଆଲୋକ ତୋର ପାଇଁ
ଗଛ ଛାଇ ତୋର ପାଇଁ
ଚଢେଇଙ୍କ ସ୍ୱର ତୋର ପାଇଁ
ପାଚିଲା ଫଳ ତୋର ପାଇଁ
ମାଗିଲେ ତୋର ପାଇଁ ।

## ଗୀତ – ୭୮

ବାର୍ଣ୍ଣୁ ତାରଗୁଲେ
ତାର୍ ରୁଟୁନ୍ ଡେଲେ
ଓ୍ୱାନ୍‌ଜି ଆସାତାରସି ତାର ଗୁଲେ
ଭୟୁଲାନ୍ ରାବାଡ଼ା ଏଡ୍‌ଜିରେତି
ଗରଜାଡନ୍ ବାଣ୍ଡା ଗାଡ୍‌ଲିଲି ।

### ଓଡ଼ିଆ

ପାହାଡ଼ରେ ରାସ୍ତା ହେଲା
ତାଣ୍ଟୁ ଓରାଟ ହେଲା
ବାପାଙ୍କ ଶିରା ପ୍ରଶିରା ଶାନ୍ତି ହେଲା
ଝାଳମାଳି ଉଡିଗଲା
ଗାଆଁରେ ବନ୍ଧ ତିଆରି ହେଲା ।

## ଗୀତ - ୭୯

ଗୁପୁଡ଼ି ଗୁପୁଡ଼ି ୟିତାଇ ପ ?
ୟୈମ୍ମୁଉ ଜାରା ତିତିନ୍ ପ ?
କାକା କାକା ଇଏଁତାଇ ପ ?
ଗୁଲୁ ଜାନ୍‌ଜି ତିଏଁତିନ୍ ପ ?
ଗଣ୍ଡଇ ଗଣ୍ଡିଇ ୟିତାଇ ପ ?
ଏଡେଇ ଜଅନ୍‌ଜି ପାଡ଼୍‌ତାଇ ପ ?
କାରୁ କାରୁ ଇ ଏଁତାଇ ପ ?
ରାଗାଲ ସାରଙ୍ ତିୟିତିନ୍ ପ ?
ପେଙ୍ ପେଙ୍ ପେଙ୍ ଇଏଁତାଇପ ?
ଆମ୍ମନ୍ ବାତି ଆବେୟିଙ୍ ।

### ଓଡ଼ିଆ

ଶୁଆ ଶୁଆ ଆସିବୁ କି ?
ରଙ୍ଗ ଥଣ୍ଟ ତୋର ଦେବୁ କି ?
କାଉ କାଉ ଆସିବୁ କି ?
ଗେଣ୍ଡା ଦେବୁ କି ?
ଗୁଣ୍ଡୁଚି ଗୁଣ୍ଡୁଚି ଆସିବୁ କି ?
ଅଁଳା ଫଳ ଆଣିବୁ କି ?
ମାଙ୍କଡ଼ ମାଙ୍କଡ଼ ଆସିବୁ କି ?
ମିଠାସ୍ୱର ଦେବୁ କି ?
କଂକି କଂକି ଆସିବୁ କି ?
ତୋ ସଙ୍ଗେ ମୋତେ ନେବୁ କି ?

## ଗୀତ - ୮୦

ୟିରାତିନ୍ ଗେ ୟିରାଇତିନ ମେରୀଆ
ମେରିଆ ଆବ୍‌ତୁର ୟିରାଇତିନ୍
ଡ଼ାବ୍‌ଡିଙ୍ ପେନେଡ଼ାନ୍ ରାନାଜାନ,
ଗଗେରାଜ୍‌ନ
ଆସାବାଡ଼ା, ସାଡ଼ାତିନ୍ ବୁୟାଁ ତନାନ୍ ଜି
ଜାଉଡ଼ିଙ୍ ଜି ତିଆଇତିନ୍
ତାମ୍ମେକାବ୍‌ନ୍‌ଜି ତିଆଇତିନ୍
ମନଇ ନଜି ତିଆଇତିନ
ତାମେ ତାନାରାଜି ବାରିଏଁଜେତି

### ଓଡ଼ିଆ

ଆସିଲା ରେ ଆସିଲା ମେରିଆ
ମେରିଆ ପରବ ଆସିଲା
ବାଜା ବାଜିଲା, ମହୁରୀ ପେଂକାଳି,
ରାନାଜାନ, ଗଗେରାଜନ
ଶବଦ ଶୁଭୁଛି ଭାଇଭଉଣୀ
ଭାତଡାଲି ଦେଇଛି
ନୂଆଲୁଗା ଦେଇଛି
ଆନନ୍ଦ ଉତ୍ସାହ ଦେଇଛି
ନୂଆ ଆଲୋକ ଦେଇଛି ।

## ଗୀତ - ୮୧

ଆଡୁର ତାରନ୍ ଆଡୁର ଇସୁମ
ସାମିନ୍ତି ତାରନ୍ ୟାଇୟେନ ଇସୁମ
ତାମ୍ପେଡ଼ାତାରନ୍ ଉବାୟେଗି ଇସୁମ୍
ମନ୍ଦାର ତାରନ୍ ସାବିଙ୍ଗ୍ ମାନ୍‌ତ୍ରାନ୍ ଇସୁମ ।

ଓଡ଼ିଆ

ମଲ୍ଲୀଫୁଲ ସମସ୍ତଙ୍କୁ ଇଛା
ସେବତି ଫୁଲ ମୋ ଭଉଣୀକୁ ଇଛା
ପଦ୍ମ ଫୁଲ ମୋ ଭାଇକୁ ଇଛା
ମନ୍ଦାର ଫୁଲ ସମସ୍ତ ଲୋକଙ୍କୁ ଇଛା ।

## ଗୀତ - ୮୨

ଜେଏ୍ ଜେଏ୍ ବାସୁ
ବୁର ବୁର ବାସୁ
ଗବଇ ମେଣ୍ଟ ବାସୁ
ବଂସାଡୁମ୍ ବାସୁ
ଲାଙ୍ଗାଡୁମ୍ ବାସୁ
ORTC ବାସୁ
ସାବିଙ୍ଗ୍‌ଲେ ଆତେମେତେ ବାସୁ ।

ଓଡ଼ିଆ

ରଙ୍ଗ ରଙ୍ଗ ବାସ୍ସୁ
ବୁର ବୁର ବାସ୍ସୁ
ଗବରମେଣ୍ଟ ବାସ୍ସୁ
ସୁନ୍ଦର ବାସ୍ସୁ
ଭଲ ବାସ୍ସୁ
ORTC ବାସ୍ସୁ
ସମସ୍ତଙ୍କୁ ବୋହି ନେଉଛି ବାସ୍ସୁ ।

## ଗୀତ - ୮୩

ସାମାଇ ସାମାଇ ୟିରାଲାଇ
ସିଙ୍ ୟେନ୍ ଆଁଲା ସାଇଲେ
ଗାନୁରରିଙ୍ ୟିରାଇତି
ଗରଜାଙ୍ ସୁଙ୍ ଆମନ ଆତି
ଗାନୁରାନ୍ ମାଇଲଗି
ଇଜାଗାମଲେ ଜା
ଆନ୍‌ଆଡ଼ଙ୍ଗଲେ
ରୋଗ୍ଲୁ, ଆସୁନ, ଆପାଙ୍ଡାଇ
ପ୍ରସିସିଆଜାନ୍ ଆପାଇତେ ।

### ଓଡ଼ିଆ

ମଶା ମଶା ଆସିଲୁ
ମୋ ଘର ଖୋଜି ଆସିଲୁ
ବର୍ଷାକାଳ ଆସିଲା
ଗାଁର ଘର ତୋର ପାଇଁ
ବର୍ଷା ମିଶି ଆସିଲା
ନାହିଁ କହିଲେ ମଧ
ନଶୁଣି କରି
ରୋଗ, ବେମାର, ଜର ଆଣିବୁ
ଡାକ୍ତରଖାନାକୁ ପଠେଇବୁ ।

## ଗୀତ - ୮୪

ଗୁପୁଡି ଗୁପୁଡି ଏ ଗୁପୁଡି
ପଟକ ପଟକ ଆଏଙ୍ଟେ ଆରୁପୁଟି
ବିରନା ବିର୍‌ନା ଏ ଗୁପୁଡି
ବଂସାଗାମ୍ ଆବିରଟିନେ ଗୁପୁଡି
ବିରନା ବିରନା ଏ ଗୁପୁଡି
ବିରନ୍‌ନାମ୍ ଆବିରନା ଆବଂସା ଗୁପୁଡି
କିନା କିନା ଏ ଗୁପୁଡି
ଗାଗାଲଜୁମ୍ ଆ କାନିନ୍ ଏ ଗୁପୁଡି
ଗୁପୁଡି ଗୁପୁଡି ଏ ଗୁପୁଡି
ସିଙ୍ ଞେନ୍ ଇଆଇ ଏ ଗୁପୁଡି ।

### ଓଡ଼ିଆ

ଶୁଆ ଶୁଆ ଏ ଶୁଆ
ପଟକ ପଟକ ଉଡୁଥିବା ଶୁଆ
କଥା କହ କଥାକହ ଏ ଶୁଆ
ଭଲ କଥା କହେ ଶୁଆ
କଥା କହ କଥା କହ ଏ ଶୁଆ
ତୋର କହୁଥିବା କଥା ମଧୁର ଶୁଆ
ଗୀତ ଗାଆ ଏ ଶୁଆ
ମିଠା ଗୀତ ଗାଆ ଏ ଶୁଆ
ମୋ ଘରକୁ ଆ ଶୁଆ ।

## ଗୀତ - ୮୫

ସାରଡ଼ା ସାରଡ଼ା ଗାଡି ୟାରାମ୍
ଡ଼ାଡିଙ୍ଗ ଡାମ୍ ଆଟେଟିନ୍ ଗାଡିଆରାମ୍
ଡମ୍ମା ଉରୁବାନ୍ ଆସୁଇଟେ
ଡୁରୁବ ଡଗଲ ଆସୁଇଟେ
ବଂସାଡୁମ୍ ଆଗାଡି ଆରନ୍
କର କର ଲଗି ଆରଡଂ ଆୟି
ଡ଼ାଗା ଉୟୁଡାନ୍ ଆଡିନା
ଉୟୁଁଲ ପାଲେ ଆୟାମ୍
ମାରିଗାମ୍ ସାରିଲେ ଗାଲମାଇଟି
ଗାଣ୍ଡା ଟିଲ୍ଲୁ ଗାଲା ମାଇଟି ।

ଓଡ଼ିଆ

ଖୁସି ଖୁସି ଘଣ୍ଟା ଧରିବା
ଡ଼ାଡିଙ୍ ଶବ୍ଦ ହୋଇ ଝୁଲୁଥିବା ଘଣ୍ଟା
ଦିବା ରାତ୍ର ଦେଖାଉଛି
ମେଘ ଅନ୍ଧାର ଦେଖାଉଛି
ସୁନ୍ଦର ଘଣ୍ଟା ମୋର
କର କର ହୋଇ ରହୁନି
ଖରା ଦିନରେ
ଝାଳ ମଳିର ସମୟ
ଠିକ ଭାବରେ ଜଣାଉଛି
ଘଣ୍ଟା ବଜାଇ ଜଣାଉଛି ।

## ଗୀତ - ୮୬

ସାୟୁ ଆ ରାଡ଼ଂଗିଜି ଆମ୍ମିନ୍ ଆସନ୍
ବଂସା ଡାଆଜି ଆମ୍ମିନ୍ ଆସନ
ଉୟୁଡାନ୍ ଆଡାଆରାନ୍ ଆମ୍ମିନ୍ଆସନ
ଆରାନ୍ଜି ଆଡଙ୍ସେଙ୍ ଆମ୍ମିନ୍ ଆସନ
ଅନ୍ତିଡ଼ାନ୍ଜି ଆକାନିଡ଼ାନ୍ ଆମ୍ମିନ୍ ଆସନ୍
ମାନାଗୁରାନ୍ଜି ଆମ୍ମିନ୍ ଆସନ୍
ପାସିଜାନ୍ଜି ଆମ୍ମିନ୍ ଆସନ ।

ଓଡ଼ିଆ

ସୁଲୁସୁଲିଆ ପବନ ତୁମ ପାଇଁ
ସୂର୍ଯ୍ୟ ଆଲୋକ ତୁମ ପାଇଁ
ଜହ୍ନ ଆଲୋକ ତୁମ ପାଇଁ
ଗଛମାନଙ୍କ ନାଚ ତୁମ ପାଇଁ
ପକ୍ଷୀମାନଙ୍କ ଡ଼ାକ ତୁମ ପାଇଁ
ପାଚିଲା ଫଳ ତୁମ ପାଇଁ
ପିଲାଛୁଆ ତୁମ ପାଇଁ ।

## ଗୀତ - ୮୭

ମସମ ତନ୍ତରମେ ଆଗାଲାମେ
ଡାଙ୍ଗମମାମାର୍ ତାତା
ବତ୍ତୁ ଗୁଣ୍ଡୁ ତାତା
ସାବିଙ୍ଗ ମାନତ୍ତାନ ଆସିନ୍‌ତେଜି ତାତା
ଆନିନ୍‌ନା ଗାନ୍ଧୀ ବାପା ।

### ଓଡ଼ିଆ

ମିଛ, ଠକ ଜାଣେନା
ଚଷମା ପିନ୍ଧିଥିବା ବାପା
ସଦାସର୍ବଦା ଖୁସି ବାପା
ପାତାମୁଣ୍ଡା ବାପା
ସମସ୍ତ ଲୋକ ସମ୍ମାନ ଦିଅନ୍ତି ବାପା
ସେ ହେଉଛନ୍ତି ଗାନ୍ଧୀ ବାପା ।

## ଗୀତ - ୮୮

ବଗୁଲିଡାନ୍ କୁରୁଗାଡ଼ଗୁରାନ୍ ସଲପେ ସାଇପେଗି
ଆଗୁବାଡେନ ଆଜୁମାଇବାତିନଡ଼େ ଏ ନାଇଙ୍ଗ
ଇଡ଼ିଲିଡାନ ସିଣ୍ଡି ଗୁରାନ ସୁଆ ସା ଆଗି ଏ କାକୁଡ୍
ବେମେଡ୍‌ଲିଆନ୍ ଉଡ଼ାଗୁରାନ୍ ଦେଙ୍କା ଆଗି ଏନାଇଙ୍
ଆୟୁବାଡେନ୍ ଆଜୁମ୍‌ବାତିନଡ଼େ ଏ ନାଇଙ୍
କାଗୁଡ୍‌ଲିଡାନ୍ କିନତେଗୁରାନ୍ ତଲପେତଲପେଗି
ଆଏବାତିଡ଼୍ ଆଗୁରବାତିନ ଏ କାକୁଡ୍ ।

### ଓଡ଼ିଆ

ପାହାଡ଼ରେ ଜାମୁକୋଳି ପେନ୍ଥା ପେନ୍ଥା ଫଳିଛି
ତୋଳିବା ଖାଇବାପାଇଁ ଏ ଭଉଣୀ
ହିଡରେ ଖଜୁରୀ କୋଳି ପେନ୍ଥା ପେନ୍ଥା ଏ ଭାଇନା
ତୋଳିବା ଖାଇବା ପାଇଁ ଏ ଭାଇନା
ଗଛଖୋନ୍ଦାରେ ଆମ୍ବପାଚିଲା ଫଳ ଏ ଭଉଣୀ
ଝୁଲାଇବା ଆଉ ଖାଇବା ଏ ଭଉଣୀ
ବାଡ଼ିରେ କଦଳୀ ପାଚିଲା କାନ୍ଦି
ହାଣିବା କଦଳୀ କାନ୍ଦିକୁ ପଚାଇବା ଏ ଭାଇନା ।

## ଗୀତ - ୮୭

ମସମ ତନ୍ତରମ ଆଗାଲାମେ
ଡାଙ୍ଗମମାମାର୍ ତାତା
ବଡୁ ଗୁଣ୍ଡୁ ତାତା
ସାବିଙ୍ଗ ମାନଡ୍ରାନ ଆସିନ୍‌ତେଜି ତାତା
ଆନିନ୍‌ନା ଗାନ୍ଧୀ ବାପା ।

### ଓଡ଼ିଆ

ମିଛ, ଠକ ଜାଣେନା
ଚଷମା ପିନ୍ଧିଥିବା ବାପା
ସଦାସର୍ବଦା ଖୁସି ବାପା
ପାତାମୁଣ୍ଡା ବାପା
ସମସ୍ତ ଲୋକ ସମ୍ମାନ ଦିଅନ୍ତି ବାପା
ସେ ହେଉଛନ୍ତି ଗାନ୍ଧୀ ବାପା ।

## ଗୀତ - ୮୮

ବଗୁଲିଡାନ୍ କୁରୁଗାଡ଼ଗୁରାନ୍ ସଲପେ ସାଇପେଗି
ଆରୁବାଡେନ ଆଜୁମାଇବାତିନଡ଼େ ଏ ନାଇଙ୍ଗ
ଇଡ଼ିଲିଡାନ ସିଣ୍ଡି ଗୁରାନ ସୁଆ ସା ଆଗି ଏ କାକୁଡ଼ଙ୍
ବେମେଡ଼ଙ୍‌ଲିଆନ୍ ଉଡ଼ାଗୁରାନ୍ ଦେଜା ଆଗି ଏନାଇଙ୍
ଆୟୁବାଡେନ୍ ଆଜୁମ୍‌ବାତିନଡ଼େ ଏ ନାଇଙ୍
କାରୁଙ୍‌ଲିଡାନ୍ କିନତେଗୁରାନ୍ ତଲପେତଲପେଗି
ଆଏବାତିଡ଼ ଆଗୁରବାତିନ ଏ କାକୁଡ଼ଙ୍ ।

### ଓଡ଼ିଆ

ପାହାଡ଼ରେ ଜାମୁକୋଳି ପେନ୍ଥା ପେନ୍ଥା ଫଳିଛି
ତୋଳିବା ଖାଇବାପାଇଁ ଏ ଭଉଣୀ
ହିଡରେ ଖଜୁରୀ କୋଳି ପେନ୍ଥା ପେନ୍ଥା ଏ ଭାଇନା
ତୋଳିବା ଖାଇବା ପାଇଁ ଏ ଭାଇନା
ଗଛଖେଦାରେ ଆମ୍ବପାଚିଲା ଫଳ ଏ ଭଉଣୀ
ଝୁଲାଇବା ଆଉ ଖାଇବା ଏ ଭଉଣୀ
ବାଡ଼ିରେ କଦଳୀ ପାଚିଲା କାନ୍ଦି
ହାଣିବା କଦଳୀ କାନ୍ଦିକୁ ପଚାଇବା ଏ ଭାଇନା ।

### ଗୀତ - ୮୯

ଜାତିମେ ସନେତି ଜାଲିଡୁମ୍ ଆସାରନା ଆଗାସା
ଗରଡ଼ାବବନ କୁଙ୍କୁଡୁ ଆଜ ସନେତିନ୍
ସାମ୍ପୁପେକାଟୁ ଯିରାଇତିନ
ସାସାଂଜାକି ସନେତିନ
ପାଉଡରନ୍ ଆଡ଼ାବା ଯିରାଇତି
ମାଲେ ତାରାନ୍ ସନେତି
ପ୍ଲାଷ୍ଟିକ ତାରବା ଯିରାଇତି
ପିଣ୍ଡି ଯାନିଙ୍ ଯିରେତିଗି
ଗାଜୁଲି ଗାଲ ଗାଲ ଲଗି ସନେତି
ଗାରିଡିଇ ଡେନ୍ ଯିରାଇତିନ ।

ଓଡ଼ିଆ

ରାଶି ତେଲ ଲୁଚିଲା ଲମ୍ୱା ମୁଣ୍ଡକୁଣ୍ଡାଇବାଟା ନାହିଁ
ମୁଣ୍ଡବାଳ ସଫାକରିବାକୁ କୁଙ୍କୁଡୁ ଫଳ ଲୁଚିଲା
ସାମ୍ପୁପାକେଟ ଆସିଲା
ହଳଦୀ ସବୁ ଲୁଚିଲା
ପାଉଡ଼ର ଡ଼ାବା ଆସିଲା
ମଲ୍ଲୀ ଫୁଲ ଲୁଚିଲା
ପ୍ଲାଷ୍ଟିକ୍ ଫୁଲ ଆସିଲା
ଦେହଖୁଣ୍ଟା ସବୁ ଲୁଚିଲା
ଦେହରେ ଲାଗିବା ଲୁଚିଲା
ଇଞ୍ଜେକସନ ସବୁ ଆସିଲା ।

### ଗୀତ - ୯୦

ପୁଡେଣ୍ଡି କୁଲନ, ଡିଏଁତି ୟେଙ୍ଏନ୍
ବେଲମ କଜା ପାଡାଇତିନ୍ ଉଆୟେନ୍
ଉବାୟେନ, ଆବଇ ତିଏତିନ୍
ୟେନ ଆବଇ ତିଇତିନ୍
ପୁଡେଣ୍ଡି ସିଡ଼ାନ ଆତଙ୍ଗାଲଲାଇ
ମାନା ମାନା ପୁଡେଣ୍ଡି କୁଲ
ବାରନ୍ ବାରନ୍ ମାଲ ଜୁମଣ୍ଡାତିଇଁ ।

ଓଡ଼ିଆ

ମାଣ୍ଡିଆ ଜାଉ ରାନ୍ଧିଛି ମୋ ମାଆ
ଗୁଡ଼ଖଜା ଆଣିଛି ମୋ ବାପା
ମୋ ଭାଇକୁ ଗୋଟେ ଦେଲେ
ମୋତେ ଗୋଟେ ଦେଲେ
ମାଣ୍ଡିଆ ଜାଉ ସହ ଖାଇଲୁ
ମିଠା ମିଠା ମାଣ୍ଡିଆ ଜାଉ
ବାରମ୍ୱାର ବାରମ୍ୱାର ଖାଇବାକୁ ଇଚ୍ଛା ।

## ଗୀତ - ୯୧

ଯାମୁଡ୍ରୁମ ତିଡ଼ାନ ଯାନ୍‌ଡ୍ରୁମବା ଇଲେପ ?
କିଚି କିଚି ଗାମଲେ ଗୁଏତିନ୍
କିତା କିତାନ୍ ଜାମିଗୁରାନ ତିଇଲେ ବିନଡେନ
ରାମ ବଜନ ସବଜାତେ ।
ଟାଙ୍ଗଲିଙ୍ଗ୍ ଆସାଂକାଲିଙ୍ଗ୍ ଡାଡିଙ୍ଗାନ୍ ତଲବାଲବିନ୍‌ଡେନ୍
ଡ଼ାଡ଼ିଙ୍ଗ୍ ଡ଼ାଡିଙ୍ଗ୍ ଗାମେତିନ୍
ମାନ୍‌ତ୍ରାନ୍ ଆଜିଙ୍ଗ୍‌ଲିଙ୍ଗନ୍ ଡେନ୍
ପାଡିଙ୍ଗ୍ ପାଡିଙ୍ଗ୍ ଗାମ୍ ତଙ୍ଗ୍‌ତେ
ଆରାନିବାନ ଡାଆ ଗୁଲେବିନ୍‌ଡେନ
ଜାତିଙ୍ଗ୍‌ଡାମ ଆଗୁର ତିଇଲେନତିନ
ଗୁଉଗୁଁରାନ୍‌ଜି ଗାଲଞ୍ଜି ପାସିଜାନ୍ ଡୁଙ୍ଗ୍‌ନାଇତିନ ।

### ଓଡ଼ିଆ

ଘରଚଟିଆ ଘରଚଟିଆ ଖାଦ୍ୟ ପାଇଁଗଲୁକି ?
କିଚି କିଚି ବୋଲି ଡ଼ାକୁଚ୍
ଶୁଆକୁ ଜାମି ପାଚିଲା ଦେଇ ଦେଲେ
ରାମ ନାମ ଗାଇବ
ବଳଦ ବେକରେ ଘଣ୍ଟି ବାନ୍ଧିଲେ
ଡ଼ାଡିଙ୍ଗ୍ ଡ଼ାଡିଙ୍ଗ୍ ଶୁଭିବ
ମଣିଷର ଗୋଡ଼ରେ
ପାଡ଼ିଙ୍ଗ୍ ପାଡ଼ିଙ୍ଗ୍ ଶୁଭିବ
ଗଛମୂଳେ ପାଣି ଦେଲେ
ପାଚିଲା ଫଳ ଦେବ
ପାଚିଲା ଫଳ ଦଶଟି ପିଲା ବାହାରିଲେ ।

### ଗୀତ - ୯୨

ସାନତାଲିଡାନ ଇଲେ ଏ ୟାଙ୍
କଜାକାମଜି ନାସ୍ନ୍ ପାଙ୍ଗାଇ
ପାଲକା, ପୁଲାର୍ନ କମ୍ବଲନ୍ ପାଙ୍ଗଲେ ତିଇତି
ପେନ୍ନୁ ପେନ୍‌ସିଲନ୍ ୟାମଯେ ଇରାଇ
ୟାଙ୍‌ନା ଲିଡାନ୍ ଆସୁଇତାଇ
ୟାଙନା ବାତି ଏକାମ ଜୁଡିତିନାଇ ।

ଓଡ଼ିଆ

ହାଟକୁ ଗଲେ ମାଆ
ଖଜା କିଣି ଆଣେ
ପଟା, ଖଡି, ବହି କିଣି ଆଣେ
ପେନ୍ସ, ପେନସିଲ, ଧରି ଆସେ
ପାଠ ପଢ଼ାରେ ଦେଖାଇବି
ପାଠ ପଢ଼ାରେ ମନଧ୍ୟାନ ଦେବି ।

### ଗୀତ - ୯୩

ଆମନ ଆନ୍‌ଅଗଲନାମ
ମୟେ ଆନ୍‌ଅଗଲୟେନ
ଗୁନୁମ୍‌ତେଲିଙ୍ଗାନ ଗିଏିତାଇୟେନ
ଆମନ୍ ସ୍ରାଇନା ତାଙ୍ଗରନାମ୍
ମୟେ ବିରନା ଚାନିଲୟେନ୍
ଗୁନୁମ୍‌ତେଲିଙ୍ଗାନ ଗିଏିତାୟେନ୍ ।

ଓଡ଼ିଆ

ତୁ ତୋର ଭାବନାରେ
ମୁଁ ମୋର ଭାବନାରେ
ସପନରେ ତୋତେ ଦେଖୁଚି
ତୋର ଚଳିର ରାସ୍ତା
ମୋର କଥାବର୍ତ୍ତାରେ
ସପନରେ ତୋତେ ଦେଖୁଛି ।

## ଗୀତ - ୯୪

ନିତିନ୍ ନିତିନ୍ ସାବ୍‌ଜାବିନ୍ ଜାରାମେନ୍
କାନ୍ଁ ଯୁଗାଲିନ୍ କାନ୍ ତାରାଲିନ୍
ଏ କିତୁଙ୍ ଏ କିତୁଙ୍
ୟେଙ୍ଗାମ ତାଙ୍ଗର ୟାନେବି ଆସନ
କାନ୍‌ଯୁଗାଲିନ
କାନ୍‌ତାରାଲିନ୍ ।

### ଓଡ଼ିଆ

କିସ କିସ କରିବା ପାଇଁ ଜନମ୍
ଏହି ଯୁଗରେ ଏହି ସଂସାରେ
ଏ ଈଶ୍ୱର ଶାନ୍ତି ଏ ଈଶ୍ୱର
କିପରି ଶାନ୍ତି ପାଇବା ପାଇଁ
କିପରି ରାସ୍ତାରେ ଚାଲିବା ପାଇଁ
ଏହି ଯୁଗରେ
ଏହି ସଂସାରେ ।

## ଗୀତ - ୯୫

ଏ କିତୁଙ୍ ଉଆନ ରାଙ୍ଗଲିନ୍
କାନ୍ ମାୟା ଲିଡାନ୍
ଆଇନା ସଲଲିଡାନ୍‌ସଲିନେ
ଆଇନା ତୁଲାବଲିଡଙ୍ ଡିଲଲିନେ ।
ଗାନୁଡିଞ୍ଜେନ ଏର ଆନ୍‌ଡାଙ୍ଗଲାବି ।

### ଓଡ଼ିଆ

ଏ ଈଶ୍ୱର କେଉଁଠି ରହିଛି
ଏହି ମାୟା ସଂସାରେ
କେଉଁ ସଂସାରେ ଲୁଚିଛ
କେଉଁ ଜଙ୍ଗଲରେ ଲୁଚିଛ
ମୋର ଡାକ ନ ଶୁଣି କରି ।

## ଗୀତ - ୯୬

ଆନ୍ ଆପାଐନାମ ମୟେ ଇଐଲାଇ
ଆନ୍ ଆପୁଙନାନ୍ ମୟେ ନିଐଲାଇ
କାତି ଆସନ କାନିଙ୍ନାମ କିକଂତାଇ
କାତି ଆସନ ତାଙ୍ସେଙ୍ନାମ ତଙତାଇ
କାନି ମାୟା ପୁରାଲିଙ୍
କାନ୍ ମାୟା ଯୁଗାଲିଙ୍

ଗାଲାମାନ୍ ଗାଲୁଡ଼ାନ୍ ନାପୁଇଙ୍
ମାରାନାମାରଙନା ଆତୁଜିଙ୍
କାନି ମାୟା ଗ୍ରିଙ୍ଲିଙ୍
କାନି ମାୟା ଗାନିରଲିଙ୍ ।

### ଓଡ଼ିଆ

ତୁ ପଠେଇବାରୁ ମୁଁ ଆସିଲି
ତୁ କହିବାରୁ ମୁଁ ଆସିଲି
ସେଥିପାଇଁ ତୋର ଗୀତ ଗାଉଛି
ସେଥିପାଇଁ ତୋର ନାଚ୍ ନାଚୁଛି
ଏହି ମାୟା ସଂସାରେ
ଏହି ମାୟା ଯୁଗରେ

ଜାଣିବା ଶୁଣିବା କହିବା
ବଞ୍ଚିବାର ସାହା ଦେଖା
ଏହି ମାୟା ସଂସାରେ
ଏହି ମାୟା ଜାଲରେ ।

## ଗୀତ - ୯୭

କାନ୍ ତଗଲନା ଆନ୍‌ଅଗଲିନ୍‌ନା
ଗୁନୁମ୍‌ଡେଲିନ୍ ଗିଏଲାମ ଆମନ୍ନା
କାନ ସାଲ ସାଲ ପାଦ୍ରା ଲିଙ୍‌ନନ୍ନା
ଗୁନୁମତେଲିନ ଗିଏଲାମ୍ ଆମନ୍ନା ।

### ଓଡ଼ିଆ

ଆଜି ରାତିରେ ଭାବୁଥିଲିତୋତେ
ସପନରେ ଦେଖିଲି ତୋତେ
ଏହି ମାୟା ସଂସାର ଭିତରେ
ଏହି ମାୟା ଜଙ୍ଗଲ ଭିତରେ
ସପନରେ ଦେଖିଲି ତତେ ।

## ଗୀତ - ୯୮

ୟାଙ୍ଗାମ ନାପୁଡ଼ାମ୍, ୟାଙ୍ଗାମ୍ ନୁଆଲାମନା
ପାରାଡିସା ବଇ ନାପାରାଜାଗା ବଇ
ସାରାଇନା ସାଇତାବିନା ଆବିରନା
ତାଙର ଆୟାତିବିନ ଆବିରନା
ୟାଙ୍ଗାମ ନାପୁଙ୍‌ତାମ୍ ୟାଙ୍ଗାମ ଉଆଲାମ ।

### ଓଡ଼ିଆ

କେମିତି କହିବି କେମିତି ବୁଝିବି
ପରଦେଶି ଝିଅ ଅଦେଖା ଜାଗା ଝିଅ
ବଞ୍ଚିବାର ରାସ୍ତା ଖୋଜିବା କଥା
ରାସ୍ତା ପାଇବା କଥା
କେମିତି କହିବି କେମିତି ବୁଝିବି ।

## ଗୀତ - ୯୯

ଡେତମନ୍ା ସୁଡ଼ା ୟାଙ୍ଗାମ ସଇବାତେ କାକୁଡ଼ଂ
ୟାଙ୍ଗାମ୍ ସାଇତେ କାକୁଡ଼ଂ ୟାଙ୍ଗାମ ସାଇତେ
ବାଗୁ ମାନନାମନା ଗିଏାତେନା ଆସୁଡ଼ା
ବାଗୁ ଲୁଡ଼ାନାମ ଆନଡାଡ଼ଂତେନା ଆସୁଡ଼ା
ୟାଙ୍ଗାମ ସଇବାତେ କାକୁଡ଼ଂ
ବାଗୁ ସିଇନାମ ଆୟମେତେଆ ସୁଡ଼ା
ବାଗୁ ଜିଙ୍ଗନାମ ଡାତିନେ ଆସୁଡ଼ା
ୟାଙ୍ଗାମ ସଇବାତେ କାକୁଡ଼ଂ ୟାଙ୍ଗାସାଇତେ ।

### ଓଡ଼ିଆ

ହେଉଥିବ ବେଦନା, କେମିତି ସହୁଛୁ ଭାଇନା
କେମିତି ସହୁଛି ଭାଇନା, କେମିତି ସହୁଛୁ
ଦୁଇ ପାଖର ବେଦନା ଦେଖୁଛୁ
ଦୁଇ କାନ ଶୁଣୁଛୁ ବେଦନା
କେମିତି ସହୁଛି ଭାଇନା
ଦୁଇ ହାତରେ ଧରିଲେ ବେଦନା
ଦୁଇ ଗୋଡ଼ରେ ଧରିଲେ ବେଦନା
କେମିତି ସହୁଛୁ ଭାଇନା କେମିତି ସହୁଛୁ ।

## ଗୀତ - ୧୦୦

ସାତାଙ୍ଗଲେନ ବିରନା
ସାତାଙ୍ଗଲେନ୍ ଆରଇନା
ମନେଲିଙ୍ଗାନ ମାରାନ୍ନାରାଙ୍ଗଲେ
ଜାଗି ଜାଗିଲେ ତାନା
ସୋନା ସାରଲିଞ୍ଜାନ ନାମି
ସ୍ରାଇନା ସାଇଲିନ୍ ଯାନା
ତାରା ତାରା ଲିଙ୍ଡାନ୍ ନାଚନ
ତାର ୟାମଲେ ଞ୍ଜାନା
ସାତାଙ୍ଗଲେନ୍ ବିରନା
ସାତାଙ୍ଗଲେ ଆରାଇନା ।

### ଓଡ଼ିଆ

ସତ କଥା
ସତ ବାର୍ତ୍ତା
ମନରେ ବଞ୍ଚିବା ପାଇଁ
ଦେଖି ଦେଖି ଚାଲ
ଏହି ସଂସାରେ ଆଜି
ଶାନ୍ତି ଖୋଜି ଚାଲ
ଯୁଗ ଯୁଗ ପାଇଁ
ଆଲୋକ ଧରି ଚାଲ
ସତ କଥା
ସତ ବାର୍ତ୍ତା ।

## ଗୀତ - ୧୦୧

ଗୁଡେ ଡିସାଲିଙ୍ ଗୁଡ଼େ ଗ୍ରିଙ୍ଗଲିନ୍
ଗୁଡୁର ଗୁଡୁର ଲିଙ୍ ଜାରେମ୍ମେ
ଉୟୁଙାନ୍ ଆଙ୍ଗାଜାନ
ଗୁଡୁର ଗୁଡୁରଲିଙାନ୍
ଲୁଡୁଙ୍ଗାନ ଲିସାରନ୍ ଡେୟାନ୍
ମାୟାଲିଙାନ୍ ମାରାନ ମାଲ୍ଜିନ
ମନେଲେ ମାରୁଞିନା ଡେୟାନ ।

### ଓଡ଼ିଆ

ଏହି ଜଗତେ ଏହି ସଂସାରେ
ଏହି ଧରା ପୃଷ୍ଠେ ଜନମ
ସୂର୍ଯ୍ୟ ଚନ୍ଦ୍ର
ଏହି ଧରା ପୃଷ୍ଠେ
ଅନ୍ଧକାର ଆଲୋକ ହେଲା
ମାୟାରେ ବଞ୍ଚିବା ପାଇଁ ଖୋଜିବା
ମନରେ ମୁକ୍ତି ହେବା ।

## ଗୀତ - ୧୦୨

ଏ ଜାମ୍ପାରା ୟାଙ୍ଗାମ ପାଙ୍‌ତେ ଗାନ୍‌ତ୍ରୟେନନା
କଲେ ଗିଏଁଲେବିନ୍‌ଡେ ଗାଡ଼ାନା
କଲେ ଗିଏଁଲେବିନ୍‌ଡେ ରୁପାନ୍
ୟାଙ୍ଗାମ୍ ପାଙ୍‌ତେ ଗାନତ୍ରୟେନ ।

### ଓଡ଼ିଆ

ଏ ଝାମ୍ପରା କେମିତି ନେବୁ ଲାଜ ମୋର
ଏପଟେ ଦେଖିଲେ
ଏପଟେ ଦେଖିଲେ
କେମିତି ନେବ ଲାଜ ମୋର ।

## ଗୀତ - ୧୦୩

ଲାମିନା ବିରନା ବିୟନା ଆବିରନା
ବୁଟିନ୍ କୁରିଲେ ଞେଲେନ୍ ଉଆଲତାଇନା
ଲାମିନା ବିରନା ବିୟନା ଆବିରନା
ବୁ ଟିନ୍‌ତି କୁରିଲେ ଞାଙ୍‌ଞାଙ୍‌ତାଇନା
ଡିଜିଙ୍ ଲୁଙ୍‌ଆ ବିର୍‌ନା
ଡିଜିଙ୍ ପାଲିଡ଼ାନ୍ ଆବିରନା
ଡିଜିଙ୍ ରୁଗା ଆବିର୍‌ନା
ଡିଜିଙ୍ ରୁଡ଼ି ଆବିର୍‌ନା
ବୁଟିନ୍‌ତି କୁରିଲେ ଉଆଲ ତାଇନା ।

### ଓଡ଼ିଆ

ଆଜିର କଥା କାଲିର କଥା
କାହାକୁ ପଚରି ଆମେ ବୁଝିଲୁ
ଆଜିର କଥା କାଲିର କଥା
କାହାକୁ ପଚରି ଶିଖିବି
କେତେ ଅନ୍ଧକାର କଥା
କେତେ ଆଲୋକର କଥା
କେତେ ରୋଗ କଥା
କେତେ ଗଣ୍ଡଗୋଳିଆ କଥା
କାହାକୁ ପଚରି ବୁଝିବି ।

### ଗୀତ - ୧୦୪

ସୋନା ଲିଙ୍ଗାନ୍ ଡ଼ିଜିଙ୍ଗ୍ ସଙ୍ଗକୁଲାମ୍ ରାଙ୍ଗ୍ନାଜି
ସବ୍ଡିନ୍ନାନ୍ଜି ଆନ୍ ଅଗଲାନ ଡେୟେନା
ବାରାତାସାନ୍ନା ବାରାତାସାନ୍ନା
ସ୍ତ୍ରାଇନା ବିରନା ବିରନଗଲେ
ସଲ ଲିଙ୍ଗାନନା
ତାଙ୍ଗ୍ର ବିରନା ନିରନଗଲେ
ତୁଲବ ଲିଙନ୍ନା ।

ଓଡ଼ିଆ

ସଂସାରରେ ଯେତେ ସମସ୍ତ ବନ୍ଧୁ ଅଛନ୍ତି
ସବୁଦିନ ମନେ ପଡ଼େ
କାମଦାମ କାମଦାମ
ଶାନ୍ତିର ବାରତାନ ଭଜିଗଲେ
ସଂସାରରେ
ସତ୍ୟପଥରେ ନ ଚଲିଗଲେ
ଅନ୍ଧକାରେ ଘୂରିବୁଲେ ।

### ଗୀତ - ୧୦୫

ଆମନ୍ନା କିତୁଙ୍ଗ୍ ୟେନ୍
ଆମନ୍ନା ସନୁମ୍ୟେନ୍
ଆମନ୍ନା ରାଜାୟେନ୍
ଆମନ୍ନା ଡେଉୟେନ୍
ଆମନ୍ନା ମନେ ଲୁଙ୍ଗ ୟେନ ପୁଙ୍ଗିନା
ଆମନ୍ନା ମନେ ଲୁଙ୍ଗ୍ଲେନ୍ ଆର୍ଜଇ
ଉଲେନ୍ନା ।

ଓଡ଼ିଆ

ତୁମେ ମୋ ଈଶ୍ୱର
ତୁମେ ମୋ ପ୍ରଭୁ
ତୁମେ ମୋ ରାଜା
ତୁମେ ମୋ ସ୍ୱାମୀ
ତୁମେ ମୋ ମନ ମଧ୍ୟରେ ଭାବନା
ତୁମେ ମୋ ମନ ମଧ୍ୟରେ ସଦାସର୍ବଦା ଥାଅ ।

## ଗୀତ - ୧୦୬

ମନୋରାଡଙ୍ ଇଲନାନାମ ସନ୍‌ଲେପାଡା
ସାଡ଼ାନାମ ସଡଙ୍‌ପାଡା
ତାରାନାମ ସଡଙ୍‌ପାଡା
ବିରନାଲିଡଙ୍ ସଡଙ୍‌ପାଡା
ବାରାଲିଡ ସଡଙ୍‌ପାଡା
ମନେରାଡଙ ଇଲନାନମ୍ ସନ୍‌ଲେ ପାଡା ।

### ଓଡ଼ିଆ

ମନରେ ଭାବନା ତୋର ସାଙ୍ଗରେ ଯାଆ
ଶବ୍ଦମୋର ସାଙ୍ଗରେ ଯାଆ
ଆଲୋକରେ ସାଙ୍ଗରେ ଯାଆ
କଥାରେ ସାଙ୍ଗରେ ଯାଆ
କାମରେ ସାଙ୍ଗରେ ଯାଆ
ମନ ଭାବନାରେ ସାଙ୍ଗରେ ଯାଆ ।

## ଗୀତ - ୧୦୭

ମାୟା ଜାରେମ୍ନେନା ଜିଉ
ରାଙ୍ଗି ପିଲ୍ଲଲିଡାନ୍ ରାଡନା
ବାରାତାସା ରାତ୍‌ତନ୍ ଲେଣ୍ଡେ ଏଡଙ୍‌ଲେ ଜିରନ୍‌ନା
ସ୍ରାଇନା ସିଡଙ୍ଲେ ତିରତ୍ତୁମ୍ ବିତିଲେ ଅଣ୍ଡାଲେ ଜିରନ୍‌ନା ।
ବମନା ଡିରଲିଡଙ ଚଲଚଲ ବିରନାଲେନ୍ ଏଡଙ୍ଲେ ଜିରନନା
ମାୟା ଜାରେମ୍ନେନା ଜିଉ
ରାଡଙ୍‌ପିଲ ଲିଡାନ୍ ରଡନା ।

### ଓଡ଼ିଆ

ମାୟା ସଂସାରେ ଜନମ ନେଇ
ଏହି ଶରୀରରେ ରହ
କାମଦାମ ସରିଗଲେ ଚାଲିଯାଆ
ସଂସାର ସାଗରେ ରଖିଥିବା ସଂପତ୍ତି ଛାଡ଼ି ଚାଲିଯାଅ
ଜଗତରେ ସତପଥରେ ସତ୍ୟକଥା କହି ଚାଲିଯାଅ
ମାୟା ସଂସାରେ ଜନମ ନେଇ
ଏହି ଶରୀରରେ ରହ ।

## ଗୀତ - ୧୦୮

ଙ୍କେଲେଙ୍ ଲିଙାନ୍ ଆତାରବା ଗିଲଡ଼ା ଗିଲଡ଼ା
ଙ୍କୁଡାଙ୍ ଲିଙାନ୍ ଆଡରବା ଗିଲ୍ଡ଼ା ଗିଲ୍ଡ଼ା
କାକୁୟେନ୍ ମାଇ ତାଙ୍ଗଲତିନତ ପୁଇଙ ପାଇଁ
ବୁନିୟେନ ନାମ ତାଙ୍ଗଲତିନ୍ ଡେନ୍ ୟୁପିଙ୍ ୟାଡ଼ାବ
ପେଲେଙ୍‌ଲିଙାନ୍ ଆତାରବା ଗିଲଡ଼ା ଗିଲଡ଼ା ।

### ଓଡ଼ିଆ

ପଥର ଉପର ଫୁଲ ତେଜ ତେଜ
ଗଛର ଉପର ଫୁଲ ତେଜ ତେଜ
ଭାଇନା ମୋର ଖୁଆଁଲେ ଦିଶୁଛି ସୁନ୍ଦର ସୁନ୍ଦର
ଭାଉଜ ମୋର ଖୁଆଁଲେ ଦିଶୁଛି ସୁନ୍ଦର ସୁନ୍ଦର
ପଥର ଉପର ଫୁଲ ତେଜ ତେଜ ।

## ଗୀତ - ୧୦୯

ନୁପୁଙ୍‌ଲାମ ନୁଆଲମ ନା ମାରଣ୍ଡି
ମୟେ ଡୁସାଗନିଙ୍‌ନା ବାରାବ ଗନିଡନା
ବଂସା ବିରନା ଡିଜିଙ୍ ଉପୁଙଲାମନା
ଡ଼ାନଡ଼ାନ ଲବିରନ୍ ଡିଜିଙ୍ ଉପୁଙ ଲାମନା
ମୟେ ଡୁସା ଗଇଙନା ମୟେ ବରାବଗୟିଙନା ।

### ଓଡ଼ିଆ

କହିଲି କଥା କହିବି କଥା ଲୋ
ମତେ ଦୋଷ ଦେଉନା ରାଗିଯାଆନା
ଭଲ କଥା କେତେ କହିଗଲି
ମନ ସିଆଣିଆ କଥା ସବୁ କହିଗଲି
ମତେ ଦୋଷ ଦେଉନା ମୋତେ ରାଗି ଜାଆନା ।

## ଗୀତ - ୧୧୦

ବାଣ୍ଡାଡ଼ା ସିଙ୍ ବୟଜି ସାରୁ ଗୁୟୁରାନ
କିନ୍ତେସିଙ୍ ବୟଜି ସାରୁ ଗୁୟୁରାନ
ଆମୁଡ଼ା ପାନତା କାକୁଙ ନାୟାଏ
ଆମୁଡ଼ା ଗୁରଦେଙ କାକୁଙ ନାୟାଏ
ରାୟୁବ ସିବାନାମ କାକୁଙ୍ ନିପାୟାଇ
ପାତୁବ୍ ସିବାନାମ କାକୁଙ୍ ନିପାଙ୍ଗାଇ
ଆରାଡି ଲେବୁ କାକୁଙ୍ ନିପାଙ୍ଗାଇ
ଆଗୁଣ୍ଡା ଲେବୁ କାକୁଙ୍ ନିପାଙ୍ଗାଇ
ଆଲେଙ୍ ବୟ ତାଙର ଆବ୍ବରେ କାକୁଙ୍
ଉପୁୟୁଙ୍ ମନାନ୍ ଆଗାଡ଼ି ଆଗବେ କାକୁଙ୍
ଆବଙ୍ଗାନ୍ ଆଗାଡ଼ି ଆଗବେ କାକୁଙ୍ ।

### ଓଡ଼ିଆ

ଯୁବତୀ ଝିଅ ସଙ୍ଗରେ ବୁଲିଲେ
ଯୁବତୀ ଝିଅଙ୍କ ସଙ୍ଗରେ ବୁଲିଲେ
ପ୍ରଥମେ ବୁଲି ଯିବା ଭାଇନା
ପ୍ରଥମେ ବୁଲି ଯିବା ଭାଇନା
ଏ ଭାଇନା ହାତପାଖକୁ ପଠାଇଦେ
ଏ ଭାଇନା ହାତପାଖକୁ ଆଣିଦେ
ଏ ଭାଇନା ଶହେ ଟଙ୍କିଆ ନୋଟୁ ଆଣିଦେ
ଏ ଭାଇନା ଚିଲ୍ରା ପଇସା ଆଣିଦେ
ଓଡ଼ିଆ ଘରର ବୋହୁ ପରି ଏ ଭାଇନା
ବୁଲିବା ଯିବାପାଇଁ ଗାଡ଼ିରେ ଚାଲିଯିବା ଭାଇନା
ଆଗ ଗାଡ଼ିରେ ବସିଯିବା ଏ ଭାଇନା ।

## ଗୀତ -୧୧୧

ଏ ୟାଡ୍ ଅଡେଙ ଗୁରାନ ଆୟୁମତେ ଗୋଣ୍ଡେରାନ
ଏ ୟାଡ୍ ସିଣ୍ଡିଗୁରାନ ଆମୁମତେ ପାଣ୍ଡେରାନ
ସୁନ୍ନା ସନ୍ନା ଜାଡ଼ିଏ୍ଁ ପାଣ୍ଡେରାନ
ସୁଡା ସୁଡ଼ା ଜାଡିଏ୍ଁ ପାଣ୍ଡେରାନ

ଏୟାଡ୍ ଟାରିଲ ଗୁର ଆୟୁମତେ ପାଣ୍ଡେରାନ
ଏୟାଡ୍ ଅଲଇଗୁର ଆୟୁମତେ ପାଣ୍ଡେରାନ
ସାନ୍ନା ସାନ୍ନା ଡାଡିଏ୍ଁ ପାଣ୍ଡେରାନ
ସୁଡ଼ା ସୁଡ଼ା ଜାଡ଼ିଏ୍ଁ ପାଣ୍ଡେରାନ ।

### ଓଡ଼ିଆ

ଏ ମାଆ ଖଜୁରୀ କୋଳି ଖାଉଛି ଠେକୁଆ
ଏ ମାଆ ଖଜୁରୀ କୋଳି ଖାଉଛି ଠେକୁଆ
ସାନ ସାନ ସତ ଠେକୁଆ
ବଡ ବଡ ସତ ଠେକୁଆ

ଏ ମାଆ କେନ୍ଦୁଫଳ ଖାଉଛି ଠେକୁଆ
ଏ ମାଆ ଭାଲିଆଫଳ ଖାଉଛି ଠେକୁଆ
ସାନ ସାନ ସତ ଠେକୁଆ
ବଡ ବଡ ସତ ଠେକୁଆ ।

## ଗୀତ - ୧୧୨

କୁକୁର ଡୁମଲିନ୍ ପ ଆୟିଙ୍ ଗୁରମି ଡ଼ାଙଗଡ଼ି
ସାଗାଡୁମଲିନ୍‌ପ ଆୟିଙ୍ ଗୁଇମି ଡାଙ୍ଗଗଡ଼ି
ମାରା ଗେସେନାଇ ନାଇଙ୍ ଗୁଇମି ଡାଙଗଡ଼ି
ଗୁଡି ଗୁୟୁର ନାଇ ନାଇଙ୍ ଗୁଇମି ଡାଙତାଡ଼ି
ଢଡା ସିଂଙଲିନ୍‌ପ ଆୟିଙ୍ ଗୁଇମି ଡ଼ାଙଗଡ଼ି
ଇଡି ସିଂଙଲିନପ ଆୟିଙ୍ ଗୁଇମି ଡ଼ାଙଗଡ଼ି
ଡାଆବାଲିନପ ଆୟିଙ ଗୁଇମି ଡାଙଗଡ଼ି
ଗଗଡାଙଲିନପ ଆୟିଙ ଗୁଇମି ଡାଙଗଡ଼ି
ତାଙତାଙଡିଙଲିନ୍‌ପ ଆୟିଙ ଗୁଇମି ଡାଙଗଡ଼ି
ଗୁମ୍‌ଗୁମ୍ ଡିଙଲିନ ପ ଆୟିଙ ଗୁଇମି ଡାଙଗଡ଼ି
ତୁବ୍‌ଡ଼ାସିଙଲିନ ପ ଆୟିଙ ଗୁଇମି ଡାଙଗଡ଼ି
ଜିରଜିରସିଙଲିନ୍ ପ ଆୟିଙ ଗୁଇମି ଡାଙଗଡ଼ି ।

### ଓଡ଼ିଆ

କାପତା ପରି ଦିଶୁଛି କି ଭଉଣୀ ଗୁଇମି ଧାଙ୍ଗଡି
ପସ୍ତୁତ ହେଲକି ଭଉଣୀ ଗୁଇମି ଧାଙ୍ଗଡି
ମୟୂର ପରି ଦିଶୁଛୁ ଭଉଣୀ ଗୁଇମି ଧାଙ୍ଗଡି
ଗୁଡି ପରି ଦିଶୁଛ ଭଉଣୀ ଗୁଇମି ଧାଙ୍ଗଡି
ଲିପାଲିପି କରିଲୁକି ଭଉଣୀ ଗୁଇମି ଧାଙ୍ଗଡି
ଝୋଟି ଦେଲୁକି ଭଉଣୀ ଗୁଇମି ଧାଙ୍ଗଡି
ପାଣି ଭୁଇଁଲୁକି ଭଉଣୀ ଗୁଇମି ଧାଙ୍ଗଡି
ହାଣ୍ଡିକୁଣ୍ଡି ମାଜିଲୁକି ଭଉଣୀ ଗୁଇମି ଧାଙ୍ଗଡି
ଧାନ କୁଟିଲୁକି ଭଉଣୀ ଗୁଇମି ଧାଙ୍ଗଡି
ଧାନ ପାଛୁଡିଲୁକି ଭଉଣୀ ଗୁଇମି ଧାଙ୍ଗଡି
ଲୁଗା କଚାକଚି କରିଲୁକି ଭଉଣୀ ଗୁଇମି ଧାଙ୍ଗଡି
ଧାନ ସୁଖାଇଲୁକି ଭଉଣୀ ଗୁଇମି ଧାଙ୍ଗଡି ।

## ଗୀତ - ୧୧୩

ସୁଡ଼ା ବିରାନ ଆରାଙଗି ପାଙରିଙ୍ ଲାଙତିନ୍
ସାନା ବିରାନ ଆରାଡଂଗି ଇଇଲାଙତିନ
ସୁଡାଡୁମାନ ଆଗାନୁରନ୍‌ଡେନ୍ ରାଜା ରାଜା ଗାମତେ
ସାନା ଗୁମନ ଆଗାନୁରାନଡେନ୍ ଜାର୍‌ଜାରଗାମ୍‌ତେ୍
ଲାତାବ ଲାଃତାବ ଗାନୁର ଗାମ୍‌ଲେନ୍‌ଡେ୍
ଜାଡିବ ଜାଡିବ ଗାମତେ
ସମର ରୁମ୍ ଗାମ୍‌ଲେନ୍‌ଡେ
ସାରିଏ୍ ସାରିଏ ଗାମତେ ।

### ଓଡ଼ିଆ

ବଡ ଧରଣର ପବନ ଉଡ଼ାଇ ଦେବ
ସାନ ଧରଣର ପବନ ଥଣ୍ଡା ଦେବ
ବଡ ଧରଣର ବର୍ଷା ହେଲେ ରାଜା ରାଜା ବୋଲିବ
ସାନ ଧରଣର ବର୍ଷା ହେଲେ ଜାର୍‌ଜାର୍ ବୋଲିବ
ଲାତାବ୍ ଲାଃତବ୍ ବର୍ଷା ହେଲେ
ଜାଡ଼ିବ୍ ଜାଡ଼ିବ୍ ବୋଲିବ
ମମର ରୁମ୍ ବୋଲିଲେ
ସାରିଏ ସାରିଏ ବୋଲିବ ।

## ଗୀତ - ୧୧୪

ପୂର୍ବାଡିନା ଆରେଂଙ୍ ସୁମାନ
ନାମି ଆଡିନା ସଂପେଡସୁମାନ
ପୁଙ୍ଗିତୁଡ୍‌ନାଇତି ମାଓାର ବୁନନାମ
ମାରକାନ ପୂରା ଗାଗିବୁର ଲିଙ
ସାୟିମ୍‌ତୁବଲେ ଆଜିଙନାଇବା
ତାଙର ତୁବ ଲେଗାମ୍ ଆଗାରବିରବା
ବଂସା ତୁବ୍‌ଲେଗାମ ଆଜିଙନାଇବା
ସାନସାଲ ତୁବଲେଗାମ୍ ଆଗାରବିରବା
ଡେରଗା ରେଙଲେଙଗାମ
ଆଜିଙନାଇବା
ଗାଲାମାନ୍ ତୁବଲେଗାମ୍
ଆଗାରବିରବା ।

### ଓଡ଼ିଆ

ପୂର୍ବଦିନେ ପଥର ଦେବତା
ଆଜି ଦିନ ଶବ୍ଦବ୍ରହ୍ମ
ଫୁଟି ଉଠିଲା ମାଓର ବନାମ
ମାରିଚ୍‌ଗୁଡ଼ା ପାହାଡ ଶିଖରେ
ଆକୁଳ ହୃଦୟରେ ଡାକିବା
ରାସ୍ତା ଦେଖାଅ ବୋଲି ପ୍ରାର୍ଥନା କରିବା
ଭଲ କରିବା ପାଇଁ ପ୍ରାର୍ଥନା କରିବା
ଚଞ୍ଚଳ କରିବା ପାଇଁ ଆମେ ପ୍ରାର୍ଥନା କରିବା
ଧିରେ ରକ୍ଷା କର ବୋଲି
ପାଦ ତଳେ ପ୍ରାର୍ଥନା କରିବା
ବୁଦ୍ଧି ଜ୍ଞାନ ଦିଅ ବୋଲି ପ୍ରାର୍ଥନା କରିବା ।

## ଗୀତ - ୧୧୫

ରାଆଜି ୟାଙ୍ଗ ରାଆନ୍‌ଜି
ୟାଗା ୟାଗା ରାଆନ୍‌ଜି
ତିନ୍‌ଜି ରାଆ ୟିରାଇଜି
ଗାଡ଼ା ସାରିଙ୍ଗ ୟିରାଇଜି
ବାଗୁବାଲେନ ୟିରାଇଜି
କୁରୁଜ, କାମ୍ବରାନ ଜୁମଲେଜି
ସରବାଲେ ୟିରେଜି
ସାର,ସିତିରି, ଜୁମଲେଜି
କାଗୁଙ୍ଗବାଲେ ୟିରଲାଇଜି
କିନ୍‌ତେ, ପାଇଡି, ଜୁମ୍‌ଲେଜି
ଗରଜାଙ୍ଗାନ୍ ଗାନ୍‌ଲେଜି
ସିଂଆନ୍, କାରୁଆନ୍ ପିଲ୍ଲେଜି
ମାନ୍ ଡ୍ରାନ୍‌ଜିଲା ଗିଏଁଲେଜି
ତିଙ୍‌ବାରସିଲିଙ୍ ୟିର୍‌ଲେଜି
ଆଲେନ୍ ଜାକିଙ୍ ବାତଙ୍‌ଲେ
ପୁରପାର ଲଗି ଆୟିରଲେ ।

ଓଡ଼ିଆ

ହାତୀ ମାଆ ହାତୀ
କଳା କଳା ହାତୀ
ନଅଟା ହାତୀ ଆସିଲେ
ଜଙ୍ଗଲରୁ ଆସିଲେ
ପାହାଡପାଖକୁ ଆସିଲେ
କୁରଇ, ଜହ୍ନା, ଖାଇଲେ
ଆମ ବିଲକୁ ଆସିଲେ
ଧାନ, ମାଣ୍ଡିଆ ଖାଇଲେ
ଆମବାଡିକୁ ଆସିଲେ
କଦଳୀ, ପଇଡ ଖାଇଲେ
ଗାଆଁରେ ପଶିଲେ
ଘର ଦ୍ୱାର ଭାଙ୍ଗିଲେ
ଲୋକ ମାନେ ଦେଖିଲେ
ଶୁଣ୍ଢ ଟେକି ଚାଲିଗଲେ
ଆମେ ସବୁ ଡରିଗଲୁ ପୁରପାର ହୋଇ ଧାଇଁଲୁ ।

## ଗୀତ - ୧୧୬

ଡେବାଇବା ଡେବାଇବା ଆମ୍ବିନ କାକୁଙ୍ଜି
ତଆଁଇବା ତଆଁଇବା ଆମ୍ବିନ କାକିଙ୍ଜି
ସରମନେ ତୁବାଇବା ଆମ୍ବିନ ପରଜାନ୍ଜି
ସାୟିମ୍ଲେନ୍ଡେ ପାଙ୍ତାଇଜି ସାଣ୍ଡିସୁମାନଜି
ତଙ୍ଲେ ଇଏୀତାଜି ତାଙର ସୁମାନଜି
ବନଲିନ୍ଡେନ୍ ଏୀତାଇଜି ବାବୁସୁମାନଜି
ତାଙଲେନ୍ଡେ ପାଙ୍ତାଇଜି ଅଁଇ ତାଅଁର ସୁମାନଜି
ସାଏୀଲେନ୍ଡେନ୍ ପାଙ୍ତାଇଜି ସମପେଙ୍ ସୁମାନଜି
ଗାନ୍ଲେନ୍ଡେନ ପାଙ୍ତାଇଜି ଗାଡ଼ା ସୁମାନଜି ।

### ଓଡ଼ିଆ

ବାଜା ବଜାଅ ବାଜା ବଜାଅ ତୁମେ ଭାଇନା
ନାଚ ନାଚ ତୁମେ ଭଉଣୀ
ମନେ ପକାଅ ତୁମେ ଲୋକମାନେ
ସେବାକଲେ ଆଣିବେ ଚଣ୍ଡି ଦେବତାକୁ
ନାଚି ନାଚି ଆସିବେ ବାଟ ଦେବତା
ଝୁଲିଝୁଲି ଆସିବେ ବାବୁ ଦେବତା
ରକ୍ଷାକରି ଆସିବେ ଡ଼ାଙକି ଦେବତା
ଖୋଜି ଆସିବେ ଅକ୍ଷର ଦେବତା
ପଶି ଆସିବେ ବଣ ଦେବତା ।

## ଗୀତ - ୧୧୭

ଲଞ୍ଜାଇବା ୟାଙନି ଇଞ୍ଜାଇବା ଓ୍ୱାଙଜି
ଶିରିଁପୁର ଜାନିଲେ ଗୁଆଇବା ୟାଙଜି
ପାପାପୁର ଜାନିଲେ ଗୁଆଇବା ଓ୍ୱାନଜି
ଉଡ଼ାଜାଙ୍ ତୁଡୁମ୍‌ଲେଙ୍ ଡେବଲେ ଇଆଁଇବା
ଉଜାଜାଙ୍ କାଡିଙ୍‌ଲେ ଡେବଲେ କିନାଇବା
ସାରୁ ଅଲ ପାଗାନ୍‌ଜି ଜିଙଲିଙ ତଆଁଇବା
କିନ୍ତେ ଅଲ ପାଗାନ୍‌ଜି ରେଏଲିଙ କିନାଇବା
ଆୟୁୟଙ ରଣ୍ଡାଡିଙ ତଆଁଇବା ୟାଙଜି
ଆଗୁୟୁର ରଣ୍ଡାଡ଼ି କିନାଇବା ଓ୍ୱାଙ୍‌ଜି
ଡିଶାନ୍ ଡେଲିନ୍ନା ଗରଡାନ୍ ଡେତାଇ
ଜାଗାଗିଏଲେ ଜାରିଙନା ଡେତାଇ
ନାସିୟାଗାନିର ଡାୟାରନ୍ ଡେତାଏ
କିଲୁ କ୍ରାଇବିର ୟେରମେଙ୍ ଡେତାଇ
ଏ ଲାଙ୍ଗାମି ନାଣ୍ଡାଙ ତୁବା
ଏ ଲାଙ୍ଗାମି ଡାଲୁଡାନ୍‌ତୁବା ।

### ଓଡ଼ିଆ

ଆସ ମାଆ ଆସ ମାଆ
ଶିରିପୁର ଜାନିକୁ ଡାକ ମାଆ
ପାପାପୁର ଜାନିକୁ ଡାକ ବାପା
ବାଜା ବଜେଇ ଲୁଇଁଲୁଇଁ ବଜାଇ ନାଚ
ବାଜା ବଜେଇ ତୁଡୁମ୍‌ମାରି ନାଚ
ସାରୁ ପତର ପାଗବାନ୍ଧି ନାଚ
କଦଳୀ ପତର ପାଗଗାନ୍ଧି ନାଚ
ସାଇ ପଦାରେ ନାଚ ମାଆ
ସାଇ ପଦାରେ ଗୀତଗାଅ ବାପା
ଦେଶ ପାଇଁ ଆମେ ବୁଲିବା
ଜାଗାଦେଖି ଆମେ ପ୍ରାର୍ଥନା କରିବା
ଏହି କଥାପାଇଁ ବାହୁଡି ଆସିବା
ବଳୀ ପ୍ରଥା ଛାଡ଼ି ଜୀବପରିବର୍ତ୍ତନ ହେବ
ଏ ଲାଙ୍ଗାମୀ ଶୁଣ
ଏ ଲାଙ୍ଗାମୀ ଶୁଣ ।

## ଗୀତ - ୧୧୮

ଡିମନା ବାବୁ ଡିଡଙ୍ଗନେ ଏଡଙ୍ଗ ଡିଙ୍‌ଡିଙ୍ଗତିନାଇ
ଆରାଙ୍ଗଡା ରାଆତାଇ, ସୁସୁନାବରା ଆତାଇ ଡିଙ୍ଗତାଇ
ଡିନବା ଅଅନ୍‌ଜି ଜନ୍‌ ଆଞ୍ଜ୍ୟଡଙ୍ଗବା ସାଆରି
କାମସିମ୍‌ ନ ଉଲେଜିନ୍‌ କାଡିତି ଞାମବା କୁଡୁପିନ୍‌ତାଇ
ମାବା ବାରୁ ଆୟିବା ବାରାବାନ
ଯାବା ଅଅନ୍‌ଜି ଆସୁସୁନବା ବାରୁ ବାରା
ମାବା ଆଇନବା ଗରଜାଙ୍ଗନ୍‌ ତାମ୍ବାଲି
ଡାଆବା ଇଏବା ତାଙ୍ଗଡ଼ିଙ୍ଗନବା ଅଣ୍ତ୍ରିଡାନଞାବା
ଡିଙ୍ଗଡିଙ୍ଗନାବା ଓ୍ୱାବିନ, ତାଡାଇତି ଟିଟିଡ୍‌ଲଙ୍ଗତିନ
ଏରନ୍‌ ଓ୍ୱାବିନ ୟିରାଇ ଗାଗାନାବା ଡମାବା ସସନବ ।

### ଓଡ଼ିଆ

ଶୋଇଯା ବାବୁ ଶୋଇଯା କାନ୍ଦନା ରାନ୍ଧୁଛି ମୁଇଁ
ବରଡାଶାଗ ରାନ୍ଧୁଛି ସୁନୁସନିଆଶାଗ ରାନ୍ଧୁଛି
ଉଠ ପିଲାମାନେ, ଛାଞ୍ଚୁଣି ଧର, ଉଜଳ ହେଲା,
କୁକୁଡ଼ା ଡାକିଲା, କାତିଧର, ଭାତ ଧରୁଛି
ଚାଲ ପର୍ବତକୁ ଯିବା, କାମ କରିବା ।
ଚାଲ ଯିବା ଗାଆଁକୁ, ବେଳ ଗଡିଲା
ପାଣିକୁ ଯିବା ଧାନ କୁଟିବା ପାଉରାଣି ଧର,
ରନ୍ଧାରନ୍ଧି କରିବା ତୋ ବାପା ନିଶା ହୋଇଛି
ମାଡମାରିବ ବାପା ନ ଆସୁନ୍ତୁ ଭାତ ଖାଇଲୁତ ।

## ଗୀତ - ୧୧୯

ଗିଐଲାମ ଗିଐଲାମ ଆନସଲ
ଗିଐତାମ ଲାମି ଡେକେଏଡଲ
ଆସୁଡାମ୍ ମିଞ୍ଜୁମ୍‌ଲିଙ୍ଗ ଡେକେଐ ଡେଲମ
ଗୁରମାଙ୍ଗ୍ ଗାରମାଙ୍ଗ୍ କୁଲବାବ୍ ତମ୍‌ନାମ
ଗାଗ୍ନାସିନାମ୍ ଡେନ୍‌ଡେବ୍ରିସିନାମ୍
ୟୁଁଲେନାମ ଗସଲେଁ କୁମୁଡି ସାମନମ
ଆଐଗୁଲ ସିଲିମ୍‌ବିନ୍‌ଡେ ପଡେମୁତିନେ
ଆଐଗୁଲ ସିଲିମ୍‌ବିନ୍‌ଡେ ପଡେମୁତିନେ
କିନସର ଗଡ଼େଙ୍ଗନାମ
ଆଲିବ ମଡ଼େଙ୍ଗନାମ
ଗିଐଲେ ଉଉଁଲେ ତିଇଲାଏ ଆଗାଁଇ ମୁକାନାମ ।

### ଓଡ଼ିଆ

ଦେଖିଲି ଦେଖଲି ଏ ଧାଙ୍ଗିଡ଼ି
ଦେଖିବାକୁ ଏତେ ସୁନ୍ଦର
ଅଳପ ବୟସରେ ଏତେବଡ ହେଲୁ
ଚିକଣ ଚକଣ ଗାଲ ତୋର
ଖାଇବା ହାତ ବାମ ହାତ
ସିଂଘାଣି ଘସିଲୁ ପିଛାରେ ତୋର
ଠାରି ଦେଉଥିଲେ ମୁହଁବୁଲାଉଛୁ
ଠାରି ଦେଉଥିଲେ ମୁହଁବୁଲାଉଛୁ
ସମ୍ବର ଚଲି
ହରିଣ ଚଲି
ଦେଖି ଚମକିଲି ଚନ୍ଦ୍ରବଦନ ତୋର ।

## ଗୀତ - ୧୨୦

କୁକୁଡ଼୍ ଆମନ୍ କିଲାମୁଣ୍ଡା ରାଜା
କୁଣ୍ଡିମାର ଆମନ୍ ଞାନାତୁମାର ଆମନ
ତାବାଡ଼୍ ରାଜା ଆମନ୍
ଉଡୁମ୍ ରାଜା ଆମନ୍

ଓଡ଼ିଆ

ବାପା ତୁ କିଲାମୁଣ୍ଡା ରାଜା
ଖଡଗଧାରୀ ତୁ ନିଆଁରେ ଚାଲିବା ଲୋକତୁ
ତାବାଡ଼୍ ରାଜା ତୁ
ଉଡୁମ ରାଜ
ବାପା, ହାତ ତୋର ଧରୁଛି, ଗୋଡ଼ ଧରୁଛି
କିସ ମୁଁ ଜାଣିଛି ।

## ଗୀତ - ୧୨୧

ବାଲନ୍ତ ପାସିଇ, ୟୁୟୁଙ୍ ତାଙ୍ସାଡ଼ ବାବୁ
ପାସୁଡ଼ା ବୟ, ଜିଙ୍ତିନାଇ ୟୁୟୁଙ୍
ମାତିନାୟ ୟୁୟୁଙ୍, ଗୁଡ଼ି ତଙ ବୟ ଆମନ
ମାରାତଙ୍ବୟ ଆମନ, ୟୁୟୁଙ୍ ଆମନ
ତେର ଜେଲୁ ବୟ ଆମନ, ୟୁୟୁଙ୍ ଚାଙ୍ଗୁଡ଼ି ଡିଙବୟ ଆମନ
ୟୁୟୁଙ୍ ଆମନ ଆଡ଼ାଞ୍ଜା ଡିଙବୟ ୟୁୟୁଙ୍ ଆମନ

ଓଡ଼ିଆ

ବାଲୁତ ପିଲା ମାଆ ତାଙ୍ସାଡ଼ା ବାବୁ
ପାସୁଡ଼ାପିଙ ଦେବୀ, ଗୋଡଧରୁଛି ମାଆ
ମନେ ପକାଉଛି ମାଆ, କାମଜ ନାଚ ଦେବୀ ତୁଇ
ମୟୂର ନାଚ ଦେବୀ ତୁଇ, ମାଆ ତୁ
ତେରକୁଲ ଦେବୀ, ମାଆ, ଚାଙ୍ଗୁଡ଼ି ଧରିବା ମାଆ ତୁଇ
ମାଆ ତୁ କୁଲା ପାଛୁଡ଼ା ଦେବୀ ମାଆ ତୁଇ ।

## ଗୀତ - ୧୨୩

ମୁଡ଼ାଉୟୁଙ୍ଗ ବୟ, ମୁଡା ଆଙ୍ଗାଇ ବୟ
ୟୁୟୁଙ୍, ଇସୁମ୍‌ଲେ ଇଜା', ମାନାଲେ ଇଜା
ଏ ୟୁଗୁଙ୍ ଆପାଡି ଆଅନ୍‌ଲେ ଡେଣ୍ଡିଡିକୁଲ
ଡାରା ଡକୁଲିଙ୍, ଡାଣ୍ଡିନା ଡକୁଲିଙ୍ଗ ଆବିରନା
ୟୁୟୁଙ୍ ଏନ୍‌ସିତଲବୟ
ୟୁୟୁଙ୍ ଆମନ୍ ୟାଙ୍ ଆମ୍
ଗୁଲଜି କାନ୍‌ଲା ଗୁଲଜି ପଇସା
ଡାନଣ୍ଡି ଡେକୁଲେ ୟୁୟଙ୍
ବୁଡାଇ ସେଙ୍ ଗାମଲେ
ଗୁଲମ ୟୁୟୁଙ୍ଗ ସାରୁଆ କାବନତିୟଲମ
ଗୁଲଜି ପଇସା ଗୁଲଜି କାନଲ୍ଲୁ ଡାନଡିଙ୍
ଡ଼ାକୁଲେ ତିୟଲମ୍ ଲାସିଆ କନସିମ୍
ତିୟଲମ୍ ତିନ୍‌ଜିଡିରନ୍ ତିୟଲମ
ୟୁୟୁଙ୍, ଡାକୁଲି ଲାମି ସେଲୁଙ୍
ଆଜାତିୟନା ତିୟଲମ୍ ଗୁରୁନାତିଲମ୍ ।

### ଓଡ଼ିଆ

ମୁଖ୍ୟ ସୂର୍ଯ୍ୟ ଦେବୀ, ମୁଖ୍ୟ ଜହ୍ନ ଦେବୀ
ମାଆ, ଆମ ଇଛା ନାହିଁ, ଆମ ପାଖରେ ନାହିଁ
ଏ ମାଆ, ପ୍ରଥମ ସନ୍ତାନ ପେଷ ରହିଲା
ଲୁଣ ରହିଲା, ବାକି ରହିବା କଥା
ମାଆ ମୁଦିପିନ୍ଧୁଲୁ
ମାଆ ପାଦରେ ମୁଦିପିନ୍ଧୁଲୁ
ମାତ ଭଉଣୀ ତୁ ସାତ ପଇସା
ଘରିଆଡେ ରଖିଲୁ
ଭାର ବୋହିବା ଦେବୀ କହିଲୁ
ଜାଣିଛୁ ମାଆ ସାରୁଆ ଲୁଗା ଦେଲି
ସାତ ପଇସା ଦକ୍ଷିଣା ଦେଲି
ରଖିଲୁ କଳାକୁକୁଡ଼ା ଦେଲି
ନଅଟା ଶିଙ୍ଗ ମାଆ, ଆଜିଠାରୁ ସରିଲା
ପ୍ରକୃତରେ ସତ ଦେଇ ଦେଲି ଡାକିଡାକି ଦେଲି ।

## ଗୀତ - ୧୨୪

ଏ ଜୁଜୁଙ୍ଗ ରେ ବାନାକା ତାଲ୍ଲାବାବା
ବୁତିଙ୍ଗ ଗୁଲେ ବୁତିନ ସାୟିଲେ ଆଗାମଗନ
ଆଡଲେନ୍ ଆଗାମଗନ, ଆରେବା ନାବା ଆତାଲ୍ଲାନାବା
ଅଅନଜି ମୁଲାଇଜି, ସାୟୁଲେ ଡକୁନାବି ଆସନଲି,
ଆଙ୍ଗାଇ ତାଙଗୁ, ସୁଜାରାନ ଡାଙ୍ଗୁ
ଜାବାଲେଗେଏଁ ଗାସଏଁଜି, ଜାବାଲେଗେଏଁ ଅଅନଜି
ଗାଡ଼ାପୁଗଲନା ଟିଙ୍କୁଡୁ ଗଲନା
ଜାବା ଲେଗେଏଁ ଆଡ଼ଲେଲେନ୍ ଆଗାମଡ଼ଙ୍ ଯାବା
ପାସିଏଁ ଲେନ୍ ଗୁଲାଜି ଅମ୍ବୁଲ ଗୁଲାଜି ।
ଏ ସଲଜି ଯାବା ଯାମ୍‌ନାବା
ସୁଡା ଜୁମବା ଲେୟା ଜୁମବା
ବୁତିଙ୍ ଗୁଲେ, ବୁତିଙ୍ ସାୟଲେ ଜାବା ସଲଜି
ଯାବା ଲାଙ୍ଗିଜି, ଆଲାମ୍ନନାବା ଆୟୁନାବା
ଜୁଜୁପୁରା, ୟୁୟୁପୁରା
ସୁରମାଡ଼େଇ, ଗାଙ୍ଗାମାଡେଉ, ବୁତିଙଗୁଲେ
ବୁତିଙ୍ ସାୟଲେ, ଆଗାମ୍‌ଗଙ୍ଗ ଏସଲଯାବା
ପାଙ୍ଗୁରାଙ୍ ବୟଜି, ଗାଙ୍ଗାଗାଙ୍ଗ ବୟଜି ଆଡ଼ଲେଲେ
ଆଗାମ୍‌ଗଙ୍ଗ ସୁଡା ଜୁମ୍ବ୍ ଲେୟା ଜୁମ୍ବା
ଇତାଏଁ ବାନ୍ତି ତିୟିବିନ, ସେମ୍ଦାତିନ ବିବାନ୍ ପାଇଁତାଇ
ଉଡୁମ ଲେୟା, ଉଡୁମ୍ କଜା, ଆଏଗଡ଼ ଏ ଉଆଡ଼ ।

## ଓଡ଼ିଆ

ଏ ଅଜା ପାଗୁଡ଼ି ବାନ୍ଧ ଘୋଡ଼େଇ ହୁଅ
କାହାକୁ ଡାକିଲୁ, କାହାକୁ ସାହାଯ୍ୟ କଲୁ ବୋଲୁନା
ହଜିଗଲୁ ବୋଲୁନ, ପାଗୁଡ଼ିବାଲ, ଘୋଡ଼ାଇ ହୁଅ
ପିଲାମାନେ ଡ଼ାକିଲେ, ଶାନ୍ତିରେ ରହିବା ପାଇଁ
ନାଉଁଗ ବାଡ଼ି, ସୁନ୍ଦର ବାଡି
ଆସରେ ପିଲାମାନେ, ଆସରେ ପୁଅମାନେ
ବଣକୁ ଯିବା, ସରୁରାସ୍ତାରେ
ଆସରେ ହଜିଗଲୁ ବୋଲୁନ
ଆମ ପିଲାମାନେ ଡାକିଲେ ପରିବାରଲୋକେ ଡାକିଲେ
ଏ ମାଆମାନେ ଚିତହୋଇ ଶୋଇଯାଅ
ଚୂଡ଼ା ଖାଇବାକୁ ଲିଆଖାଇବାକୁ
କାହାକୁ ଡାକିଲୁ, କାହାକୁ ସାହାଯ୍ୟ କଲୁ
ଆସ ସୁନ୍ଦରୀ, ଚିତ ହୋଇ ଶୋଇବା ଶାନ୍ତି କରିବ ।
ପୂର୍ବ ପୁରୁଷ ଅଜାଙ୍କର ଆଈଙ୍କର ଦେଶ ସୁରମାଡ଼େଇ,
ଗାଙ୍ଗାମାଡେଇ କାହାକୁ ଡାକିଲୁ
କାହାକୁ ସାହାଯ୍ୟ କରୁ ପାଙ୍ଗପାଙ୍ଗ ଦେବୀ ହଜିଗଲୁ
ବୋଲୁନ ଚୂଡ଼ାଖାଇବାକୁ, ଲିଆ ଖାଇବାକୁ
ଆସିବାଣ୍ଡି ଦେବି, ସେମ୍ଵାତିନ ଗଛ ଆଣିବି
ଉଡୁମ୍ ଲିଆ, ଉଡୁମ୍ ଖଜା, ଏ ମାଆ ଏ ବାପା ।

## ଗୀତ - ୧୨୫

ଜାଇ ଲା ଜାଇ ଅଅନ ଆମାନ୍
ମା, ଲା ମା ତିର୍ମାଂ ଆମାନ୍
ତୁଡୁ ସିଜ୍ ନାମଜି ଆମାଂ ଆୟେ
ସାଂଙ୍ଗ ସିଜ୍ ନାମଜି ଆମାଂ ଆୟେ ।

ମାରା ବେଡ୍ ତଂସେଙ୍ଗାନ୍ ଆତଂନାଇବା
ନିଡ଼ା ବେଡ୍ ତଂସେଙ୍ଗାନ ଆତଂନାଇବା
ଗେଗା ତିଡ୍ ୟାର୍ ୟାର୍ନାନ୍ ଆୟାର୍ନାଇବା
ଗୁଡ଼ି ତିଡ୍ ଏଡ଼େର୍ନାନ୍ ଆଏଡ଼େନାଇବା ।

କିନ୍ସାରାନ୍ ଆତିଜ୍ଜାବ୍ ଆତିଜାବ୍ନାଇବା
ଆଲେବାନ୍ ଆଇର୍ଜାବ୍ ଆଇର୍ଜାବ୍ନାଇବା
ଆର୍ସିନ୍ ଆତଡ଼ାନ୍ ଆଁତଡ଼ା ନାଇବା
କାପ୍ପାରାନ୍ ଆଏଂଡ଼ା ଆଏଂଡ଼ାନାଇବା ।

ଗନ୍ତ୍ରିଜାନ୍ ଆତଂବଇ ଆତଂବଇନାଇବା
ଅନଣ୍ଡଇୟ ଆତଂବଇ ଆତଂବଇ ନାଇବା
କୁମ୍ବୁଲାନ୍ ଆତଂଞାମ୍ ଆତଂଞାମ୍ ନାଇବା
ଅଣ୍ଡ୍ରେଙ୍ଗାନ୍ ଆଗାନ୍ସାଲୁଇ ଆଗାନ୍ସାଲୁଇ ନାଇବା ।

କାକାତିଡ଼ ଡ଼ାୟାର୍ନାନ୍ ଆଡ଼ାୟାର୍ନେ ଅଅନ୍
ରାମି ତିଡ୍ ୟାର୍ନାନ୍ଆଡ଼ାୟାର୍ନେ ତିର୍ମାଂ
କୁକୁରାନ୍ ଗାନ୍ଡୁମ୍ନାନ୍ ଆଗାନ୍ଡୁମ୍ନାଇ ଲାଂଗା
ପାରୁଓ୍ୱାନ୍ ଗାନ୍ମ୍ନାନ୍ ଆଗାନ୍ଡୁମ୍ନାଇ ରାଜା ।

ଓଡ଼ିଆ

ଆସ ଆସ ପୁଅରେ ତୁମେ
ଚାଲ ଚାଲ ଝିଅ ତୁମେ
ସାଥି ପିଲାମାନଙ୍କ ଠାରେ
ସାଙ୍ଗ ପିଲାମାନଙ୍କ ଠାରେ

ମୟୂର ପରି ନାଚ ନାଚିବା
ବଗ ପରି ନାଚ ନାଚିବା
ଚଢ଼େଇ ନାଚ ନାଚିବା
ଗୁଣ୍ଡ୍ରୀ ଚଢ଼େଇ ନାଚ ନାଚିବା

ସମ୍ବର ଧାଁ ଧାଇଁ ଯିବା
ହରିଣ ଧାଁ ଧାଇଁ ଯିବା
ମାକଂଡ଼ ଡ଼ିଆଁ ଡେଇଁ ଯିବା
ହଂସ ପହଁରି ପହଁରି ଯିବା

ଗୁଣ୍ଡୁଚି ମୂଷା ପରି ଖେନ୍ଦାକୁ ଡେଇଁ ଯିବା
ବଡ଼ ଗୁଣ୍ଡୁଚି ମୂଷା ପରି ଖେଳକୁ ଡେଇଁ ଯିବା
ମୂଷାର ଚାଲି ଚାଲି ଯିବା
ସାନ ମୂଷାର ଗଳି ଗଳି ଯିବା

କାଉ ମାନଂକ ବସାକୁ ଫେରିଲାପରି
ଫେରି ଯିବା
ରଣି ଚଢ଼େଇ ପରି ଉଡି ଫେରି ଯିବା
କାପ୍ତା ଶୁଆପରି ଖୋଇ ଯିବା
ଘୋ, ଘୋ, ଶୁଆ ପରି ଖୋଇ ଯିବା ।

## ଗୀତ - ୧୨୬

ଲାଙ୍କାନ୍ ଆରଣ୍ଡାଡ଼ି ସାରିଂ
ଜାଇତାନ ଆରଣ୍ଡାଡ଼ି ସିକଇଜା
ଜାଇଲା ଅଅନ ଏନଣ୍ଡୁଂଲେ ଆୟେରନାଇ
ଜାଇଲା ଅଅନ ଗରଡ଼ଲେ ଆୟାରନାଇ
ତୁଡୁ ସିଜ୍ ନାମ୍‌ଜି ଆମାଂ
ଗାଡ଼ି ସିଜ୍ ନାମ୍‌ଜି ଆମାଂ
ଜାଇ ଲାଅନନ ଏଣ୍ଡୁଂଲେ ଆୟେରନାଇ
ଜାଇଲା ଅଅନ ଗରଡ଼୍‌ଲେ ଆୟାର୍‌ନାଇ
ବୁତେନ୍ ଏଡ଼ାତେନ୍
ବୁତେନ୍ ଆନ୍‌ଡ଼ିତ୍‌ତେନ୍
ଜାଇଲା ଅଅନ ଏଣ୍ଡୁଂଲେ ଆୟେର୍‌ନାଇ
ଜାଇଲା ଅଅନ ଗଗଡ଼୍‌ଲେ ଆୟାର୍‌ନାଇ ।
ବୁତେନ ସାଇଲାଂ ଏର୍‌ତେନ୍
ବୁତେନ ସାବ୍‌ସାବ୍ ଇଂତେନ୍
ଜାଇଲା ଅଅନ୍ ଏଣ୍ଡୁଂଲେ ଆୟେର୍‌ନାଇ
ଜାଇଲା ଅଅନ୍ ଗରଡ଼୍‌ଲେ ଆୟାରନାଇ ।
ବୁତେନ୍ ଗେଣ୍ଡା ତେନ୍
ବୁତେନ୍ ତାଂଶିଞ୍ଜ୍ ତେନ୍
ଜାଇଲା ଅଅନ ଏଣ୍ଡୁଂଲେ ଆୟେର୍‌ନାଇ
ଜାଇଲା ଅଅନ୍ ଗରଡ଼୍‌ଲେ ଆୟାରନାଇ ।

## ଓଡ଼ିଆ

ଉପର ଦାଣ୍ଡଠାରୁ
ତଳ ଦାଣ୍ଡ ପର୍ଯ୍ୟନ୍ତ
ଆସ ପୁଅ ବୁଲି ଯିବା
ଆସ ଝିଅ ବୁଲି ଯିବା

ସାଙ୍ଗ ପିଲାମାନଙ୍କ ପାଖକୁ
ସାଥି ପିଲାମାନଙ୍କ ପାଖକୁ
ଆସ ପୁଅ ବୁଲି ଯିବା
ଆସ ଝିଅ ବୁଲି ଯିବା

କିଏ ଖେଳୁ ଅଛି
କିଏ ଖେଳୁ ଅଛି
ଆସ ପୁଅ ବୁଲି ଯିବା
ଆସ ଝିଅ ବୁଲି ଯିବା ।

କିଏ ନଂଗଳ ବେଢୁଛି
କିଏ ନଂଗଳ ରଖୁଛି
ଆସ ପୁଅ ବୁଲି ଯିବା
ଆସ ଝିଅ ବୁଲି ଯିବା ।

କିଏ ପାଣି କାଢୁଛି
କିଏ ଧାନ କୁଟୁଛି
ଆସ ପୁଅ ବୁଲି ଯିବା
ଆସ ଝିଅ ବୁଲି ଯିବା ।

## ଗୀତ - ୧୨୭

### ଲାଡ଼ଡୁମ୍ ଅନ୍‌କେନ୍

ଏଡ଼ଂଲ ଏଡ଼ଂଲ ସୁନା ଅନଞ୍ଜେନ୍ ଆମାନ୍
ଗୁଡଂଲା ଗୁଡ଼ଂଲା ଲାଂଗା ଅନଞ୍ଜେନ୍ ଆମାନ୍
ଝୁଡ଼୍‌ଡଂଲା ଝୁଡ଼୍‌ଡଂଲା ତିର୍‌ମା ଅନ୍‌ଞ୍ଜେନ୍ ଆମାନ୍
ରାନାତଂ ଆମଡ଼୍‌ଡ଼ା ନାମ୍ ଇଗାବ୍‌ଲୁଡଂ
ରୁପ୍‌ପା ତାଂ ଆମୋଡ଼୍‌ଡ଼ା ନାମ୍ ଇଜାବ୍‌ତାଡ଼୍‌ଡ଼ଂ

କାଡ଼ିଡାଲା କଡ଼ିଡାଲା ସୁନ୍ନା ଅନ୍‌ଞ୍ଜେନ୍ ଆମାନ୍
ଡ଼ିମାଡ଼୍‌ନାଲା ଡ଼ିମାଲା ଲାଂଗା ଅନ୍‌ଞ୍ଜେନ୍ ଆମାନ୍
ଟାମାଡ଼୍‌ନାଲା ଟାମାଡ଼୍‌ନାଲା ତିର୍‌ମାଂଅନ୍‌ଞ୍ଜେନ୍ ଆମାନ୍
ଆଗୁୟୁରାନ ବାଣ୍ଡାନାମ୍ ଇରୁବ୍‌ରୁବା
ଆଡେଡ଼େରାନ ବାଣ୍ଡା ନାମ୍ ଇଡ଼ାଲ୍‌ଡ଼ାଲା ।

କୁଡ଼୍‌ଲଇଜାନ୍ ଉୟାନାମ୍ ଆଡ଼ରୟଡ଼େଂ
ସେଲଇଜାନ ଭୟାଂନାମ୍ ଆଡ଼ସାବାଏ
ସାଗାଲନ୍ ଭୟାଂନାମ୍ ଆକ୍‌କାଡୁଏ
ଆରାଡ଼ିନ୍ ଲାନୁମାନଜି କେଡ଼ାତେଲା
ଆଗୁଣ୍ଡାନ୍ ଲାନୁମାନଜି ଟାଡୁଂତେଲା ।

ବୁଟେନ୍ ଓ୍ୟାଂ ବୁଟେନ୍ ଓ୍ୟାଂକିଂଲେ ଗିଜାଏ
ବଟେନ୍ ଓ୍ୟାଂ ବୁଟେନ୍ ଓ୍ୟାଂ କୁଡ଼ାଲେ ଅୟୟେ
ବୁଟେନ୍ ଓ୍ୟାଂ ବୁଟେନ୍ ଓ୍ୟାଂ ମାଣ୍ଡିଲେନ୍ ଗଡ଼ଗଡ଼େ
ଆବ୍‌ସାବା ଲିଞ୍ଜେନ୍ ପାନାଂଡେନ୍ ଲୁମ୍‌ତାଇ
ଆବ୍‌ରୟଂ ଲିଞ୍ଜେନ୍ ପାନାଂଡ଼େନ୍ ଞ୍ଜେନି ତୁବ୍‌ତାଇ

ଟାବାରାନ୍ ଡ଼ିୟଲାଂନାମ୍ ଆବ୍‌ସାଡ଼ଡ଼ାଠଡଂଲା
ଅଞ୍ଜାରାନ୍ ଡ଼ିୟଲାଂନାମ୍ ଆବ୍‌ରିଂରାଂଡଂଲା
ମାରାନ୍ ଡିୟ୍‌ଲାଂନାମ୍ ଆବଗୁଗୁଡ଼ଂଲା
ସିଣ୍ଡିବାର୍ ମାଡ଼ଇନାମ୍ ରୁବ୍‌ରୁବାଲା
ଅଣ୍ଡେକୋର୍ ମାଡ଼ଇନାମ୍ ଡ଼ାଲଡ଼ାଲା ।

## ଓଡ଼ିଆ

### ଶୁଆଇବା ସମୟର ଗୀତ

କାନନ୍ଦୁନାଲ କାନନ୍ଦୁନ ମୋର ସୁନାର ପୁଅ
ରଡ଼ି କରନାଲ କରନ ମୋର ସୁନ୍ଦର ପୁଅ
ରହ ଲ ରହ ମୋର ସୁନ୍ଦର ପୁଅ
ତୁମର ଲୁହ ପକାଉନ ତଳେ
ତୁମର ଲୁହ ଛାଡୁନ ତଳେ ।

ତୁନି ରୁହ ଲ ମୋର ସୁନାର ପୁଅ
ଶୋଅ ଲ ଶୋଅ ମୋର ସୁନ୍ଦର ପୁଅ
ନିଦ୍ରାହୋଅ ଲ ହୋ ମୋର ସୁନ୍ଦର ପୁଅ
ଗୋଲାକାର ଚକ୍ଷୁ ବନ୍ଦ କର
ଗୋଲାକାର ଚକ୍ଷୁ ବନ୍ଦ କର ।

ତୁମ କୋଳର ମାତା କାର୍ଯ୍ୟ ସମୟ ନାହି
ତୁମ କୋଳର ମାତା କାର୍ଯ୍ୟ ସମୟ ନାହି
ତୁମ କୋଳର ମାତା କାର୍ଯ୍ୟ ସମୟ ନାହି
ସବୁ ପ୍ରକାର କାମ ରହି ଯାଉଛି
ସବୁ ପ୍ରକାର କାମ ରହି ଯାଉଛି
କିଏ ଗୋ କିଏ ଗୋ ହାଣ୍ଡି ଧୋଇବ
କିଏ ଗୋ କିଏ ଗୋ ଚୁଲି ଜାଳିବ
କିଏ ଗୋ କିଏ ଗୋ ଥାଳି ମାଜିବ
ମତେ ଛାଡ଼ି ଦେଲେ ସିନା ତାହା କରିବି
ମତେ ଛାଡ଼ି ଦେଲେ ସିନା ସେହିକାମ କରିବି ।

ବର ଗଛର ଶବ୍ଦ ପରି ଶବ୍ଦ କରନାହିଁ
ଓସ୍ତ ଗଛର ଶବ୍ଦ ପରି ଶବ୍ଦ କରନାହିଁ
ମୟୂର ପକ୍ଷୀ ଶବ୍ଦ ପରି ଶବ୍ଦ କରନାହିଁ
ଖଜୁରୀ ଫଳ ଚକ୍ଷୁ ଲୁଚାଇ ଦେ
ଖଜୁରୀ ଫଳ ଚକ୍ଷୁ ଲିଭାଇ ଦେ ।

## ଗୀତ - ୧୨୮
## ତିୟ ମେ ଅନ୍ କେନ୍

ଏଙ୍ ଏଙ୍ ଲା ସୁନା ଅନ୍ଞେନ୍
ଗୁଡ଼ଂ ଗୁଡ଼ଂ ଗୁଡ଼ଂ ଲା ତାର୍ବା ଅନ୍ଞେନ୍
ଏଡ଼ଂ ଏଡ଼ଂ ଏଡ଼ଂ ଲା ଲାଂଙ୍ଗା ଅନ୍ଞେନ୍
ଉଡ଼ା ଗୁରାନ୍ ଆଡୁବ୍ନାମ୍ ମେମେନାଲା
ସିଣ୍ଡି ଗୁରାନ୍ ଆଡୁବନାମ୍ ମେମେନାଲା ।

ଆରାଡ଼ିନ ଲାନୁମାନ୍ କେଡ଼ାତେଲା ଅଅନ୍
ଆଗୁଣ୍ଡାନ୍ କାବ୍ବାଡ଼ାନ୍ କେଡ଼ାତେଲା ଅଅନ୍
ଇରାଣ୍ଡିନ୍ ଆବାରାନ୍ କେଡ଼ାତେଲା ଲାଙ୍ଗି
ଆବୁତେନ୍ ଲୁଗେତେ ଗାମ୍ତେଲା ଅଅନ୍
ଆବୁତେନ୍ ତୁବେତେ ଗାମ୍ତେଲା ତିର୍ମାଂ

ଆଡ଼ଲୁସିଂ ଗେଗେଲେନ୍ ଆବୁତେନ୍ ଢଜଏ
ସୁର୍ବାଂମାଡ଼୍ କୁଡ଼ାଲେନ୍ ଆବୁତେନ୍ ଅୟଇୟେ
କିଣ୍ଡାଲାନ୍ ଅଡ଼ୟେରଲେନ୍ ଆବୁତେନ୍ ଡ଼ନ୍ସିଏ
ଗାଜଲସେଂ ଡ଼ାନିଂଲେ ଆବୁତେନ ଗଗଡ଼େ
ମାଣ୍ଡୁରା ଞାନ୍ରାମଲେନ୍ ଆବୁତେନ୍ ଗିଜଜାଏ ।

## ଓଡ଼ିଆ

### କ୍ଷୀର ଦେବା ସମୟର ଗୀତ

କାନ୍ଦ ନାହିଁ (୩ ଥର), ସୁନା ପୁଅ
କାନ୍ଦ ନାହିଁ (୩ ଥର), ଫୁଲା ପୁଅ
କାନ୍ଦ ନାହିଁ (୩ ଥର), ସୁନ୍ଦରୀ ଝିଅ
ଆମ୍ବ ଫଳ ପରି ସ୍ତନ୍ୟ ପାନ କର
ଖଜୁରୀ ଫଳ ପରି ସ୍ତନ୍ୟ ପାନ କର

ଘରର କାମ ଗୁଡ଼ାକ ରହିଯିବ ଲୋ ପୁଅ
ସାନ ବଡ଼ କାମ ଗୁଡ଼ାକ ରହିଯିବ ଲୋ ପୁଅ
ସବୁ ପ୍ରକାର କାମ ଗୁଡ଼ିକ ରହିଯିବ ଲୋ ଝିଅ
କିଏ କରିବ ବୋଲି ତୁମେ ଭାବୁଛ ପୁଅ
କିଏ କରିବ ବୋଲି ତୁମେ ଭାବୁଛ ଝିଅ

ଘର ଭିତରେ ଥିବା ମଇଳା କିଏ ଝାଟେଇବ
ଧାକ ଧାକ ଚୁଲିଲେ କିଏ ଜାଳିବ
ମେଦାରି କୁଲ୍ଲା କି ଧରିବ
କୁମ୍ଭାର ହାଣ୍ଡି କିଏ ମାଜିବ
କୁମ୍ଭାର ଚଡୁଓ୍ୱା କିଏ ଧୋଇବ ।

## ଗୀତ - ୧୨୯

### ଉବ୍‌ମା ନାକେନ୍

ଏ ଗାଡ଼ି ଞେନ୍‌ଜି ମାଇଲେନ୍ ଆୟେରବାଲା
ଏ ସାଂଙ୍ଗ ଞେନଜି ମାଇଲେନ ଆଞାନାବା ଲା
ଆର୍‌ତୁଡୁଲେ ଆୟେର୍‌ବା ତୁନ୍‌ସାରଡ଼ାବାନ୍‌ଲା
ଆର୍‌ଗାଡ଼ିଲେ ଆୟେର୍‌ବା ତାଂସୁରଡ଼ାବାନ୍‌ଲା

ର, ଜେଂ, କାବ୍‌ଲେନ୍ ଜାନାଂ ଆତୁବ୍‌ଡ଼ା ନାଇବା
ର, ସି, ଅଂକାବ୍‌ଲେନ ଜାନାଂ ଆମାଡ଼ରିଡ୍ ନାଇବା
ତୁବ୍‌ଡ଼ାଆନ୍ ତୁବ୍‌ଡ଼ାଲେ ଆଜେର୍ ନାଇବା ଲା
ମାଡ୍‌ରଡ଼ାନ୍ ମାଡ୍‌ରିଡ଼ଲେ ଆତୁଂଜେର୍ ନାଇବା

ଜାରଡ୍‌ନା ସାବୁନ୍ ଜାଡ୍‌ଲେ ଆତାନ୍‌ତାନ୍ ନାଇବା
ଗାରଡ଼ଡ଼ା ସଲ୍ ବାତ୍‌ତେନ୍ ବବ୍‌ଲେନ୍ ଆଗଡ଼ଡ଼ାନାଇବା
ତୁନ୍‌ସାରଡ଼ାନ୍ ଉଜାନ୍ ଉଇଲେନ୍ ଆଉବାନାଇବା
ତାଂସୁରଡ଼ାନ୍ ଡ଼େଲାନ୍ ଡ଼େଲ୍‌ଲେନ ଆରାଜାନାଇବା

ଡ଼ଂ ଲେଡ଼ଂ ଲେନ୍ ଆଡୁଡି ଆଡ୍‌ତାରତୁମ୍‌ବେ ସାଂଙ୍ଗ
ବବ୍ ଲେଡ଼ଂଲେନ୍ ଆଡ଼ିଲ ଆଡ୍‌ରୁକୁବେ ଗାଡ଼ିଂ
ଆରେଡାନ୍ ଞାମ୍‌ଲେ ଆଗଡ଼ ଗଡ୍‌ନାବାଲା
ଆରେଡାନ୍ ଡ଼ନ୍‌ସିଲେ ଆରିଡ୍ ରିଡ୍‌ନାବାଲା

ମିଞଲାନ୍ ଏର୍‌ରେ ବବ୍‌ଲେନ୍ ଆଜଡ଼ନାଇବା
ପାଉଡ଼ର ତାବ୍‌ଲେ ମୁକାଲେନ୍ ଆଜଡ଼ନାଇବା
ତାରାଗିଜ୍‌ନାନ୍ ବାତ୍‌ତେନ୍ ଆତାଗିଜ୍ ନାଇବା
ସାନାରାନ୍ ଞାମ୍‌ଲେ ଆନ୍‌ଲେନ୍ ଆସାର୍‌ନାଇବା ।

## ଓଡ଼ିଆ

### ଗାଧୋଇବା ସମୟର ଗୀତ

ହେ ମୋର ସାଥି ମାନେ
ହେ ମୋର ସାଂଗ ମାନେ
ମିଶି ଆମ୍ଭେ ଯିବା ପାଣିକୁ
ମିଶି ଆମେ ଚଲିବା ପାଣିକୁ ।

ଆମମାନଙ୍କର ପେଣ୍ଟ ମଧ୍ୟ ସଫା କରିବା
ଆମ୍ଭମାନଙ୍କର ସାର୍ଟ ମଧ୍ୟ ସଫା କରିବା
ତାହା ସଫା କରି ରଖି ଦେବା
ତାହା ସଫା କରି ଶୁଖାଇ ଦେବା ।

ସାବୁନ୍ ଧରି ଦେହରେ ଲଗାଇବା
ସାବୁନ୍ ପରି ମାଟି ମଧ୍ୟ ମୁଣ୍ଡରେ ଲଗାଇବା
ଜମା ପାଣିରେ ଦେହକୁ ସଫା କରିବା
ତେଣ୍ଡା ପାଣିରେ ଦେହକୁ ସଫା କରିବା ।

ଦେହରେ ଥିବା ମଇଳା ରଖିବା ନାହିଁ
ମୁଣ୍ଡରେ ଥିବା ଧୂଳି ରଖିବା ନାହିଁ
ପଥର ସହ ତାହା ଘସି ଦେବା
ପଥର ଧରି ତାହା ନିର୍ମଳ କରିବା ।

ତେଲ ବାହାର କରି ମୁଣ୍ଡରେ ଲଗାଇବା
ପାଉଡ଼ର ବାହାର କରି ମୁହରେ ଲଗାଇବା
ଦର୍ପଣରେ ନିଜକୁ ଦେଖିବା
ପାନିଆରେ ମୁଣ୍ଡର ବାଳ କୁଣ୍ଡେଇବା ।

## ଗୀତ - ୧୩୦
## ଶିକାର ସମୟର ଗୀତ

ଜାବା ଆନ୍‌ଲେନ୍ ଅବେନ୍ତା ନାଇବା
କେନ୍ତା ଜେଲୁନ୍ ବାତେନ ଆମଇଞ୍ଜ ନାଇବା (ଘୋଷା)
କୁଡ଼ଡୁବ୍‌ଲେନ୍ ନାମି ଡ଼ାଜିଡାନ୍ ଡେତାଇ
ତେଡ୍‌ନେ ସାରିଂ ଆନ୍‌ଲେନ୍ ତୁଂଲେନ୍ ଆୟେରବା
ଜାବା ଆଞ୍ଜାନାବା, ନିଲ୍‌କିଲ୍‌ଲେନ୍ ଞାନାଇବା,
କୁନ୍ ଆତୁଲାବ୍‌ବାନ୍ ଡ଼ାଇଲେ ଆୟେର୍‌ବା ।

ତଇ, ତଇ, ଲେନ୍ ଆନ୍‌ଲେନ୍ ଆପୁଆଇନାଇବା
ଆରେଡାନ୍ ଡ଼ନସିଲେ ଆସାମାର୍‌ନାଇବା
ସାନ୍ନା ସୁଡ଼ା ଜନ୍ତୁନ୍ ଆବ୍‌ଡ଼େବା
ଡ଼ଲତା ମାରାନ୍‌ଜି ଆମାଂ ଆବ୍‌କୁନ୍‌ବା

କିନ୍‌ସାରାନ୍ ଆତୁଇଞବା, କାସବୁନାନ୍ ଆତୁଇଞବା
ଆଲେବାନ୍ ଆତୁଇଞବା, ପାରଗାଡ଼ାବାନ ଅତୁଇଞବା
ମାରାନ୍ ଆତେ ଆଞାମ୍ ଞାମ୍‌ସିବା
କିତୁଂଲେନ୍ ଆତଂ ଆବ୍‌ସୁଇନାଇବା

ତୁଲାବ୍ ଜେଲୁନ୍‌ଜି ବଇ ବଇ ମାନାଡ଼ାମ୍
କୁନ୍ ଆଜେଲୁନ୍ ବାତ୍‌ତେନ୍ ଆମଇଞନାଇବା
ସିଂବିରିଣ୍ଡାଲେନ୍‌ଜି ଆମ୍‌ପାରା ଆଜୁମ୍‌ବା
ଏ୍‌ରନାଲେନ୍ ଗୁଇନାଲେନ୍ କିତୁଡାନ୍ ତିଆଇତେନ୍ ।

## ଓଡ଼ିଆ

### ଆସ ଆମ୍ଭେ ଶିକାରକୁ ଯିବା ଶିକାର ମାଂସ ପାଇ ଆନନ୍ଦ କରିବା

ଆମ୍ଭେ ସମସ୍ତେ କେତେ ଜଣ
ଏଠାରୁ ଆମ୍ଭେ ବାହାରି ଯିବା
ଆସ ଆମ୍ଭେ ସତର୍କରେ ଚାଲି
ସେହି ପର୍ବତକୁ ଚଢ଼ି ଯିବା ।

ଗୋଟିଏ ପରେ ଗୋଟିଏ ଧାଡ଼ି ବାନ୍ଧୁ
ପଥର ସହ ଆଗକୁ ମାରିବା
ସାନ ବଡ଼ ଜନ୍ତୁ ବାହାର କରିବା
ବାଣୁଆ ସମୁଖରେ ପହଞ୍ଚାଇବା ।

ସମ୍ବର ମାରିବା, ବାରିଆ ମାରିବା
କୁଟରା ମାରିବା, ଯିଆଳ ମାରିବା
ମୟୂର ହାତରେ ଧରିବା
ଈଶ୍ୱରକୁ ଦେଖାଇବା ।

ବଣ ଜନ୍ତୁର ମାଂସ ସୁଆଦ
ସେହି ମାଂସ ଦ୍ୱାରା ଆନନ୍ଦ କରିବା
ଆମ୍ଭ ପରିବାର ସହ ଖାଇବା
ଆମ୍ଭର ଚେଷ୍ଟାରେ ଈଶ୍ୱର ଯୋଗାଇଲା ।

## ଗୀତ - ୧୩୧

### ତୁଲାବ୍ ଜେଲୁନ୍ ଆସାନ ମାନଇଞ୍ଜାନ୍

ଜାବା, ଜାବା ଆନ୍‌ଲେନ୍ ଆଇଡ଼ାକାନାଇବା
ଜାବା, ଜାବା, ଆନ୍‌ଲେନ୍ ଆମଇଞ୍ଜନାଇବା
କିତୁଡ଼ାନ୍ ଆଡ଼ଂ ଗାନୁଗୁନ୍ ଡ଼େଏତେ
କିତୁଡୀନ୍ ଆଡ଼ଂ ସାନେନ୍‌ସିନାନ୍ ଡ଼େଏତେ ନାମି ।

କିନ୍‌ସାରାନ୍‌ଲା ଆନ୍‌ଲେନ୍ ଞାଂଲାବେ
କାସବୁନାନ୍‌ଲା ଆନ୍‌ଲେନ୍ ଞାଂଲାବେ
ପାର୍‌ଗାଡ଼ାବାନ୍‌ଲା ଆନ୍‌ଲେନ୍ ଞାଂଲାବେ
ଆଲେବାନ୍‌ଲା ଆନ୍‌ଲେନ୍ ଞାଂଲାବେ ନାମି ।

ମଇଞ୍ଜ୍‌ଡ଼ା ମଇଞ୍ଜ୍‌ଡ଼ା ଡ଼େତାଇଲା କୁଡୁବ୍‌ଲେନ୍
ଇଡ଼ାବା ଇଡ଼ାବା ଡ଼େତାଇଲା କୁତୁବ୍‌ଲେନ୍
ତୁଲାବ୍ ଜେଲୁନ୍ ଆନ୍‌ଲେନ୍‌ଲା ଞାଂଲାବେ,
କାନ୍‌ରେଂ ଜେଲୁନ୍ ଆନ୍‌ଲେନ୍‌ଲା ଞାଂଲାବେ ନାମି ।
ସିଇଡ଼ଂ ବିରିଣ୍ଡାଲେନ୍‌ଜି ଆମ୍‌ପାରା
ଆୟାଂ, ଆଅନ୍‌ଲେନ୍‌ଜି ମାଇଲେନଲା
ଆବ୍‌ମଇଞ୍ଜ ଆବ୍‌ମଇଞ୍ଜ୍‌ଲେନ୍ ଆନ୍‌ଲେନ୍‌ଜୁମ୍‌ତାବେ
ସାର୍‌ଡ଼ା, ସାର୍‌ଡ଼ାଲେନ୍ ଆନ୍‌ଲେନ୍ ଜୁମ୍‌ତାବେ ନାମ ।

## ଓଡ଼ିଆ

### ଜନ୍ତୁ ମାରି ଆଣିବା ସମୟର ଗୀତ

ଆସ ଆସ ଆମ୍ଭେ ଶ୍ରଦ୍ଧା ହେବା
ଆସ ଆସ ଆମ୍ଭେ ଆନନ୍ଦ ହେବା
ଈଶ୍ୱର ଗୌରବ ପାଇ
ଈଶ୍ୱର ପ୍ରଶଂସା ପାଇ ଆଜି ।

ସମ୍ବର ଆମ୍ଭେ ପାଇଲୁ
ବାରିଆ ଆମ୍ଭେ ପାଇଲୁ
ଯିଆଦ ଆମ୍ଭେ ପାଇଲୁ
ହରିଣ ଆମ୍ଭେ ପାଇଲୁ ।

ଅତି ଆନନ୍ଦ ଆମ୍ଭେ ସମସ୍ତେ
ଅତି ଶ୍ରଦ୍ଧା ଆମ୍ଭେ ସମସ୍ତେ
ବଣର ମାଂସ ଆମ୍ଭେ ପାଇଲୁ
ଜନ୍ତୁର ମାଂସ ଆମ୍ଭେ ପାଇଲୁ ଆଜି ।

ଘରର ସପରିବାର ସମସ୍ତେ
ପିଲା କୁଟୁମ୍ବ ସହ ମିଶି
ଅତି ଆନନ୍ଦରେ ମାଂସ ଖାଉ
ଅତି ଶ୍ରଦ୍ଧାରେ ମାଂସ ଖାଉ ଆଜି ।

## ଗୀତ - ୧୩୨

### ତୁଲାବ୍ ଜେଲୁନ୍ ଆତାନ୍‌ରଗାଡ୍ କେନ୍

ବଇ ବଇ ଡିମ୍‌ଯିମ୍‌ଲେ ଗାବ୍‌ଡ୍ରେଲଡୁଙାନ୍‌ଲା
ଆବାସୁୟେମ୍‌ଲେ ମାନାଂଗାଲେନ୍ ଲା
ଆପାୟାଇତେନ୍ ତୁଲାବ୍ ଜନ୍ତୁନ୍ ଲା
କାବ୍‌ଞ୍ଜିଡ୍‌ଲେ ଞାଂଲାବେ ଆନ୍‌ଲେନ୍‌ଲା ।

ଜାବା ଆନ୍‌ଲେନ୍ ଆତାମ୍‌ବେଡ୍‌ବା ଲା
ଆକାଞ୍ଜିଡ୍ ଜନ୍ତୁନ୍ ଆପାଂନାବାଲା
ସୁଗାଲଲାଂ କବାନ୍ ବାର କୁଣ୍ଡିନ୍ ଞାମ୍‌ଲେ
ଉସାଲାନ୍ ଡାବ୍‌ଲେ ଆନ୍‌ସାନାଇବା ।

ଆଜାଙାନ୍ ବାର୍ ଆଜେଲୁନ୍ ଆନ୍‌ସାଲେ
କୁଣ୍ଡା କୁଣ୍ଡାଲେ ଆପେଡ୍ ନାଇବା ଲା,
ଡାରଗାଡ୍ ଡାର୍‌ଗାଡ୍‌ଲେ ଆଡ଼ିସାମ୍‌ନାବ
ବାନ୍‌ତେଆନ୍ ବାନ୍‌ତେଲେ ଆପାଂନାବା ।

ବାନୁଆନ୍ ମାଇଞ୍ଜ୍ ଆତାନୁନ୍ ଆତେ,
ଆସାଙ୍କାନ୍ ବାର ଆତାଇତାନ୍ ଆବଇ
ତାନୁନ୍ ଲିଙାନ୍ ସାରିଂବାର୍‌ତୁବ୍ ଆତେ,
ଆନ୍‌ସାଲେ ଡିୟ୍‌ବା ଆନନ୍ ପାଂନେତେ ।

## ଓଡ଼ିଆ

## ଶିକାର ମାଂସ ଭାଗ ସମୟର ଗୀତ

ଈଶ୍ୱର ଆମ୍ଭମାନଙ୍କୁ ପ୍ରେମ କଲେ
ଆମ୍ଭମାନଙ୍କର କଷ୍ଟ ଦେଖି ସ୍ନେହ କଲେ
ବଣ ଜନ୍ତୁକୁ ପଠାଇ ଦେଲେ
ପ୍ରାଣରେ ଆମ୍ଭେମାନେ ମାରିଲୁ ।

ଆସ ଆମ୍ଭେମାନେ ବୋହି ନେଇଯିବା
ମଲା ଜନ୍ତୁକୁ ଗାଁକୁ ନେଇ ଯିବା
ତୀକ୍ଷ୍ଣ କାତି ଓ ଛୁରୀ ଧରିଯିବା
ଚମଲକୁ ବାହାର କରି ଅଲଗା ରଖିବା ।

ହାଡ଼ ଓ ମାଂସ ଅଲଗା ରଖି
ବଡ଼ ଖଣ୍ଡ ଖଣ୍ଡ କରି ରଖି
ଯେତେ ଜଣ ଅଛୁ ସାନ ସାନ ଖଣ୍ଡ କରି
ଘରକୁ ନେଇ ଯିବା ବାଣ୍ଟିବୁଣ୍ଟି କରି ।

ବାଣୁଆର ଭାଗଟି
ଜନ୍ତୁର ବେକଓ ଏକ ଗୋଟି
ବର୍ଚ୍ଛାରୁ ଦୁଇଭାଗ ଦିଆଯାଉ
ମିଶାଇ ସେ ନେଇ ଘରକୁ ଯାଉ ।

## ଗୀତ - ୧୩୩

### କାମ ବେଳେ ପୁଅ ଝିଅ ଗାଉଥିବା ଗୀତ

ପୁଅ- ଓ୍ୟାନ୍ କାକେଂ ଆଲଲ ଆଇତେ ?
ଝିଅ- ସିନ୍‌ଜାଂବାନ୍ ରାସାଡ଼ିନ୍ ଆଲଲ ଆଇତେ ।
ପୁ- ଗିଜ୍‌ଲାମ୍ ସଇ, ଗିନ୍‌ଲାମ୍‌ସଇ ସାଉସାଂଗୁରାନ୍ ଲାଂଗି
ଗିଜ୍‌ଲାମ୍ ସଇ, ଗିଜ୍‌ଲାମ୍‌ସଇ ଉଡ଼ାଗୁରନ୍ ଲାଂଗି

ଝିଅ- ଓ୍ୟାନ୍ କାକୁଂ ଆଲଲ ଆଇତେ
ପୁଅ- ସିନ୍‌ଜାଂବାନ୍ ପାତ୍‌ତାଡ଼ିନ୍ ଆଲଲ ଆଇତେ
ଝିଅ- ଗିଜ୍‌ଲାମ୍‌ସଇ ଗିଜ୍‌ଲାମ୍‌ସଇ ସାର୍‌ସାଂଗୁରାନ୍ ଲାଙ୍ଗା
ଗିଜ୍‌ଲାମ୍‌ସଇ, ଗିଜ୍‌ଲାମ୍‌ସଇ ଉଡ଼ା ଗୁରାନ୍ ଲାଙ୍ଗା

ପୁଅ- ଓ୍ୟାନ୍ କାକେଂ ଆପୁଇଦିଂ ଆଇତେ
ଝିଅ- କୁମ୍‌ବିବୁର୍, ସିନଜାଂବୁର ଆପୁଇଜିଂ ଆଇତେ
ପୁଅ- ଗିଜ୍‌ଲାମ୍‌ସଇ, ଗିଜ୍‌ଲାମ୍‌ସଇ ଟାରାବ୍‌ଗୁରାନ୍ ଲାଙ୍ଗି
ଗିଜ୍‌ଲାମ୍‌ସଇ, ଗିଜ୍‌ଲାମ୍‌ସଇ, ଡିର୍‌ମାଂଗୁରାନ୍ ଲାଙ୍ଗି

ଝିଅ- ଓ୍ୟାନ୍ କାକୁଂ ଆଞ୍ଜାନାର୍, ଆଇତେ
ପୁଅ- ମାଡ଼ିଆନ୍ ବାଡ଼ଡାନ୍ ଆଞ୍ଜାନାର୍ ଆଇତେ
ଝିଅ- ଗିଜ୍‌ଲାମ୍‌ସଇ, ଗିଜ୍‌ଲାମ୍‌ସଇ, ସିଣ୍ଡିଗୁରାନ୍ ଲାଙ୍ଗା
ଗିଜ୍‌ଲାମସଇ, ଗିଜ୍‌ଲାମ୍‌ସଇ, ଅଣ୍ଡ୍ରେଂଗୁରାନ୍ ଲାଙ୍ଗା

## ଓଡ଼ିଆ

## କାମବେଳେ ପୁରୁଷ ସ୍ତ୍ରୀର ଗୀତ

ପୁଅ- କେଉଁ ଡ଼ଙ୍ଗର ଗୋବଲା କରିବାକୁ ଯାଉଛ ଲ ନାନୀ
ଝିଅ- ସିନ୍‌ଜାଂବାନ୍, ରାସାଚିନାମକ ଡ଼ଙ୍ଗଇ ଗୋବଲାକୁ ଯାଇଛୁ

ପୁଅ- ଦେଖିଲି ଦେଖିଲି ତୁମର ଗୁରୀ ସୁନ୍ଦରୀ
ଦେଖିଲି ଦେଖିଲି ତୁମର କଳା ସୁନ୍ଦରୀ

ଝିଅ- କେଉ ଡ଼ଙ୍ଗର ଗୋବଲା କରିବାକୁ ଯାଇଛ ଗୋ ନନା
ପୁଅ- ସିଂନ୍‌ଜାଂବାନ୍, ପାଢ଼ାଢ଼ିଡ଼ଙ୍ଗର ଗୋବଲା କରିବାକୁ ଯାଉଛୁ
ଝିଅ- ଦେଖିଲି ଦେଖିଲି ତୁମର ଗୁରା ସୁନ୍ଦର
ଦେଖିଲି ଦେଖିଲି ତୁମର କଳା ସୁନ୍ଦର

ପୁଅ- କେଉ ଡଙ୍ଗର ଘାସ ବଛା କରିବାକୁ ଯାଉଛ ନାନୀ
ଝିଅ- କୁମ୍ବିବୁର, ସିଂଜାଂବୁର୍ ଡ଼ଙ୍ଗର ଘାସ ବଛା କରିବାକୁ ଯିବୁ

ପୁଅ- ଦେଖିଲି ଦେଖିଲି ବରକୁଳି ସୁନ୍ଦର ତୁମର କଳା
ଦେଖିଲି ଦେଖିଲି କଣ୍ଟାକୁଳି ସୁନ୍ଦର ତୁମର ଧଳା

ଝିଅ- କେଉ ଡ଼ଙ୍ଗର କାମ କରିବାକୁ ଯାଇଛ ଗୋ ନନା
ପୁଅ- ମାଡ଼ିଆନ୍, ବଡ଼ଡାନ୍ ଡ଼ଙ୍ଗର କାମ କରିବାକୁ ଯାଉଛୁ

ଝିଅ- ଦେଖିଲି ଦେଖିଲି ଖଜୁରିକୁଳି ରଙ୍ଗ ସୁନ୍ଦରୀ
ଦେଖିଲି ଦେଖିଲି ସାନ ଖଜୁରିକୁଳି କଳା ରଙ୍ଗ ସୁନ୍ଦରୀ

## ଗୀତ - ୧୩୪

## ଡା°ଗାଡ଼ିନ୍ ଗିଜ୍‌ରେ ଡ଼ାଙ୍ଗାଡ଼ାନ୍ କେନ୍‌ତେ

ଗିଜ୍‌ଲାମ୍ ଗିଜ୍‌ଲାମ ନା ସଲ
ଗିଜ୍‌ଲାମ୍ ନାମି ଡ଼ାକାନେ ଡ଼ଲ
ଗିଜ୍‌ଲାମ୍ ଗିଜ୍‌ଲାମ ଗିଜ୍‌ଲାମ୍ ନାସଲ
(ଆବ୍‌ୟ କେନ୍)
ଆସୁଡ଼ାମ୍ ମିଞ୍ଜୁମ୍ ଲିଂ ଡ଼ାକାନେ ଡ଼େଲାମ୍
ଗୁରମାଂ, ଗାରମାଂ କୁଲବାବ୍ ଡାମ୍‌ନାମ୍
ଗାରାଗାନା ସିନାମ୍, ଡ଼େନ୍ ଡ଼େବ୍ରି ସିନାମ୍
ଞ୍ଜୁଲେନାମ୍ ଗସଡ଼ଲେ କୁମ୍ବଡୁ ସାମ୍‌ନାମ୍

ଆଇଗୁଲ ସିଲେନ୍ ବେନ୍‌ଡ଼େନ୍ ପଡ଼େଡ଼୍‌ତାମ୍‌ତେନ୍ (୨)
ଆଇଗୁଲ ସିଲେନ୍‌ବେନ୍‌ଡ଼େନ୍ ପଡ଼େଡ଼୍ ମୁତେନ୍(୨)
କିନ୍‌ସାର୍ ମଡେଂନାମ୍, ଆଲେବ୍ ମଡ଼େଂନାମ୍
ଗିଜ୍‌ଲେ ଭଂଲେ ଡିୟ୍‌ଲାଇ ଆଂଗାଇ ମୁକାନାମ୍

ଜେଂଞ୍ଜେନ୍ ଲାମି ଆମାନ୍ ଏଲାଇଡଂ ନାଡ଼େ
ସିଞ୍ଜେନ୍ ଲାମି ଆମାନ୍ ଡାମ୍‌କିଡଂ ନାଡ଼େ
ୟାଂନାମ୍ ମାମିତାଇ, ଓ୍ୟାନାମ୍ ମାମାଂତାଇ
ଗିଜ୍‌ଲେ ଭଂଲେ ଡିୟଲାଇ ଗୁରମାଂ ମୁକାନାମ୍

## ଓଡ଼ିଆ

## ଝିଅକୁ ଦେଖି ପୁଅର ଗୀତ

ଦେଖିଲି, ଦେଖିଲି ଗୋ ଟୋକି
ଦେଖିଲି, ଦେଖିଲି ଆଜି ତତେ
ଦେଖିଲେ, ଦେଖିଲି ଦେଖିଲି ଲୋ ଟୋକି (ଘୋଷା)
ଅଳ୍ପ ବୟସରେ ଯୁବତୀ ହେଲେ
ଏତେ ଗୋରୀ ତୁମର ମୁହଁ
ତୁମର ଦୁଇ ହାତରେ
ସିଙ୍ଘଣୀ ଲଗାଇ ଗାଣ୍ଠିରେ ପୁଛିଲ ।

ହାତ ମାରିଲେ ବଙ୍କା କରୁଛ ମୁହଁ
ଟାଇ ମାରିଲେ ବଙ୍କା କରୁଛ ନାକ
ସମ୍ବର ଦେଖା, ହରିଣ ଦେଖା
ଦେଖି ମୁଁ ଚମତକ୍ାର ହୋଇଗଲି
ଚନ୍ଦ୍ର ପରି ତୁମର ମୁହଁ ।

ମୋ ଗୁଡ଼ ବଦାଉନ ଆଜି
ମୋ ହାତ ଲଗାଇନ୍ ଆଜି
ତୁମର ମାକୁ, ନାନି ଲାଗେ
ତୁମର ପାପାକୁ ମାମୁ ଲାଗେ
ଦେଖିଦେଲି ଯେବେ ଚମ୍ତକାରିଲେ
ତୁମର ଗୋରୀ ମୁହଁକୁ ।

## ଗୀତ - ୧୩୫

## ଡଂସେଙାନ ଆୟ

ପୁଅ- କତା କତା ତଙାଇବା ଡ଼ାଙ୍ଗିଡ଼ିବଇଜି,
କଲେ କଲେ ତଙାଇବା ଡ଼ାଙ୍ଗିଡିବଇଜି
ଅଲା ଜେଂଞେନ୍ ଞାଡୁବ୍‌ତେ ଡ଼ାଙ୍ଗାଡ଼ିବଇଜି
ଅଲା ସିଞେନ୍ ତାମ୍‌କିତେ ଡ଼ାଙ୍ଗାଡ଼ିବଇ ଜି

ସାତୁଂଡୁମ୍‌ଲାମ୍‌ପ ଆନାଲ୍‌ଡୁବ୍‌ବଇ
ଆଙଇତର୍‌ଲାମ୍‌ପ ଆନାଲ୍‌ଡୁବ୍ ବଇ
ମାରାନ୍ ଆକେତେନ୍ ଆଡ଼୍‌ନାଂ ଆଡ଼୍‌ଲିଂନେ
ଗୁଡ଼୍‌ନ୍ ଆଗୁଡେନ୍ ଆଡ଼ନାଂ ଆଡ଼ିନେ

### ଓଡ଼ିଆ

### ନାଚ୍‌ବେଳେ

ସେଆଡ଼େ ଟିକେ ନାଚ୍ ଧାଙ୍ଗିଡ଼ି ମାନେ
ଏ ଆଡ଼େ ଟିକେ ନାଚ୍ ଧାଙ୍ଗିଡ଼ି ମାନେ
ମୋର ପାଦ ମାଡୁଚ୍ ଧାଙ୍ଗିଡ଼ି ମାନେ
ମୋର ହାତ ବାଜୁଛି ଧାଙ୍ଗିଡ଼ି ମାନେ

ଅଚେ୍ତାରେ ସବୁବେଳେ ଶୋଇଯାଉଛି
ଘୋର ନିଦ୍ରାରେ ସବୁବେଳେ ଶୋଇଯାଇଛି
ମୟୂର ଡ଼ାକରାରେ ମଧ୍ୟ ଉଠୁନାହିଁ
ଗୁଣ୍ଡୁରି ଚଢ଼େଇ ଡ଼ାକରାରେ ମଧ୍ୟ ଚେ୍ତା ନାହିଁ ।

## ଗୀତ - ୧୩୬

### ଡ଼ାଂଗିଡିନଜି ଡ଼ାଙ୍ଗାଡ଼ାନ ଗିନ୍‌ଲେ ଆକେନ୍‌ତେନଜି ଆକାନେନ୍

ମାଅ୍ଲା ସାଂଗ ଆଗୁନାଇ ଜୁମ୍‌ପିତାରାନ୍
ଜାଇଲା ଗାଡ଼ିଂ ଆଗୁମାଇ ରାଗାଡ଼େ ତାରାନ୍
ନାଇଲା ସାଙ୍ଗ ଗାମ୍‌ତେ କାକୁ ମାରାନ୍
ତିଇଞ୍ଜଲା ସାଂଙ୍ଗ ଗାମ୍‌ତେ ଉବା ମାରାନ୍

ମାଂଗିଲେ ତଂଲାଇ ଏନ୍‌ଡ଼େନ୍ ମାଂଗେତେ ମେମେଞ୍ଜନ୍
ବାଗୁମ୍‌ଲେ ତଂଲାଇ ଏନ୍‌ଡ଼େନ୍ ବାଗୁମ୍‌ତେ ମେମେଞ୍ଜେନ୍
ଗୁଡୁଲେନ୍ ତଂଲାଇ ଏନ୍‌ଡ଼େନ୍ ଗୁଡୁତେନ୍ ମେମେଞ୍ଜେନ୍
ଯାର୍ ଯାରରେ ତଂଲାଇ ଏନ୍‌ଡ଼େନ୍ ଯାର୍‌ଯାରତେନ୍ ମେମେଞ୍ଜେନ୍ ।

ସାରିଲେନ୍ ତଂଲାଇ ଏନ୍‌ଡ଼େନ୍ ସାରିତେନ୍ ମେମେଞ୍ଜେନ୍
ଡ଼ାୟାର୍‌ରେ ତଂଲାଇଏନ୍‌ଡ଼େନ୍ ଡ଼ାୟାରତେ ମେମେଞ୍ଜେନ୍
ଇଡ଼େଡ଼୍‌ଲେନ୍ ତଂଲାଇଏନ୍‌ଡ଼େନ ଇଡ଼େଡ଼୍‌ତେନ୍ ମେମେଞ୍ଜେନ୍
ଯୁର୍‌ଯଗୁରେନ୍ ତଂଲାଇଏନ୍‌ଡ଼େନ୍ ଯଗୁୟୁରତେନ୍ ମେମେଞ୍ଜେନ୍

କାକୁ ମାରାନ୍ ଇତେନ୍‌ତେ ଆତାରବାନ୍ ସାଇତେ
ଆନ୍‌ତାତେ ମାଇଞ୍ଜ୍ ଡ଼ାୟାର୍‌ରେ ଗୁଡ଼େତେ
ଉବା ମାରାନ୍ ଇତେନ୍‌ତେ ଆତାରବାନ୍ ସାଇତେ
ଆନ୍‌ତାତେ ମାଇଞ୍ଜ ଡ଼ାୟାରରେ ଗୁଡ଼େତେ ।

## ଓଡ଼ିଆ

## ଝିଅ ପୁଅକୁ ଦେଖି ଗୀତ

ଚଲ ସାଙ୍ଗ ତୁଳି ଯିବା ଗୋଟିଏ ଫୁଲ
ଆସ ସାଙ୍ଗ ତୁଳି ଯିବା ସୁନ୍ଦର ଫୁଲ
ଆମକୁ ଦେ ବୋଲି କହୁଛି ସେହି ନନା
ଆମକୁ ମାରୁଛି ଆର ଦଦେ ଭାଇ ।

ଉପରକୁ ଚହିଁ ନାଚିଲେ ଛାତି ଉପରକୁ ଯାଏ
ତଳକୁ ଚହିଁ ନାଚିଲେ ଛାତି ତଳକୁ ଯାଏ
କୁଦା ମାରି ନାଚିଲେ ଛାତି ହଲି ଯାଏ
ବୁଲି କରି ନାଚିଲେ ଛାତି ବୁଲି ଯାଏ
ହଲି ହଲି ନାଚିଲେ ଛାତି ହଲିଯାଏ
ପଛକୁବୁଲି ନାଚିଲେ ଛାତି ପଛକୁ ବୁଲିଯାଏ
ବେକ ହଲାଇ ନାଚିଲେ ଛାତି ହଲି ଯାଏ
ଝାଡ଼ି ଝାଡ଼ି ନାଚିଲେ ଛାତି ଝାଡ଼ି ଯାଏ ।

ଆମର ନନା ଯେଉଁ ଫୁଲ ଇଛା କଲ
ପଛକୁ ଫେରି ତୋଳି ନେଇ ଯାଇ
ଆମର ଭାଇନା ଯେ ଫୁଲ ପସନ୍ଦ କରେ
ତାହ ଫେରି ତୋଳି ନେଇ ଯାଉ ।

## ଗୀତ - ୧୩୭

## ଡ଼ାଗୋଡ଼ା ଡ଼ାଗାଡ଼ି ଆର୍‌ଗିନ କେନ୍

ପୁଁଅ-

ଗିଜ୍‌ଲାମ୍, ଗିଜ୍‌ଲାମ୍ ଲାଙ୍ଗିବଇ ଆମାନ୍
ଇମ୍‌ଲାମ୍, ଇମ୍‌ଲାମ୍ ତିମ୍‌ୟିମ୍‌ବଇ ଆମାନ୍
ମେଲାମ୍, ମେଲାମ୍ କୁକୁରବଇ ଆମାନ୍
ଡ଼ଂଅଂନାମ୍ ଞେନି ତିୟ୍‌ବେର୍‌ବେନ୍ ଆସାନ୍

ଝିଅ-

ଗିଜ୍‌ଲାମ୍ ଇମ୍‌ଲାମ୍ ମେଲ୍‌ଲାମ୍‌ଲା ଡ଼ଂଅଂନାମ୍
ଆଡାନ୍ ଆଡୁଡାଇ, ମାଂବାଞେନ୍ ବିର୍‌ନା ନାମ୍
ଇତ୍‌ସୁମ୍‌ଲିଂଞେନ୍ ଆମାନ୍‌ଆଡ୍ ଅମ୍‌ଡ଼େଲାମ୍
ଆଗିଜ୍‌ବେନ୍ ବଲଂସିନ୍ ଉଡ଼ାଗୁର ମୁକାନାମ୍
ଆଲର୍‌ବେନ୍ ବନାଡୁବ୍ ସିଣ୍ଡିଗୁର ମୁକାନାମ୍

ପୁଅ-

ଇତ୍‌ସୁମ୍‌ପ ଇଡ଼େତାମ୍ ଲାଙ୍ଗି ବଇ ଞେନ୍
ମନାପ ଇଡ଼େତାମ୍ ତିମ୍‌ୟିମ୍ ବଇଞେନ୍
ତୁଡୁପ ଇଡ଼େତାମ୍ କୁକୁର ବଇ ଞେନ୍
ଉଡ଼ାଗୁର୍, ସିଣ୍ଡିଗୁରାନ୍‌ମୁକାନାମ୍ ବାତେନ୍
ଡ଼ଂଅଂନାମ୍ ଞେନି ଆକୁଇନାବେନ ଆସାନ୍

ଝିଅ-

ଓଂଅଂନାମ୍, ଡ଼ଂଅଂଞେନ୍ ଆନ୍‌ରୋଂ ମାଇନେତେନ୍
କେଏନାମ୍, କେଏଞେନ୍ ଆନ୍‌ରେଂ ମାଇନେତେନ୍
ଇତ୍‌ସୁମ୍‌ନାମ୍, ଇତ୍‌ସୁମ୍‌ଞେନ୍ ଆନରେଂ ମାଇନେତେନ୍
ଞେନ୍ ଡଂଅଂନାମ୍ ଆକୁଇନାବେନ୍ ଆସାନ୍
ଞେନି ତିୟବେର୍ ତାମ୍ ବାରିନ୍ ପୁରାଡ଼ାଞେନ୍

## ଓଡ଼ିଆ

### ପୁଅ ଝିଅ ଦେଖା ଦେଖି ସମୟ ଗୀତ

ପୁଅ-

ଦେଖିଲି ଦେଖିଲି ସୁନ୍ଦରୀ ତମେ
ଜାଣିଲି ଜାଣିଲି ପ୍ରେମିକା ତମେ
ଜାଣିଲି ଜାଣିଲି କପୋତୀ ତମେ
ତୁମକୁ ମୁଁ କଥା ଦେବା ନିମନ୍ତେ
ତୁମକୁ ମୁଁ କଥା ଜଣାଇବା ନିମନ୍ତେ

ଝିଅ-

ଦେଖିଲି, ଜାଣିଲି, ଜାଣିଲି ତୁମକୁ
କେବେ ଆସିବ ତୁମର କଥାରେ
ମୋର ଇଛାରେ ତୁମକୁ ଅପେକ୍ଷାରେ
ଟିକିଏ ତୁମରି ମୁହଁକୁ ଚାହିଁଲି
ଟିକିଏ ତୁମରି ସ୍ନେହରେ ରହିଲି ।

ପୁଅ-

ତୁମର ଇଛା କିପରି ସୁନ୍ଦରୀ ମୋର
ମନକୁ ସମାନ କିପରି ପ୍ରେମିକା ମୋର
ସାଥି ସାଙ୍ଗ କିପରି କପୋତୀ ମୋର
ଆମ୍ବ, ଖଜୁରୀ ପରି ତୁମର ମୁହଁ ମୋର
ତୁମକୁ ବନ୍ଦନା କରିବା ପାଇଁ ମୋର

ଝିଅ-

ତୁମର ଦେହ, ମୋର ଦେହ ମିଶି ଗଲାଣି
ତୁମର ହୃଦୟ, ମୋର ହୃଦୟ ମିଶିଗଲାଣି
ତୁମର ଇଛା, ମୋର ଇଛା ମିଶିଗଲାଣି
ମୁଁ ତୁମକୁ ପ୍ରେମ ବନ୍ଦନା କରିବା ପାଇଁ
ମୁଁ ତୁମକୁ ଦେଉଛି କଥା ଚିରସ୍ଥାୟୀ ।

## ଗୀତ - ୧୩୮

## ଉଗୁଂବଇ ମାରନ୍‌ଜି, ଉଗୁଂବାଇ କେନ୍

ଲିମ୍‌ସି, ଲିମ୍‌ସି, ସମାନ୍‌ଡ଼ି ମାର୍ ଆମାନ୍
ଲିମ୍‌ସି, ଲମ୍‌ସି, ସମାନ୍‌ଡ଼ି ବଇ ଆମାନ୍ (ଆବୟାର କେନ୍)
ଡ଼ାଂଗାଡ଼ା ଅନ୍‌ଞ୍ଜେନ୍ ଆସାନ୍ ଡ଼ାଙ୍ଗାଡ଼ି ଅନନାମ୍
ସିଡ଼ଗୁଂଲେ ଉଗୁଂତେ, କାନି ଆଡ଼ିନ୍ନା ଲିଂ
ଗାକୁଇଲେ ଉଗୁଂତେ କୁଡୁବ୍ ମାନରା ଲିଂ ।

ସାନାବ୍‌ୟୁନ୍ ବାତେନ୍ ଡ଼ଂଲେନ୍ ଆୟେରବେନ୍
ମାନଅଇଞ୍ଜାନ୍ ବାତେନ୍ ଡ଼ଂଲେନ୍ ଆଞ୍ଜାନାବେନ୍
ଡ଼ାଙ୍ଗଡ଼ି ଅନ୍‌ନାମ୍ ଆନଲେନ୍ ଆମପାରା ଆୟେରବେନ୍
ତୁସିଲାଂ ବେରାନ୍ ଆବାମ୍‌ଡ଼ାଂଡଂଲେନ୍ ନାମି
ତୁଲେଲାଂ ବେରାନ୍ ଆବ୍‌ସାଡ଼ା ଡ଼ଂଲେନ୍ ନାମି
ବାକୁଡ଼ାୟେମ, ଗୁରୁୟେମ୍ ତିୟଡ଼ଂଲେନ୍ ନାମି

### ଓଡ଼ିଆ

### ବର ଯାତ୍ରୀ ଗାଉଥିବା ଗୀତ

ନମସ୍ତେ ନମସ୍ତେ ସମନ୍ଦି
ନମସ୍ତେ ନମସ୍ତେ ସମନ୍ଦି ଆଣି(ଘୋଷା)
ମୋ ପୁଅ ନିମନ୍ତେ ତୁମର କନ୍ୟା
ବିବାହ କରି ନେଉଛି ଆଜି
ଭୋଜି ପାଣି ହୋଇ ସମସ୍ତଙ୍କ ଆଗରେ
ଶାନ୍ତିରେ ଆମକୁ ଯିବା ନିମନ୍ତେ
ଆନନ୍ଦରେ ଆମକୁ ଚାଲିବା ନିମନ୍ତେ
ତୁମର କନ୍ୟା ଆମ୍ଭମାନଙ୍କ ସହିତ ଯିବା ନିମନ୍ତେ
ଅପମାନ୍ କଥା ନକୁହ ଆମକୁ ଆଜି
ଅଭଦ୍ର କଥା ନ ଶୁଣାଆ ଆମକୁ ଆଜି
ଦୁଃଖର କଥା, ଅଶାନ୍ତିର କଥା ଆମକୁ ନଶୁଣାଅ ଆଜି ।

## ଗୀତ - ୧୩୯

## ଉବ୍‌ମାନା କେନ୍

ଜାଇଲା ଜାଇ ସାଂଗ, ଉମେଂଲେ ଆୟେବା
ଜାଇଲା ଜାଇ ଗାଡ଼ି, ବାୟାଲେ ଆତୁବା
ଗାଲାଙ୍ଗାନ୍ ଗାରେନ୍ନାବାଲେନ୍‌ଲା ସାଂଗ
ଗୁସିଙ୍ଗାନ୍ ଗାରେନ୍ନାବାଲେନ୍‌ଲା ଗାଡ଼ିଂ ।

ଡିକଂଡୁନ୍ ଆଉନାନ୍, ଆଉଇଜ୍ ନାଇବା
କାରାନ୍ତାନ୍ ଆପୁଡ଼ାନ୍ ଆପୁଡ଼ା ନାଇବା
ରାମିନ୍ ଉବ୍‌ମାନାନ୍, ଆଉବ୍‌ମାନାଇବା,
ଗୁଡ଼ିନ୍ ରାଇଜାନାମନ୍, ଆରାଇଜା ନାଇବା ।

ଆପଇଲଂଲା ଡ଼ାଂଗାଡ଼ାନ୍ ୟେରାଇତେନ୍
ଆଡୁଙ୍ଗାନ୍‌ଲା ଅଂଗେରାନ୍ ଜାନାଇତେନ୍
ଆନନଂବାଲେନ୍‌ଲା ଆନ୍‌ରେଂ ୟେରାଇତେନ୍
ଡ଼ିଆସିଂ ବାଲେନ୍‌ଲା ଆନ୍‌ରେଂ ଗାନ୍ନେ ତେନ୍

ଉଡ଼ାଗୁରାନ୍ ଡ଼ାଙ୍ଗାଡ଼ାନ୍ ଗିଜ୍‌ଲାବେନ୍‌ଡ଼େନ୍
ସିଣ୍ଡିଗୁରାନ୍ ଡ଼ାଙ୍ଗାଡ଼ାନ୍ ଗିଜ୍‌ଲାବେନ୍‌ଡ଼େନ୍
ମାଡ଼ଲେନ୍‌ଲା ଇୟେର୍‌ତେ ଆମୁକା ଲିଙ୍ଗାନ୍
ଯେଏଲେନ୍‌ଲା ଇଗାନ୍‌ତେ ଆଡ଼ଅଂ ଲିଙ୍ଗାନ୍ ।

## ଓଡ଼ିଆ

## ଗାଧୋଇବା ଗୀତ

ଆସ ଆସ ସାଙ୍ଗ ମଧ ବେଗି ଯିବା
ଆସ ଆସ ସାଙ୍ଗ ମଧ ଚଞ୍ଚଳ ଯିବା
ଛାଇ ପରି ଆମ୍ଭମାନଙ୍କର ଚୁଆ ପାଣି ସାଙ୍ଗ
ଛାଇ ପରି ଆମ୍ଭମାନଙ୍କର ନିଜର ପାଣି ସାଙ୍ଗ ।

ଗୋଟିଏ ଚଢ଼େଇ ପରି ଗାଧୋଇ ଯିବା
ଗୋଟିଏ ଚଢ଼େଇ ପରି ପହଁରି ଯିବା
ରଣି ଚଢ଼େଇ ପରି ବୁଡ଼ି ଯିବା
ଗୁଣ୍ଡରି ଚଢ଼େଇ ପରି ଗୀତଗାଇ ଯିବା ।

ଜଣେ ଯୁବା ଲୋକ ଆସୁ ଅଛନ୍ତି
ଜଣେ ପୁରୁଷ ଲୋକ ପହଞ୍ଚୁ ଅଛନ୍ତି
ଆମ ବାରଣ୍ଡା ଧାଡ଼େ ଆସିଗଲେଣି
ଆମ ଘର ଭିତରେ ପହଞ୍ଚିଗଲେଣି ।

ସେହି ଯୁବାଲୋକ ଦେଖି
ସେହି ପୁରୁଷଲୋକ ଦେଖି
ଆମର ଆଖି ଟାଣି ନେଉଛି
ଆମର ମନ୍ ଟାଣି ନେଉଛି ।

## ଗୀତ - ୧୪୦

### ସିଡ଼୍‌ଗୁଡାନ୍ ଆଡିକି ଆଡୁଡୁବାଇଜାନ୍‌ଜି ଆନୁସରେଂ କିନ୍

ଏ ତାନିମ୍‌ୟେମ୍‌ଡ଼ାମ୍ କାକେଂ ନାମି ଆମାନ୍
ଏ ମାନାଡ଼୍‌ସିଡ଼ାମ୍ ସାଂଙ୍ଗ ନାମି ଆମାନ୍
ଏ ତାନୁଡ଼୍‌ଡ଼ାମ୍ ବୁଲମାଇ ନାମି ଆମାନ୍
ଗୁପାନ୍ ତାନ୍‌ରଲାନ୍ ଆମାନ୍ ଞାଂଲେ
ଗାନାନ୍ ତାନ୍‌ରଲାନ୍ ଆମାନ୍ ଞାଂଲେ ।

ତାପର୍‌କୁଡ଼୍ ଓ୍ୟାନାମ୍‌ଜି ସାରିଂ
ରିଜଇ କୁଡ଼୍ ଭୟାଂନାମ୍‌ଜି ସାରିଂ
କୁକୁର, ଡୁମୁଲ ଜାନୁଡ଼େନ୍ ଞାଂଲେ
କୁଡ଼ିତାର, ବାବ୍‌ରେମାମ୍‌ଜି ଅମ୍‌ଡ଼ାଲେ
ଦୁମ୍ମାତାର୍ ବୁଲମାଇନାମ୍‌ଜି ଅମ୍‌ଡ଼ାଲେ ।

ବାର୍‌ଲୁଂ, ଏର୍‌ଲୁଂ, ଆକୁଲ ସିଂନାମଜି
ଆଡ଼ଲୁଡ଼୍‌ସିଂ ଗେଗେନାମ୍ ଆବୁତେନ ଜଜଏ
କୁଡ଼ାଡୁଡ଼୍ ଗେଗେନାମ୍ ଆବୁତେନ ତିର୍‌ଜଏ
କୁରୁଇଜଲ୍ ପିଣ୍ଡାନାମ୍ ଆବୁତେନ୍ ଜଡ଼ାଏ,
ଗାଂଙ୍ଗାଅଲ ପିଣ୍ଡାନାମ୍ ଆବୁତେନ୍ ଜବଲିଡ଼େ ।

ଗୁସିଂଡାନ୍ ଗାରେନ୍ନା ବାଲେନ୍ ସାଂଙ୍ଗ
ଗାଲାଡାନ୍ ଗାରେନ୍ନା ବାଲେନ୍ ଗାଡ଼ିଂ
ତାରାଡ଼ଲ ଗାରିଜ୍ଞା ସେଂବାଲେନ୍ ବୁଇମାଇ
ଆବୁତେନ୍‌ଲା ସାଂଙ୍ଗ ତିୟ୍‌ବେରାଇ ନାମ୍ ସାରିଂ
ଆବୁତେନ୍‌ରେ ଗାଡ଼ିଂ ଜାବେରାଇ ନାମ୍ ସାରିଂ

ମେଡ଼ାରି ଟାଇଞ୍ଚ୍ ସୁନରୁଇଲେଲା କାକେଂ
କିନ୍‌ଡ଼ାଲ୍ ଟାଇଞ୍ଚ୍ ଲଇଡ୍‌ଲେନ୍‌ଲା ବୁଲମାଇ
ଅଡ଼ୟେର, ସାତୁଆବାଲେଲା ଏତନାନ୍
ଆବୁଟେନ୍‌ଲା ଡ଼ନ୍‌ସିଏ ନାମି ସାରିଂ
ଆବୁଟେନ୍‌ଲା ଈଡ଼ାବେ ନାମି ସାରିଂ

ଆର୍‌ସି ବୁର୍ ବାଲେନ୍ ଆବାରାନ୍ ଆୟାମ୍ ଲିଙାନ୍
କାରୁ ବୁର୍ ବାଲେନ୍ ଆଞ୍ଜାନାର ଆଡ଼ିନ୍ନା ଲିଙାନ୍
ଜାନୁଣ୍ଡାର କୁଲ୍‌ବାଲେ ଆରୁକୁନା ଲିଙାନ୍
କାନ୍ତୁଇ ମଡ଼େଂଗେନା ଡ଼େତାଲେନ ଏସାଂଙ୍ଗ
ଆଡ଼ାଂ ମଡ଼େଂଗେ ନା ଡ଼େତାଲେନ୍ ଏ ବୁଲମାଇ ।

ଓଡ଼ିଆ

**ନିର୍ବନ୍ଧ ପରେ ଝିଅ ସାଂଙ୍ଗମାନେ ଗାଉଥିବା ଗୀତ**

ପ୍ରେମିକା ବଡ଼ ଭଉଣୀ ତୁମେ
ସ୍ନେହର ସାଙ୍ଗ ଆଜି ତୁମେ
ପ୍ରିୟର ଭଉଣୀ ଆଜି ତୁମେ
ରୂପାର ମାଳି ତୁମେ ପାଇଲେ
ସୁନାର ମାଳି ତୁମେ ପାଇଲେ ।

କୁଳର ପିତାଙ୍କ ସମ୍ମୁଖରେ
କୁଳର ମାତାଙ୍କ ସମ୍ମୁଖରେ
କପୋଥ, ଘୁଘୁ ପରି ଆଜି ପାଇଲା
ତୁମର ନନା, ଭାଇମାନଙ୍କ ଗାଡ଼ିଲ
ତୁମର ନାନୀ, ଭଉଣୀମାନଙ୍କ ଗାଡ଼ିଲ ।

ଦୁଇ ବା ତିନି ବଖରା ଘରକୁ
ଘରର ସବୁ କିଛି କିଏ ଝଟାଇବ
ଘରର ଚୁଲ୍ଲି ଜଳାରେ କିଏ ଜଳାଇବ
ଘଣ୍ଟିଆ ପତ୍ର ପରି ବାରଣ୍ଡା କିଏ ଲିପିବ
ଗଙ୍ଗା ପତ୍ର ପରି ତୁମର ପିଣ୍ଡା କିଏ ଲେସିବ ।

ଛାୟା ପରି ଆମ୍ଭମାନଙ୍କର ଚୁଆ ସାଙ୍ଗ
ଛାୟା ପରି ଆମ୍ଭମାନଙ୍କର ଝରଣା ସାଙ୍ଗ
ସବୁ କିଛି ମାଜିବା ସ୍ଥାନ ଠାରେ ଭଉଣୀ
କାହାକୁ ତୁଣ୍ଡାଇବି ଯାହା କିଛି ବିଷୟ
କିଏ ଆମକୁ କଥା ଦେଇ ପାରିବ ।

ମେଦରୀ ମାନଙ୍କର ଗୁଲି ନାନୀ
ମେଦରୀ ମାନଙ୍କର ଡ଼ଲଲା ଭଉଣୀ
କୁଲ୍ହା, ଚଟୁ ବ୍ୟବହାର ଜିନିଷ କିଛି
କିଏ ଧରି କାମ କରି ପାରେ
କିଏ ଗୋଟାଇ କର୍ମ ଲଗାଏ ।

ହନୁମାଙ୍କଡ଼ ଡ଼ଙ୍ଗରର କାମ ବେଳେ
ମାଙ୍କଡ଼ି ଡ଼ଙ୍ଗରର କର୍ମ ବେଳେ
ନେଇଥିବା କଳସି ଛାଉ ସ୍ଥାନରେ
ପେଚା ଚଢ଼େଇ ପରି ଏଣେ ତେଣେ ହେବ
ଚିଲଲ ଚଢ଼େଇ ପରି ଆମେ ଅନାଇବୁ ।

## ଗୀତ - ୧୪୧

### ଆନ୍‌ଡ଼ିଡ୍‌ନା କେକ୍

ଏ ସାଙ୍ଗ, ସାଙ୍ଗ ଜାଇଲା ଆୟେରେ
ଏ ଗାଡ଼ିଂ, ଗାଡ଼ିଂ, ଗାଡ଼ିଂ ଜାଇଲା ଆୟେରେ
ଏ ବୁଲ୍‌ମାଇ, ବୁଇମାଇ, ବୁଲ୍‌ମାଇ ଜାଇଲା ଆୟେରେ
କଡ଼ାନ୍ ଗୁକୁନାନ୍ ଆଗୁକୁ ନାଇବା ଆନ୍‌ଲେନ୍
ମୁଇଡ଼ାନ୍ ତଙେନାନ୍ ଆତଙେନାଇବା ଆନ୍‌ଲେନ୍ ।

ମାଲା, ମାଲା, ମାଲା ସାଂଙ୍ଗ ଆୟେର୍‌ବା
ଜାଇଲା, ଜାଇଲା, ଜାଇଲା ଗାଡ଼ିଂ ଆୟେରବା
ଟାର୍‌ରପୁଡ଼ ଗୁକୁନାନ୍ ଆଗୁକୁନାଇବା ଆନ୍‌ଲେନ୍
କଡ଼ାନ୍ ତାମ୍‌ପୁଡ୍‌ନାନ୍ ଆତାମ୍‌ପୁଡ଼ନାଇବା ଆନଲେନ୍
ଓୁମୁଲ୍ ତାମ୍‌ପୁଡ଼ନାନ୍ ଆତାମ୍‌ପୁଡ଼ନାଇବା ଆନ୍‌ଲେନ୍

ମାଲା, ମାଲା, ସାଂଙ୍ଗ ଆନ୍‌ଲେନ୍ ଆୟେର୍‌ବା
ଜାଇଲା, ଜାଇଲା, ଗାଡ଼ିଂ ଆନ୍‌ଲେନ୍ ଆୟେରବା
ବାନୁମ୍‌ସୁର ଗୁକୁନାନ୍ ଆନ୍‌ଲେନ୍ ଆଗୁକୁନାଇବା
ଆର୍‌ସିନ୍ ତିନ୍‌ଡୁଇନାନ୍ ଆତିନ୍‌ଡୁଇନାଇବା
କାଗୁନ୍ ତିଜ୍‌ଜାବାନ୍ ଆତିଜ୍‌ଜାବ୍‌ନାଇବା

ଜାଇଲ, ଜାଇଲା, ସାଂଙ୍ଗ ଆନଲେନ୍
ମାଲା, ମାଲା, ଗାଡ଼ିଂ ଆନ୍‌ଲେନ୍
ତିଙ୍ଗାଡୁନ୍ କେର୍‌ନାନ୍ ଆକେର୍‌ନାଇବା ଆନ୍‌ଲେନ୍
ଗୋଗାତିଡ଼ କାଇଜନାନ୍ ଆକାଇଜ୍‌ନାଇବା ଆନ୍‌ଲେନ୍
ମାରାନ୍ ତଂସେଙାନ୍ ଆତଂସେଂନାଇବା ଆନ୍‌ଲେନ୍ ।

## ଓଡ଼ିଆ

### ଖେଳ ସମୟର ଗୀତ

ହେ ସାଙ୍ଗ, ସାଙ୍ଗ, ସାଙ୍ଗ ଆସ ଯିବା
ହେ ସାଙ୍ଗ, ସାଙ୍ଗ, ସାଙ୍ଗ ଆସ ଯିବା
ହେ ଭଉଣୀ ଭଉଣୀ, ଭଉଣୀ ଆସ ଯିବା
ବଗମାନ ପରି ଦଳ ଦଳ ହୋଇଯିବା
ପିମ୍ପୁଡ଼ି ଧାଡ଼ି ପରି ଆମେ ଚାଲିଯିବା ।

ଚାଲ, ଚାଲ, ଚାଲ, ସାଙ୍ଗ ଯିବା
ଆସ, ଆସ, ଆସ, ସାଙ୍ଗ ଯିବା
ଚଢ଼ଇ ପରି ଏକତ୍ର ହୋଇ ଯିବା
ବଗ ପରି ଦଳ ଦଳ ହୋଇ ଉଡ଼ିବା
ହରଡ଼ ପରି ଦଳ ଦଳ ହୋଇ ଉଡ଼ିଯିବା ।

ଚାଲ, ଚାଲ, ଚାଲ ସାଙ୍ଗ ଆମେ ଯିବା
ଆସ, ଆସ, ଆସ, ସାଙ୍ଗ ଆମେ ଯିବା
ବାଲି ଛତୁ ମନ୍ଦା ପରି ମନ୍ଦା ହୋଇ ଯିବା
ହନୁ ପରି ଡ଼ିଆଁ ଡ଼େଇଁ ଯିବା
ମାଙ୍କଡ଼ ପରି ଡ଼ିଆଁ ଡ଼େଇଁ ଯିବା ।

ଆସ, ଆସ, ଆସ, ସାଙ୍ଗ ଆମେ
ଚାଲ, ଚାଲ, ଚାଲ, ସାଙ୍ଗ ଆମେ
ବଣ ଚଢ଼େଇ ପରି ଆମେ ଗୀତ ଗାଇ ଯିବା
ଗୋଇ ଚଢ଼େଇ ପରି ଆମେ ଗୀତ ଗାଇ ଯିବା
ମୟୂର ନାଚ ପରି ଆମେ ନାଚି ନାଚି ଯିବା ।

***


ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ